

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୪ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 SEPTEMBER 2021
Vol.No. 32 ■ No. 226 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦିଲ୍ଲୀ ବିଧାନସଭାରେ ଠାବ ହେଲା ଗୁପ୍ତ ସୁଡଙ୍ଗ



ନୂଆଦିଲ୍ଲୀ,୦୩/୦୯: ଦିଲ୍ଲୀ ବିଧାନସଭାରେ ଠାବ ହେଲା ଗୁପ୍ତ ସୁଡଙ୍ଗ । ବିଧାସଭା ପରିସର ଭିତରୁ ଏହି ଗୁପ୍ତ ସୁଡଙ୍ଗ ଲାଲାକିଲ୍ଲା ପର୍ଯ୍ୟନ୍ତ ଲମ୍ବିଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ବ୍ରିଟିଶ ସରକାର ଆନ୍ଦୋଳନକାରୀଙ୍କ ଠାରୁ ରକ୍ଷା ପାଇବା ପାଇଁ ଏହି ସୁଡଙ୍ଗର ବ୍ୟବହାର କରୁଥିଲେ । ଗୁରୁବାର ଦିଲ୍ଲୀ ବିଧାନସଭାରେ ଠାବ ହୋଇଛି ଏହି ଗୁପ୍ତ ସୁଡଙ୍ଗ । ଏନେଇ ସୁଚନା ଦେଇଛନ୍ତି ଦିଲ୍ଲୀ ବିଧାନସଭା ଅଧ୍ୟକ୍ଷ ରାମ ନିବାସ ଗୋୟଲ । ସୁଡଙ୍ଗଟି ବିଧାସଭାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଲମ୍ବିଥିବା ଜଣା ପଡିଛି । ଏହି ସୁଡଙ୍ଗକୁ ବିଟ୍ରିଶ ସରକାର ବ୍ୟବହାର କରୁଥିଲେ । ସ୍ୱାଧିନତା ସଂଗ୍ରାମୀଙ୍କୁ ବାନ୍ଧିକି ନେବା ସମୟରେ କୌଣସି ଆନ୍ଦୋଳନକୁ ଏଡାଇବା ପାଇଁ ବ୍ରିଟିଶ ସରକାର ଏହି ସୁଡଙ୍ଗକୁ ବ୍ୟବହାର କରୁଥିବା ସୂଚନା ମିଳିଛି । ଯେଉଁ ଭବନରେ ଆଜି ଦିଲ୍ଲୀର ବିଧାନସଭା ଗୃହ ଅଛି, ୧୯୧୨ରେ ରାଜଧାନୀ କଲିକତାରୁ ଦିଲ୍ଲୀ ସ୍ଥାନାନ୍ତର କରିବା ପରେ, ବ୍ରିଟିଶ ସରକାର ଏହାକୁ କେନ୍ଦ୍ରିୟ ବିଧାନସଭା ଗୃହ ରୁପରେ ବ୍ୟବହାର କରୁଥିଲେ । ପରେ ୧୯୨୬ ମସିହାରେ ଏକ ଅଦାଲତରେ ବଦଳାଯାଇଥିଲା । ଇଂରେଜମାନେ ସ୍ୱାଧିନତା ସଂଗ୍ରାମି ମାନଙ୍କୁ ଅଦାଲତକୁ ଆଣିବା ପାଇଁ ଏହି ସୁଡଙ୍ଗର ବ୍ୟବହାର କରୁଥିଲେ । ଏବେ ଏହି ସୁଡଙ୍ଗ ମିଳିଥିବାବେଳେ ଏହାକୁ ଆଗକୁ ଖୋଦା ଯାଇପାରୁନାହିଁ । କାରଣ ଦିଲ୍ଲୀର ମେଟ୍ରୋ ପରିଯୋଜନା ଫଳରେ ସୁଡଙ୍ଗର ରାସ୍ତା ନଷ୍ଟ ହୋଇସାରିଛି । ସ୍ୱାଧୀନତାର ୭୫ ବର୍ଷ ପରେ ଏହା ଠାବ ହେଇଛି । ବିଧାନସଭା ଅଧକ୍ଷ କହିଛନ୍ତି, ସେ ଏହି ସୁଡଙ୍ଗକୁ ସ୍ୱାଧିନତା ସଂଗ୍ରାମୀଙ୍କ ମନ୍ଦିର ରୁପେ ପରିବର୍ତନ କରିବାକୁ ଚାହୁଁଛନ୍ତି । ଯାହାଫଳରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇପାରିବ । ଦେଶର ସ୍ୱାଧିନତା ସାଙ୍ଗରେ ଏହି ବିଧାନସଭା ଗୃହ ଜଡିତ ବୋଲି ସେ କହିଛନ୍ତି । ଆଗାମି ସ୍ୱତନ୍ତ୍ରତା ଦିବସରେ ଏହା ପର୍ଯଟକଙ୍କ ପାଇଁ ଖୋଲାଯିବ ବୋଲି ବିଧାନସଭା ଅଧକ୍ଷ ରାମ ନିବାସ ଗୋୟଲ ସୁଚନା ଦେଇଛନ୍ତି ।

## କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ ଯୋଗୁ ଚାଲି ପାରିଲାନି ବିଧାନସଭାର ପ୍ରଥମାର୍ଦ୍ଧ ବୈଠକ

ଭୁବନେଶ୍ୱର,୦୩/୦୯(ନି.ପ୍ର): ବିଧାନସଭା ମୌସୁମୀ ଅଧିବେଶନର ତୃତୀ ଦିନରେ ବି ଆଜି ଆରମ୍ଭରୁ କଂଗ୍ରେସ ହଟ୍ଟଗୋଳ କରିଥିଲେ । ହଟ୍ଟଗୋଳକୁ ଏଡାଇବାକୁ ଯାଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଫଳରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଶୂନ୍ୟକାଳ ଓ ମୁଲତବୀ ନୋଟିସ ଉପରେ ଆଲୋଚନା ହୋଇପାରି ନାହିଁ । ଆଜି ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ କହିଥିଲେ । ମାତ୍ର କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ନିଜ ଆସନରେ ଠିଆ ହୋଇ ଷ୍ଟାଫ ସିଲେକ୍ସନ କମିଟିରେ ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲେ ।

## ଦୃତୀ ଚାନ୍ଦଙ୍କ ବିରୋଧରେ ଅଶାଳୀନ ଟିପଣୀ ପଡିଲା ମହଙ୍ଗା

# ୱେବ ପୋର୍ଟାଲ ମାଲିକ ଅଟକ



ଭୁବନେଶ୍ୱର,୦୩/୦୯(ନି.ପ୍ର): ଦୃତୀ ଚାନ୍ଦଙ୍କ ଅଭିଯୋଗ ପରେ ୱେବ୍ ପୋର୍ଟାଲର ସଂପାଦକ ସୁଧାଂଶୁ ରାଉତଙ୍କୁ ଉଠାଇ ଆଣିଲା ପୁଲିସ । ଭୁବନେଶ୍ୱର ମହିଳା ଥାନାରେ ସୁଧାଂଶୁଙ୍କୁ କରାଯାଇଛି ମାରାଥନ ଜେରା । ଦୃତୀ ଅଭିଯୋଗ କରିଥିଲେ, ଅଲମ୍ପିକ୍ ଖେଳିବାକୁ ଯାଇଥିବା ବେଳେ ୱେବ୍ ପୋର୍ଟାଲରେ ଦୃତୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ସହ ବିବାଦୀୟ ଖବର ପ୍ରସାରଣ କରିଥିଲେ ସୁଧାଂଶୁ । ମହିଳା ଥାନାରେ ଏତଲା ଦେଇ ଦୃତୀ ଅଭିଯୋଗ କରିଥିଲେ, ୱେବପୋର୍ଟାଲ ସଂପାଦକ ସୁଧାଂଶୁ ରାଉତ ଏବଂ ସଂପୃକ୍ତ ୱେବ ପୋର୍ଟାଲର ପ୍ରତିନିଧି ସ୍ମୃତିରଂଜନ ବେହେରା ତାଙ୍କୁ ଟଙ୍କା ମାଗିଥିଲେ ଓ ସେ ମନା କରିବାରୁ ବଦନାମ କରିବାକୁ ଅଶ୍ଳୀଳ ଭାଷାରେ ଖବର ପ୍ରସାରଣ କରିଥିଲେ । ଫଳରେ ଅଲମ୍ପିକ୍ସ ବେଳେ ସେ ମାନସିକ ଚାପରେ ଥିଲେ । ପୁଲିସର କାର୍ଯାନୁଷ୍ଠାନ ପରେ ଦୃତୀ କହିଛନ୍ତି, ତାଙ୍କୁ ନ୍ୟାୟ ମିଳିବ । ସୁଧାଂଶୁ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଆଇପିସିର ଧାରା ୩୫୪-ଏ ଅର୍ଥାତ୍ ଯୌନ ନିର୍ଯାତନା, ଆଇପିସିର ଧାରା ୫୦୬ ଅର୍ଥାତ ଅପରାଧିକ ଧମକ, ଆଇପିସିର ଧାରା ୧୨୦-ବି ଅର୍ଥାତ ଅପରାଧିକ ଷଡଯନ୍ତ, ଧାରା ୩୮୫ ଅର୍ଥାତ୍ ଭୟଭୀତ କରି ବଟି ଆଦାୟ କରିବା, ଧାରା ୫୦୯ ଅର୍ଥାତ୍ ଜଣେ ମହିଳାଙ୍କ ଇଜ୍ଜତ୍ ଉପରେ ଆଂଚ ଆଣିବା ପରି କାର୍ଯ୍ୟ କରିବା, ୨୯୨-୨ ଅର୍ଥାତ୍ ଅଶ୍ଳୀଳ ଭାଷାରେ ଖବର ପ୍ରସାରଣ କରିବା ଭଳି ସଂଗୀନ ଧାରାରେ ମାମଲା ରୁଜୁ କରିଛି ପୁଲିସ ।

## ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୩/୦୯ (ନି.ପ୍ର): ଆସନ୍ତା ୬ ତାରିଖ ସୁଦ୍ଧା ଉତର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ବିଶେଷ କରି ଆସନ୍ତାକାଲିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବାନେଇ ପାଣିପାଗ ବିଭାଗ ଆକଳନ କରିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ଅପରାହ୍ନରେ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି ଯେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ▶▶ପୃଷ୍ଠା ୭

## ଆଫଗାନିସ୍ତାନରେ ଗଠନ ହେଉଛି ନୂଆ ସରକାର

# ତାଲିବାନ ଶାସନର ମୁଖ୍ୟ ରହିବେ ମୁଲ୍ଲା ବରାଦର



ନୂଆଦିଲ୍ଲୀ,୦୩/୦୯: ଆଜି ନୂଆ ସରକାର ଗଠନ କରିବ ତାଲିବାନ । ନୂଆ ସରକାର ଗଠନ ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହେବ । ହେଲେ କ୍ଷମତା ବଂଟନ ନେଇ ତାଲିବାନ ଭିତରେ କିଛିଟା ବିଭେଦ ଥିବା କଥା ସାମ୍ନାକୁ ଆସୁଛି । ସର୍ବୋଚ୍ଚ ନେତା ମୁଲ୍ଲା ଅଖୁନ୍ଦଜାଦାଙ୍କ ହାତରେ ସମସ୍ତ ସରକାରୀ ଓ ଧାର୍ମିକ କ୍ଷମତା ରହିବା ନେଇ ପୂର୍ବରୁ କୁହାଯାଉଥିଲା । ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀ ତାଙ୍କ ଅଧିନରେ ରହିବେ । ଇରାନ୍ ମଡେଲ୍ ଆଧାରରେ ତାଲିବାନର ନୂଆ ଶାସନ ବ୍ୟବସ୍ଥାର ରୂପରେଖ ପ୍ରସ୍ତୁତ କରାଯାଇଛି । ହେଲେ ତାଲିବାନର ଅନ୍ୟ ଏକ ସୂତ୍ରରୁ ଜଣାପଡୁଛି ମୁଲ୍ଲା ବରାଦର ସରକାର ମୁଖ୍ୟ ହେବାର ସମ୍ଭାବନା ରହିଛି । ମୁଲ୍ଲା ୟାକୁବ ଓ ସେର ମହମ୍ମଦ ଷ୍ଟାଙ୍କେଯାଇ ନୂଆ ସରକାରରେ ମହିଳାଙ୍କ ଭୂମିକା ମଧ ରହିବ । ତାଲିବାନ ପକ୍ଷରୁ ପ୍ରତ୍ୟେକ ପ୍ରଦେଶର ଗଭର୍ଣ୍ଣର, ପୋଲିସ ମୁଖ୍ୟ ଓ ଜିଲ୍ଲାର ପୋଲିସ କମାଣ୍ଡଙ୍କୁ ନିଯୁକ୍ତି ଦିଆସରିଛି । ସରକାର ଗଠନ ପରେ ଆଗକୁ ତାଲିବାନ ପାଇଁ ବଡ ଚ୍ୟାଲେଂଜ ରହିଛି । ଏବେ ଦେଶରେ ଆର୍ଥିକ ସ୍ଥିତି ସଂପୂର୍ଣ୍ଣ ଭୁଶୁଡି ପଡ଼ିଛି । ଆଫଗାନିସ୍ତାନରେ ଗଚ୍ଛିତ ଥିବା ଖାଦ୍ୟ ଚଳିତ ମାସରେ ଶେଷ ହୋଇଯାଇପାରେ । ନୂଆ ତାଲିବାନ ଶାସକଙ୍କ ପାଇଁ କ୍ଷୁଧା ସଂକଟ ଦୂର କରିବା ପ୍ରଥମ ଚ୍ୟାଲେଂଜ ହେବ । ଦେଶରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବଢ଼ିବା ଆରମ୍ଭ କଲାଣି । ଖାଦ୍ୟ ଓ ଇନ୍ଧନର ମୂଲ୍ୟ ବୃଦ୍ଧି ସହ ଦେଶରେ ଏସବୁ ଉପଲବ୍ଧ ହେବା ନେଇ ମଧ ଆଶଙ୍କା ପ୍ରକାଶ ପାଇଛି । ଲମ୍ବା ଲମ୍ବା ଧାଡ଼ିରେ ଲୋକେ ଦୋକାନ ଆଗରେ ଘଂଟା ଘଂଟା ଧରି ଅପେକ୍ଷା କରୁଥିବାର ଦୃଶ୍ୟ ମଧ ସାମ୍ନାକୁ ଆସିବାରେ ଲାଗିଛି । ଦେଶ ଚଳାଇବାକୁ ଆବଶ୍ୟକ ଅର୍ଥ ▶▶ପୃଷ୍ଠା ୭

## ୪୬ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆଇଆଇଟି-ସଂଚାଳନ ସମିତି ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା




ନୂଆଦିଲ୍ଲୀ/ଭୁବନେଶ୍ୱର,୦୩/୦୯ (ନି.ପ୍ର): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ୪୬ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ୬ ହଜାର ପଦବୀକୁ ଅକ୍ଟୋବର ଶେଷ ସୁଦ୍ଧା ପୂରଣ କରିବା ପାଇଁ ମିଶନ ମୋଡରେ କାର୍ଯ୍ୟ କରିବାକୁ ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଅନ୍ୟ ଏକ ପୃଥକ ବୈଠକରେ ସମସ୍ତ ୨୩ଟି 'ଆଇଆଇଟି ଗବେଷଣା ଏବଂ ବିକାଶ ମେଳା' ନଭେମ୍ବରରେ ଅନୁଷ୍ଠିତ ହେବା ନେଇ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଗୁରୁ ଦିବସର ଅବ୍ୟବହିତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୁକ୍ରବାର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ୪୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା(ଆଇଆଇଟି)ର ନଭେମ୍ବର ମାସରେ ହେବାକୁ ଥିବା ଗବେଷଣା ଏବଂ ବିକାଶ ମେଳାର ଆୟୋଜନ ପାଇଁ ଗଠିତ ଆଇଆଇଟି ସଂଚାଳନ ସମିତି ସହ ଅନୁଷ୍ଠିତ ପୃଥକ ପୃଥକ ବୈଠକରେ ଆଲୋଚନା କରିଛନ୍ତି । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଆଲୋଚନା କରିବା କାଳରେ ଶ୍ରୀ ପ୍ରଧାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ୬ ହଜାର ପଦବୀକୁ ଅକ୍ଟୋବର ସୁଦ୍ଧା ପୂରଣ କରିବା ତଥା ପଦବୀରେ ଏସସି, ଏସଟି, ଓବିସି, ଆର୍ଥିକ ▶▶ପୃଷ୍ଠା ୭

## ପଞ୍ଚଭୂତରେ ମିଶିଲେ ଅଭିନେତା ସିଦ୍ଧାର୍ଥ ଶୁକ୍ଳା

ଭୁବନେଶ୍ୱର,୦୩/୦୯(ନି.ପ୍ର): ଶେଷ ନିଦ୍ରାରେ ଟିଭି ମନୋରଂଜନ ଦୁନିଆର ସୁପରଷ୍ଟାର ସିଦ୍ଧାର୍ଥ ଶୁକ୍ଳା । ମୁମ୍ବାଇର ଓସିୟାରା ଶ୍ମସାନରେ ତାଙ୍କର ଅନ୍ତିମ ସଂସ୍କାର ସଂପନ୍ନ ହୋଇଛି । ବ୍ରହ୍ମକୁମାରୀ ରୀତିରେ କରାଯାଇଛି ଅନ୍ତିମ ସଂସ୍କାର । କରୋନାକୁ ନଜରରେ ରଖି ଖୁବ୍ ସଂଖ୍ୟକ ଲୋକଙ୍କୁ ନେଇ ସିଦ୍ଧାର୍ଥ ଶୁକ୍ଳାଙ୍କ ଅନ୍ତିମ ଯାତ୍ରାର ସବୁ ନୀତି ସଂପନ୍ନ ହୋଇଛି । ଶେଷ ବିଦାୟ ବେଳାରେ ସମସ୍ତଙ୍କ ଆଖିରେ ଥିଲା ଲୁହ । ଏପଟେ ସିଦ୍ଧାର୍ଥଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିସାରିଛି । ଶରୀର ଭିତରେ ଓ ବାହାରେ ନାହିଁ କୌଣସି ଆଘାତର ଚିହ୍ନ ନ ଥିବା ବେଳେ ମୃତ୍ୟୁର କାରଣ ଜାଣିବା ପାଇଁ ହିଷ୍ଟୋପାଥୋଲୋଜି ଷ୍ଟଡି ଓ କେମିକାଲ ଆନାଲିସିସ୍ ହେବ ବୋଲି କୁହାଯାଇଛି । ଆଖିରେ ଲୁହ ଆଉ ମନରେ ଅନେକ କୋହ ଦେଇ ଏମିତି ଅକାଳରେ ଚାଲିଯାଇଛନ୍ତି ଟିଭି ଦୁନିଆର ସୁପରଷ୍ଟାର , ତଥା ବିଗବସ୍ ୧୩ର ବିଜେତା ସିଦ୍ଧାର୍ଥ ଶୁକ୍ଳା । ମୁମ୍ବାଇର ଓସିୟାର ଶ୍ମଶାନରେ ହୋଇଛି ଅନ୍ତିମସଂସ୍କାର । ପୁରା ବ୍ରହ୍ମକୁମାରୀ ରୀତିନୀତିରେ ସିଦ୍ଧାର୍ଥ ଶୁକ୍ଳାଙ୍କ ଅନ୍ତିମସଂସ୍କାର କରାଯାଇଛି । ଶ୍ମଶାନ ଘାଟ ବାହାରେ ଲାଗିଥିଲା ସିଦ୍ଧାର୍ଥ ଶୁକ୍ଳାଙ୍କ ଫ୍ୟାନଙ୍କ ଭିଡ ।

## ସର୍ବଦଳୀୟ ବୈଠକ ପରେ ଗୃହ ହେଲା ସ୍ୱାଭବିକ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ଦ୍ୱିତୀୟାର୍ଧ ବୈଠକ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସରକାରୀ କାଗଜ ଉପସ୍ଥାପନା ପାଇଁ ଡାକିଥିଲେ । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ନିଜ ଆସନରେ ଠିଆ ହୋଇ କିଛି କହିବାର ଦେଖା ଯାଇଥିଲା । ବାଚସ୍ପତି ଶ୍ରୀ ପାତ୍ର ତାଙ୍କୁ କହିଲେ ଯେ ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡାକିବାକୁ ଯାଉଛନ୍ତି । ଏହା ପୂର୍ବରୁ କିଛି କାଗଜ ଉପସ୍ଥାପନା କରିବାର ଅଛି । କାଗଜ ଉପସ୍ଥାପନା କରା ଯିବା ପରେ ତାଙ୍କ ପ୍ରକୋଷ୍ଠରେ ବୈଠକ ଅନୁଷ୍ଠିତ ହେବ । ନରସିଂହ ମିଶ୍ର ଏହାର ପ୍ରତିବାଦ କରି କହିଲେ ଯେ ତାଙ୍କ କଥା ନ ଶୁଣି ସରକାରୀ କାର୍ଯ୍ୟକ୍ରମ କରା ନ ଯାଉ ବୋଲି ସେ ବିରୋଧରେ ଠିଆ ହୋଇଛନ୍ତି । ତେଣୁ ପ୍ରଥମେ ସର୍ବଦଳୀୟ ବୈଠକ ଡକା ଯାଉ । ତା ପରେ କାଗଜ ଉପସ୍ଥାପନ ହେଉ । ବାଚସ୍ପତି କହିଥିଲେ ଯେ ଅଳ୍ପ କାଗଜ ଅଛି । ଉପସ୍ଥାପନା କରା ଯିବା ପରେ ବୈଠକରେ ଆଲୋଚନା କରିବା । ନରସିଂହ ମିଶ୍ର ଆପତି ବ୍ୟକ୍ତ କରି କହିଲେ ଯେ ଯଦି ତାଙ୍କ କଥା ନ ଶୁଣା ଯିବ ତେବେ ସେ ତାଙ୍କ ଆସନରେ ଠିଆ ହୋଇ ଏହାର ପ୍ରତିବାଦ କରିବେ । ଏହା ପରେ ଶ୍ରୀ ମିଶ୍ର ତାଙ୍କ ଆସନରେ ଠିଆ ହୋଇ ରହିଲେ ଓ କଂଗ୍ରେସ ଦଳର ବିଧାୟକ ମାନେ ଗୃହର ମଧ୍ୟଭାଗରେ ଆସି ନାରାବାଜୀ କରିଥିଲେ । ଅପର ପକ୍ଷରେ କାଗଜ ଉପସ୍ଥାପନ କାର୍ଯ୍ୟ ଜାରୀ ରହିଥିଲା । ୪.୧୨ରେ ବାଚସ୍ପତି ଗୃହକୁ ମୁଲତବୀ କରି ତାଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ଡାକିଥିଲେ । ବୈଠକ କାରଣରୁ ଗୃହ ତିନି ଥର ମୁଲତବୀ ହୋଇଥିଲା । ଏହା ପରେ ଗୃହ କାର୍ଯ୍ୟ ସ୍ୱାଭବିକ ହୋଇଥିଲା ।

## ପାର୍କିଂକୁ ନେଇ ଝଗଡା କଲେ ଓ ବ୍ଲାଙ୍କ ଫାୟାର କରି ଡରାଇଲେ



ଭୁବନେଶ୍ୱର,୦୩/୦୯(ନି.ପ୍ର): ରାଜଧାନୀରେ ଫୁଟିଲା ଗୁଳି । ଗାଡି ପାର୍କିଂକୁ ନେଇ ରାଜଧାନୀରେ ଫୁଟିଲା ଗୁଳି । ଗୁଳିକାଣ୍ଡରେ କେହି ଆହତ ହୋଇନଥିଲେ ମଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଅଟକ ରଖିବା ସହ ପଚରାଉଚରା କରୁଛି । ମିଳିଥିବା ସୂଚନା ମୁତାବକ, ଜାଗମରାରେ ଗାଡି ପାର୍କିଂକୁ ନେଇ ଦୁଇ ପଡୋଶୀଙ୍କ ଭିତରେ ବଚସା ହୋଇଥିଲା । ତେବେ କୌଣସି କାରଣରୁ ଝଗଡା ଅଧିକ ହେବା ସହ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା । ଆଉ ପଡୋଶୀଙ୍କ ମାଡରେ ଆହତ ହୋଇଥିବା ବ୍ଲାଙ୍କ ଫାୟାର କରିଥିଲେ । ପାଖାପାଖି ୨ରୁ ୩ ରାଉଣ୍ଡ ଗୁଳି ଫୁଟାଇଥିଲେ ଯୁବକ । ତେବେ ଗୁଳିମାଡରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି । ସୂଚନା ଅନୁଯାୟୀ, ନିଜର ଲାଇସେନ୍ସପ୍ରାପ୍ତ ପିସ୍ତଲରୁ ଏଭଳି ବ୍ଲାଙ୍କ ଫାୟାର କରିଥିଲେ ଯୁବକ । ତେବେ ପାଖରେ ବନ୍ଧୁକ ଥିବାରୁ କୌଣସି ଲୋକ ବୁଝାସୁଝା କରିବାକୁ ମଧ ସାହସ କରିନଥିଲେ । ତେବେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ତେବେ ଗୁଳିକାଣ୍ଡ ପରେ ସ୍ଥାନୀୟ ଲୋକ ଭୟଭୀତ ହୋଇପଡିଛନ୍ତି । ଦିନ ଦ୍ୱିପ୍ରହରରେ ଏଭଳି ଖୋଲାଖୋଲି ବ୍ଲାଙ୍କ ଫାୟାର କରିବାକୁ ନେଇ ଆତଙ୍କିତ ହୋଇପଡିଛନ୍ତି ସ୍ଥାନୀୟ ଲୋକେ ।

# ଗୃହ ଚଳାଇବାକୁ ସରକାରୀ ଦଳର ଇଚ୍ଛା ନାହିଁ : ନରସିଂହ ମିଶ୍ର

## ବାଚସ୍ପତି ନିରପେକ୍ଷତା ଅବଲମ୍ବନ ନ କରିବା ଗଣତନ୍ତ୍ର ପାଇଁ ବିପଦ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ଷ୍ଟାଫ ସିଲେକ୍ସନ କମିଶନରେ ଦୁର୍ନୀତି ପ୍ରସଙ୍ଗ ଉଠାଇବା ମାତ୍ରେ ଗୃହକୁ ସ୍ଥଗିତ କରି ଦିଆ ଯିବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ସେ କହିଛନ୍ତି ଯେ ଗୃହ ଚଳାଇବାକୁ ସରକାରୀ ଦଳର ଇଚ୍ଛା ନାହିଁ । ବାଚସ୍ପତି ନିରପେକ୍ଷତା ଅବଲମ୍ବନ ନ କରିବା ଗଣତନ୍ତ୍ର ପାଇଁ ବିପଦ । ସେ କହିଛନ୍ତି ଯେ ଗତ କାଲି ଷ୍ଟାଫ ସିଲେକ୍ସନ ଦୁର୍ନୀତି ନେଇ ମୁଲତବୀ ପ୍ରସ୍ତାବ ଦିଆ ଯାଇଥିଲା । ସେଥିରେ ସହମତି ପ୍ରକାଶ କରିଥିଲୁ। କଲି ଗୃହରେ ହଟ୍ଟଗୋଳ ପାଇଁ ଆଲୋଚନା ହୋଇପାରିଲା ନାହିଁ। ନିୟମ ଅନୁସାରେ ଆଜି ଆଲୋଚନା ହେବା କଥା କିନ୍ତୁ କିନ୍ତୁ ବିଜେପି ଆଜି ମୁଲତବୀ ପ୍ରସ୍ତାବ ବଦଳେଇ ଦେଇଛି । ଯେଉଁଥିରେ ଆମର ସହମତି ନେଇ ନାହାନ୍ତି। ଯେଉଁଥିପାଇ ପ୍ରଶ୍ନ କାଳ ଆରମ୍ଭରୁ ଆମେ ଦାବି କରିଥିଲୁ ଷ୍ଟାଫ ସିଲେକ୍ସ ନ ଦୁର୍ନୀତି ନେଇ ଆରମ୍ଭରୁ ଆଲୋକଚନା କରାଯାଉ। କିନ୍ତୁ ବାଚସ୍ପତି କିଛି ନଶୁଣି ଗୋଟିଏ ମିନଟ ରେ ଗୃହକୁ ମୁଲତବୀ କରିଦେଲେ। ଆଚନକ ଗୃହକୁ ମୁଲତବୀ କରିବା ଦୁର୍ଭାଗ୍ୟ ଜନକ। ଏହାକୁ ମୁଁ ବିରୋଧ କରୁଛି। ବାଚସ୍ପତିଙ୍କ କର୍ତ୍ତବ୍ୟ ସମସ୍ତଙ୍କୁ ଡାକି ଆଲୋଚନା କରିବା ଏକଥା । ସମସ୍ୟା ସମସ୍ୟା ସମାଧାନ କରିବା କଥା। ଯଦି ସମାଧାନ ନ ହୁଏ ଗୃହକୁ ବନ୍ଦ କରିବେ। ଆଲୋଚନା କରିବାକୁ ସରକାରୀ ଦଳର ଇଚ୍ଛା ନାହିଁ । କିନ୍ତୁ ବାଚସ୍ପତି ଗୋଟିଏ ମିନିଟରେ ଗୃହକୁ ବନ୍ଦ କରିଦେଉଛନ୍ତି । ବାଚସ୍ପତି ସରକାରୀ ଦଳରେ ବନ୍ଧା। ନିରପେକ୍ଷତା ଅବଲମ୍ବନ କରୁନାହାନ୍ତି। ଏହା ଗଣତନ୍ତ୍ର ପାଇଁ ବିପଦ ବୋଲି ସେ କହିଛନ୍ତି ।

## ଗୃହ ଚଳାଇ ନଦେବାକୁ ବିଜେଡି-କଂଗ୍ରେସ ଡିଲ୍ : ବିଜେପି

ଭୁବନେଶ୍ୱର,୦୩/୦୯ (ନି.ପ୍ର): ଗୃହ ଚଳାଇ ନଦେବାକୁ ବିଜେଡି ଓ କଂଗ୍ରେସ ମଧ୍ୟରେ ଡିଲ ହୋଇଛି ବୋଲି ଅଭିଯୋଗ କରିଛି ବିଜେପି । ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ଆଜି ଗୃହ ନ ଚାଲିବା ନେଇ ବିଜେଡି ସହ ଫିକ୍ସିଂ କରିଛି । ସେ କହିଛନ୍ତି ଯେ ଗତକାଲି ବିଜେଡି ଓ କଂଗ୍ରେସ ମଧ୍ୟରେ ଡିଲ୍ ହୋଇଛି । ଭିତିରି ବୁଝାମଣା କରି ଚାଲିଛନ୍ତି ଦୁଇ ଦଳ । ମାହାଙ୍ଗା ଡବଲ ମର୍ଡର ପ୍ରସଙ୍ଗ ଆଲୋଚନା ହୋଇଥିଲେ ସରକାର ଅଡୁଆରେ ପଡ଼ିଥାନ୍ତେ । ଆଇନଶୃଙ୍ଖଳା ପ୍ରସଙ୍ଗ ଆଲୋଚନା ହୋଇଥିଲେ ସରକାର ଅକଳରେ ପଡ଼ିଥାନ୍ତେ । କଂଗ୍ରେସ ଷ୍ଟାଫ ସିଲେକ୍ସନ ପ୍ରସଙ୍ଗ ଉଠାଇ ସରକାରଙ୍କ ସହଯୋଗରେ ଗୃହ ବନ୍ଦ କରିଛି ବୋଲି ସେ ଅଭିଯୋଗ କରିଛନ୍ତି ।

# କେନ୍ଦୁଝର ଜିଲ୍ଲାର ରେଡକ୍ରସ୍ ମ୍ୟାନ୍ ଅବଦୁଲ ରହମନ ଖାନ୍ ସାମ୍ବାଦିକତାରୁ ସମାଜସେବା

ହରିଚନ୍ଦନପୁର/ଘଟଗାଁ,୩/୯ (ନି.ପ୍ର): ସାମ୍ବାଦିକତାରୁ ସମାଜସେବା ଏକ ଦୀର୍ଘ ସଫଳ ଯାତ୍ରା । ରେଡକ୍ରସ୍ ହୋଇଛି ସମାଜ ସେବାର ପ୍ରକୃଷ୍ଟ ମାଧମ ଏବଂ ଅବଦୁଲ ରହମନ ଖାନ୍ ସାଜିଛନ୍ତି ସମାଜସେବାର ଧାରକ । ତରୁଣ ବୟସରୁ ସମାଜସେବାକୁ ଜୀବନର ବ୍ରତ ଭାବେ ସେ ଗ୍ରହଣ କରିଛନ୍ତି । ସ୍ୱର୍ଗତ ପିତା କ୍ଷୁଦ୍ର ବ୍ୟବସାୟୀ ଥିଲେ ହେଁ ତାଙ୍କର ପରୋପକାର, ଦୀନ, ଦୁଃଖୀ, ଦରିଦ୍ରଙ୍କୁ ସାହାଯ୍ୟ କରିବାର ମହତ୍ ପଣରେ ଅନୁପ୍ରାଣିତ ହୋଇଥିଲେ ଅବଦୁଲ । ଯେଉଁଥି ପାଇଁ ଫଟୋଗ୍ରାଫି କରିବାବେଳେ ତାଙ୍କର କ୍ୟାମେରା ଥିଲା ସୃଜନଶୀଳ ଏବଂ ଫଟୋରେ ରହୁଥିଲା ସୌନ୍ଦର୍ଯ୍ୟ ଓ ମାନବିକତାର ଚିତ୍ର । ସାମ୍ବାଦିକ ଭାବରେ କାର୍ଯ୍ୟ କରିବାବେଳେ ଅତି ନିକଟରୁ ଦେଖିଛନ୍ତି –ଗରିବ, ଅସହାୟ, ନିଃସହାୟମାନଙ୍କର କରୁଣ ମୁହଁ ଏବଂ ତାଙ୍କର ଦୁଃଖ ଓ ଖୋଜିଛନ୍ତି ତା'ର କାରଣ ଓ ସମାଧାନର ସୂତ୍ର । ପଥପ୍ରାନ୍ତ ହେଉ କି ଡାକ୍ତରଖାନା କିମ୍ବା ବଣପାହାଡ ଘେରା ମୁଲକ ଯେଉଁଠି ଅସହାୟ ଲୋକଟିଏ କି ରୋଗୀଟିଏ ଦେଖିଲେ ସେ ସ୍ୱତଃ ଟାଣି ହୋଇ ଆସନ୍ତି ତାକୁ ସାହାଯ୍ୟ କରିବା ପାଇଁ ଭରସାର ହାତ ବଢାଇ ଦିଅନ୍ତି । ମନରେ ଏକାଗ୍ରତା ଓ ଆତ୍ମବିଶ୍ୱାସକୁ ପାଥେୟ କରି ସମାଜ ସେବା ପଥର ପଥିକ ସାଜିଛନ୍ତି ଅବଦୁଲ୍ । ସାମ୍ବାଦିକ ହୋଇ ସାଧାରଣ ମଣିଷ ଭାବେ ବଂଚୁଥିବା ଅବଦୁଲ ସମୟକ୍ରମେ ସମାଜସେବାର ଅସାଧାରଣ ଯାତ୍ରୀ ହୋଇଛନ୍ତି । ସମାଜସେବାର ଦୁର୍ବାର ଆକାଂକ୍ଷା ତାଙ୍କୁ ୨୦୦୦ ମସିହାରୁ ରେଡକ୍ରସ ସହ ଯୋଡିଛି । ୨୦୧୦ରେ ଭାରତୀୟ ରେଡ୍‌କ୍ରସ ସଂସ୍ଥା କେନ୍ଦୁଝର ଜିଲ୍ଲା ଶାଖାର ଯୁଗ୍ମ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରି ସମାଜସେବାର ବୃହତର କ୍ଷେତ୍ର ପାଲଟିଛନ୍ତି । ରେଡକ୍ରସ ସଂସ୍ଥାର ଯୁଗ୍ମ ସମ୍ପାଦକ ଭାବେ ରକ୍ତ ଭଣ୍ଡାରର ପୁନରଦ୍ଧାର ଓ ଉନ୍ନତିକରଣରେ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ରକ୍ତ ଭଣ୍ଡାର ପରିଚାଳନା ମଣ୍ଡଳୀ ସଦସ୍ୟ ଓ ଜିଲ୍ଲା ସ୍ୱେଚ୍ଛାକୃତ ରକ୍ତଦାତା ସଂଘର ସମ୍ପାଦକ ପଦବୀରେ ଅବିରତ ଭାବେ ସେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନଠାରୁ ଆରମ୍ଭ କରି ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସଚେତନତା ସୃଷ୍ଟିରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛନ୍ତି । ଜଣେ ମାଷ୍ଟର ଟ୍ରେନର ଭାବେ ଜିଲ୍ଲା ଓ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ତାଲିମ ପ୍ରଦାନ କରି ଅନେକ ରେଡକ୍ରସ୍ ସ୍ୱେଚ୍ଛାସେବୀ ସୃଷ୍ଟି କରିପାରିଛନ୍ତି ସେ । ଯେଉଁମାନେ ରେଡକ୍ରସ ଆନ୍ଦୋଳନକୁ ଆହୁରି କ୍ରିୟାଶୀଳ କରୁଛନ୍ତି । ଜଣେ ଜାତୀୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସାର ମାଷ୍ଟର ଟ୍ରେନର ଭାବରେ କେବଳ ଜିଲ୍ଲା କାହିଁକି ରାଜ୍ୟ ଓ ରାଜ୍ୟ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେ । ଅସହାୟଙ୍କ ମୁହଁରେ ହସ ଫୁଟାଇବା ପାଇଁ ନିଜେ ଓ ନିଜର ସାଥୀମାନଙ୍କ ଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଉଦ୍ୟମ ଜାରିରଖିଛନ୍ତି । ପୀଡିତ ଅସହାୟମାନଙ୍କୁ ଆପଦ ବିପଦରେ ସହାୟତା ଯୋଗାଇବା, ନୂତନ ପିଢିଙ୍କୁ ଫାଷ୍ଟଏଡ୍, ଜଳବାୟୁ ପରିବର୍ତନ, ଡିଜାଷ୍ଟର ରିସ୍କ ମ୍ୟାନେଜମେଂଟ୍, ସାଇକୋ ସୋସିଆଲ୍ ସପୋର୍ଟ, ହେଲଥ୍ କେୟାର, ୱାଟର ମ୍ୟାନେଜମେଂଟ୍, ଇଂଟର ନ୍ୟାସନାଲ୍ ହ୍ୟୁମାନଟାରିଆନ୍‌ଲ, ଗ୍ରୀନ୍ ହାଉସ୍ ପ୍ରଭାବ, ଭଲ୍ୟୁଂଟାରିଜିମ୍ ସମ୍ପର୍କରେ ସଚେତନତା ସୃଷ୍ଟି ସହ ନିୟମିତ ତାଲିମ୍ ପ୍ରଦାନ କରି ଏକ ସୁସ୍ଥ ସୁନ୍ଦର ସମାଜ ଗଠନରେ ଅବଦାନ ରଖି ଚାଲିଛନ୍ତି । ସରକାର ଏବଂ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସମୟର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସମୟରେ ସେବା ଓ ସଚେତନତା କାର୍ଯ୍ୟକ୍ରମ, ରିଲିଫ୍ ଯୋଗାଣ, ଉଦ୍ଧାର କାର୍ଯ୍ୟ, ରକ୍ତଦାନ ଶିବିର କ୍ଷେତ୍ରରେ ଅବଦୁଲ୍ ରହମନ ଖାନ୍ ପ୍ରଶଂସନୀୟ କାର୍ଯ୍ୟ କରିଆସୁଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ଜନହିତୈଷୀ ଅନୁଷ୍ଠାନ, ସଂଗଠନ ସହିତ ଜଡ଼ିତ ରହି ସେବା କାର୍ଯ୍ୟ ଜାରି ରଖିବାରେ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇଛନ୍ତି । ଏତାଦୃଶ ମହନୀୟ ସମାଜସେବା ପାଇଁ ସେ ପାଇଛନ୍ତି ଅନେକ ଯଶ, ପ୍ରଶଂସା ଏବଂ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ତରଫରୁ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି । ସମାଜସେବା କ୍ଷେତ୍ରରେ ଏତାଦୃଶ ମହନୀୟ ସେବା କାର୍ଯ୍ୟର ସ୍ୱୀକୃତିସ୍ୱରୂପ ଶ୍ରୀ ଖାନ୍ ଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ୨୦୧୮ ମସିହା ନିମନ୍ତେ ରାଜ୍ୟ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି । ଅନ୍ୟକୁ ପ୍ରତିଟି କ୍ଷେତ୍ରରେ ସାଧମତେ ସହାୟତା ଯୋଗାଇବାର କ୍ଷମତା ରଖିଛନ୍ତି କେନ୍ଦୁଝର ଜିଲ୍ଲାର ରେଡ୍‌କ୍ରସ୍ ମ୍ୟାନ୍ ଏ.ଆର୍.ଖାନ୍ ।

# ଫୁଲବାଣୀରେ କୁଷ୍ଠ ଆରୋଗ୍ୟ ମାନଙ୍କ ମାଗଣା ଚକ୍ଷୁ ଚିକିତ୍ସା ଶିବିର

କନ୍ଧମାଳ,୩/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀର ଗାନ୍ଧୀସ୍ମୃତି ଭବନଠାରେ କୁଷ୍ଠ ରୋଗରେ ଆକ୍ରନ୍ତ ହୋଇ ଆରୋଗ୍ୟ ହୋଇଥିବା ବ୍ୟକ୍ତି ମାନଙ୍କର ପାଇଁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଛି । ସାଇଟ୍ ସେଭର ଓ ମହାନଦୀ ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଶିବିରକୁ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ ଉଦଘାଟନ କରିଥିବାବେଳେ ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନକଲ୍ୟାଣ ଅଧିକାରୀ ଡା.କଲ୍ୟାଣୀ ମିଶ୍ର, ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ବସନ୍ତ କୁମାର ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ କାର୍ଯ୍ୟକ୍ରମକୁ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମର ଏନ.ଏମ.ଏସ ସୁବ୍ରତ କୁମାର ଶତପଥି ପରିଚାଳନା କରିଥିଲେ । କନ୍ଧମାଳ ଜିଲ୍ଲାରେ ମୋଟ ୧୭୭ ଜଣ କୁଷ୍ଠ ରୋଗରେ ଆକ୍ରନ୍ତ ହେବା ପରେ ଆରୋଗ୍ୟ ହୋଇଥିବା ବ୍ୟକ୍ତି ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୪୦ ଜଣ ପୁରୁଷ ଓ ୩୦ ଜଣ ମହିଳାଙ୍କ ସାମେଡ ମୋଟ ୭୦ ଜଣ ଏହି ଶିବିରରେ ଯୋଗ ଦେଇଥିଲେ । ସେମାନଙ୍କୁ କାର୍ଯ୍ୟକ୍ରମ ଜରିଆରେ ମାଗଣା ଖାଇବା ସହିତ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯାଇ ସେଥିରୁ ୩୫ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଛି । ଆଉ ୩୫ ଜଣଙ୍କୁ ଔଷଧ ଏବଂ ଆଖିରେ ପକାଇବା ଔଷଧ ପ୍ରଦାନ କରାଯାଇଥିବା ବେଳେ ୧୩ ଜଣଙ୍କର ଅସ୍ତ୍ରୋପଚାର କରାଯିବା ନିମନ୍ତେ ସେମାନଙ୍କୁ ଚିହ୍ନଟ କରାଯଇଛି । ଏହି ସବୁ ସେବା ସେମାନଙ୍କୁ ମାଗଣାରେ ପ୍ରଦାନ କରିବାର ବ୍ୟବସ୍ଥା ରହିଥିବା ନେଇ ସୂଚନା ପ୍ରଦାନ କରାଯାଇଛି ।

# ବିଚାରପତିଙ୍କ ପରାମର୍ଶରେ ଯୋଡିହେଲା ଭଙ୍ଗା ପରିବାର

କେନ୍ଦ୍ରାପଡ଼ା,୩/୯ (ନି.ପ୍ର): କେନ୍ଦ୍ରାପଡା ପରିବାର ଅଦାଲତରେ ଏକ ପାରିବାରିକ ମନୋମାଳିନ୍ୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇ ବିବାହ ବିଚ୍ଛେଦ ମାମଲା ଉଭୟଙ୍କ ପକ୍ଷରୁ ପରିବାର ଅଦାଲତରେ ଦାୟର କରା ଯାଇଥିଲା । ଦୀର୍ଘଦିନ କାଳ ମାମଲା ବିଚାର ଚାଲିଥିବା ବେଳେ ମାନ୍ୟବର ପରିବାର ଅଦାଲତ ର ବିଚାରପତି ବିକାଶ ଚନ୍ଦ୍ର ଦେ ନିଜର ମାନବିକତା ଦେଖାଇ ଭାଙ୍ଗି ଯାଉଥିବା ଏହି ପରିବାରକୁ ନୂତନ ଭାବେ ଗଢି ତୋଳିଥିବା ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଥାନା ଅଧିନ ଏଣ୍ତର ଗ୍ରାମର ସତ୍ୟଜିତ ଚାଟାର୍ଜୀଙ୍କ ଦ୍ୱିତୀୟ କନ୍ୟାର ବିବାହ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଂଚଳର ଶାନ୍ତି କୁମାର ମହାଦାନୀଙ୍କ ପୁଅ କୁଶଳ କୁମାର ମହାଦାନୀଙ୍କ ସହ ୨୦୧୯ ରେ ହୋଇଥିଲା । ବିବାହର କିଛିଦିନ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଘଟି ଉଭୟଙ୍କ ପକ୍ଷରୁ ବିଚ୍ଛେଦ ମାମଲା ନଂ ୪୫/୨୧ ଓ ୨୩୦/୨୧ ଦାଏର କରା ଯାଇଥିଲା । ଏହି ମାମଲାର ବିଚାର ଥିବାରୁ ଉଭୟ ପରିବାର ଅଦାଲତରେ ହାଜିର ହୋଇଥିଲେ । ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଦେ ରାୟ ଶୁଣାଇବା ପୂର୍ବରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ପୂର୍ବର ସବୁକଥା ଭୁଲି ନୂଆଭାବେ ଜୀବନ ଗଢିବା ପାଇଁ ପରାମର୍ଶ ଦେଇଥିଲେ । ତେବେ ମାନ୍ୟବର ବିଚାରପତିଙ୍କ କଥାରେ ଦମ୍ପତି ଏବଂ ଉଭୟ ପରିବାର ସହମତି ପ୍ରକାଶ କରି ମିଳାମିଶା କରି ଭବିଷ୍ୟତ ଜୀବନ ପାଇଁ ମାମଲାକୁ ପ୍ରତ୍ୟାହାର କରି ନେଇଥିବା ଜଣାପଡିଛି । ଉଭୟପକ୍ଷଙ୍କ ଓକିଲ ଉପସ୍ଥିତିରେ ମାମଲାର ସମାଧାନ ହୋଇଥିଲା ।

# କନ୍ଧମାଳ ଜିଲ୍ଲା ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ

## ସଭାପତି ସୁନିଲ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା

କନ୍ଧମାଳ,୩/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ପ୍ରେସ କ୍ଲବର ନୂତନ କର୍ମକର୍ତା ଚୟନ ହୋଇଯାଇଛି । ଏଥିରେ ସଭାପତି ଭାବରେ ସୁନିଲ କୁମାର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଭାବରେ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଛନ୍ତି । ଫୁଲବାଣୀ ସାମ୍ବାଦିକ ଭବନଠାରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସନ୍ତା ଦୁଇ ବର୍ଷ ପାଇଁ ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ ସଭାପତି ଓ ସାଧାରଣ ସମ୍ପାଦକ ଭାବରେ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଆଶୋକ କୁମାର ପରିଡା, ଉପସଭାପତି ଭାବେ ସୁନିଲ ବିଶ୍ୱାଳ ଓ ସତ୍ୟନାରାୟଣ ବେହେରା, ସହସମ୍ପାଦକ ରମେଶ ପ୍ରଧାନଙ୍କୁ ନିର୍ବାଚିତ କରାଯାଇଛି । କର୍ମକର୍ତା ଚୟନ ପ୍ରକ୍ରିୟାକୁ ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ ନିର୍ବାଚନ ଅଧିକାରୀ ଭାବରେ ପରିଚାଳନା କରିଥିଲେ । ଏଥିରେ କାର୍ଯ୍ୟକାରୀ ସଦସ୍ୟ ଭାବେ ବରିଷ୍ଠ ସାମ୍ବାଦିକ ଶିବପ୍ରସାଦ ତ୍ରିପାଠୀ, ଅଜିତ କୁମାର ମହାରଣା, ବ୍ରଜବିହାରୀ ନନ୍ଦ, ଶିବାନନ୍ଦ ପଟ୍ଟନାୟକ, ମୁସ୍କାନ ସୁଆର, ଅଶୋକ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମର ଆରମ୍ଭରେ ପୂର୍ବତନ ସମ୍ପାଦକ ଅଜିତ ମହାରଣା ବିବରଣୀ ପାଠ କରିଥିଲେ । କୋଭିଡ ସଂକ୍ରମଣ ଯୋଗୁଁ ବିଗତ ଦିନ ମାନଙ୍କରେ କୌଣସି କାର୍ଯ୍ୟକ୍ରମ ହୋଇ ପାରିନାହିଁ ତେବେ କିଛି କିଛି ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନେଇ ପୂର୍ବତନ ସଭାପତି ଶିବପ୍ରସାଦ ତ୍ରିପାଠୀ କହିଛନ୍ତି । ଏହି ଅବସରରେ ଅନୁଷ୍ଠାନର ନୂତନ ସଦସ୍ୟ ଭାବେ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ବାଳକୃଷ୍ଣ ଚର୍ଚ୍ଚି, ପ୍ରଶାନ୍ତ ଜେନା ଓ ରାଧାମୋହନ ମହାପାତ୍ର ଏବଂ ଦୈନିକ ଖବରକାଗଜ ପ୍ରତିନିଧି ବୈଦ୍ୟନାଥ ବେହେରାଙ୍କୁ ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ଡ.ଅରୁପ କୁମାର ଜେନା, ବିଜୟ ମହାନ୍ତି, ଗୋପାଳକୃଷ୍ଣ ପଟ୍ଟନାୟକଙ୍କୁ ଅନୁଷ୍ଠାନର ଉପଦେଷ୍ଟା ଭାବରେ ମନୋନୀତ କରାଯାଇଛି । ଏହି ଅବସରରେ ନୂତନ ସଭାପତି ସୁନିଲ ପଟ୍ଟନାୟକ ସାମ୍ବାଦିକ ମାନଙ୍କ ବୃତିଗତ ସୁରକ୍ଷାକୁ ଗୁରୁତ୍ୱ ଦେବା ସହିତ ନିଷ୍ଠା ଓ ଆନ୍ତରିକତାର ସହିତ ପ୍ରେସ କ୍ଲବର ଉନ୍ନୟନ ଦିଗରେ କାର୍ଯ୍ୟ କରିବା ଦିଗରେ ନୂତକ କର୍ମକର୍ତା ମାନେ କାର୍ଯ୍ୟ କରିବେ ବୋଲି କହିଥିଲେ ।

# ବାଲି ବୋଝେଇ ଟ୍ରକ୍ ଚଳାଚଳ ବନ୍ଦ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ

ଧର୍ମଶାଳା,୩/୯ (ନି.ପ୍ର): ଯାଜପୁର ବ୍ଲକର ଶ୍ୟାମଦାଶପୁର ପଂଚାୟତ ଅଧିନ କଳସପୁର ବାଲିଘାଟରୁ କିଛି ଦିନ ହେବ ଭାରୀଯାନରେ ଶହଶହ ଟ୍ରିପ ବାଲି ଉତୋଳନ କରାଯାଇ ବିଭିନ୍ନ ସ୍ଥାନକୁ ଚାଲଶଣ କରାଯାଉଛି । ଫଳରେ ନଦୀବନ୍ଧ ଦୁର୍ବଳ ହେବା ସହିତ ଗ୍ରାମବାସୀଙ୍କୁ ଏହି ରାସ୍ତା ଭୟଙ୍କର ବନ୍ୟାରୁ ସୁରକ୍ଷା ଦେବା ସହିତ ଏହି ରାସ୍ତାରେ ପ୍ରତ୍ୟେକ ଦିନ ବିଭିନ୍ନ ବିଦ୍ୟାଳୟକୁ ପ୍ରତ୍ୟେକ ଦିନ ଶହ ଶହ ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି । ବାଲି ବୋଝେଇ ଟ୍ରକଗୁଡିକ ଶହ ଶହ ସଂଖ୍ୟାରେ ଯିବା ଆସିବା କରିବା ଦ୍ୱାରା ରାସ୍ତାଟି ଭାଙ୍ଗି ତୁଟି ଯାଇଛି । ଗତ ବନ୍ୟାରେ ଏହି ରାସ୍ତାରେ କେତେକ ସ୍ଥାନରେ ଭଳିଆ ପଡିବାର ଦେଖାଯାଇଥିଲା । ପ୍ରଶାସନ ପକ୍ଷରୁ ବାଲି ବସ୍ତା ଗୁଡିକ ଜମା କରାଯାଇ ବନ୍ଧକୁ ସୁରକ୍ଷା ଯୋଗାଇଥିଲେ । ଚଳିତ ବନ୍ୟା ପୂର୍ବରୁ ଏହି ରାସ୍ତାକୁ ପୁର୍ନନିର୍ମାଣ କରାଗଲା ନାହିଁ । ଯାହାକି ଏହି ଦୁର୍ବଳ ନଦୀ ବନ୍ଧରେ ଭାରି ଯାନ ଚଳାଚଳ କରିବାରୁ ଏହି ନଦୀବନ୍ଧ ଦବ'ଳରୁ ଅତି ଦୃବଳ ହେବାରେ ଲାଗିଛି । ଏନେଇ ବାରମ୍ୱାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଆଜି ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏ.ଡି.ଏମ (ରାଜସ୍ୱ)ଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି । ଏହି ବାଲି ଚାଲାଣକୁ ନେଇ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

# କୃଷ୍ଣଚନ୍ଦ୍ର ମାଡକାମୀ ମେମୋରିଆଲ ଫୁଟବଲ ଟୁର୍ନାମେଂଟ ଉଦଘାଟିତ

ମାଲକାନଗିରି,୩/୯ (ନି.ପ୍ର): ମାଲକାନଗିରି ବ୍ଲକ ସିନ୍ଧ୍ରିମାଳ ଗ୍ରାମ ପଂଚାୟତ ଅନ୍ତର୍ଗତ ଦାନୀଗୁଡା ଗ୍ରାମରେ କୃଷ୍ଣ ଚନ୍ଦ୍ର ମାଡକାମୀ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଂଟ ୮ଗୋଟି ଟିମ୍ କୁ ନେଇ ଆଜି ଆୟୋଜିତ ହୋଇଛି ! ଟୁର୍ଣ୍ଣାମେଂଟ ରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ପଂଚାୟତ ସମିତି ଅଧକ୍ଷ ଅକ୍ଷୟ କୁମାର ନାୟକ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ ।

# ପାରିବାରିକ କଳହକୁ କେନ୍ଦ୍ର କରି ବଡଭାଇକୁ ହତ୍ୟା ଅଭିଯୋଗ

ଧର୍ମଶାଳା,୩/୯ (ନି.ପ୍ର): ଯାଜପୁର ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର ପଂଚାୟତର ଜୟପୁର ଗ୍ରାମରେ ଅଭାବନୀୟ ଘଟଣା । ପାରିବାରିକ କଳାହକୁ କେନ୍ଦ୍ର କରି ବଡଭାଇକୁ ହତ୍ୟା କରାଯାଇଥିବା ନେଇ ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି । ଏଭଳି ଘଟଣା ଘଟିଛି ଯାଜପୁର ସଦର ଥାନା ଅନ୍ତର୍ଗତ ଜୟପୁର ଗ୍ରାମରେ । ସାନ ଭାଇର ଆକ୍ରମଣରେ ବଡଭାଇର ମୃତ୍ୟୁ ଘଟିଥିବା ନେଇ ମୃତ ଯୁବକର ଶ୍ୱଶୁର ଦୁର୍ଯ୍ୟୋଧନ ଦାସ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଏହି ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ବୁଲା ବେହେରା ଓ ତାଙ୍କ ୨ପୁଅ ରିଙ୍କୁ ଓ ଚିକୁଙ୍କ ମଧ୍ୟରେ ପାରିବାରିକ ଘଟଣାକୁ ନେଇ କଳହ ହୋଇଥିଲା । ଗତ ୦୧.୦୯.୨୦୨୧ ରିଖ ବୁଧବାର ସଂନ୍ଧ୍ୟା ସମୟରେ ବୁଲା ଘରେ ଅନୁପସ୍ଥିତ ଥିବା ବେଳେ ୨ପୁଅଙ୍କ ମଧ୍ୟରେ ପୁର୍ନବାର ଝଗଡା ସୃଷ୍ଟି ହୋଇଥିଲା । ରିଙ୍କୁକୁ ଗାଳିଗୁଲଜ କରିବା ସହ ସାନଭାଇ ଚିକୁ ଓ ବୁଲା ଏବଂ ବୁଲାର ପତ୍ନୀ ମିଶି ମାଡ ମାରିଥିଲେ । ଘଟଣାସ୍ଥଳରେ ଚିକୁ ଏକ ରଡରେ ଭୂଷି କ୍ୱାଇଁଙ୍କୁ ଗୁରୁତର କରିଦେଇଥିଲେ । ରିଙ୍କୁଙ୍କୁ ପ୍ରଥମେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜ୍ୱାଇଁକୁ ସଂଗବଦ୍ଧଭାବେ ପରିବାରର ତିନି ଜଣ ସଦସ୍ୟ ମାରି ଦେଇଥିବା ନେଇ ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି । ପୁଲିସ୍ ଥାନାରେ କେସ୍ ନଂ ୨୨୬/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# କଳାକାର ଏବେ ବଡ଼ଦାଣ୍ଡରେ ବିକୁଛନ୍ତି ସିନ୍ଦୁର : କରୋନା ବଦଳାଇଦେଲା ଜୀବିକା

ପୁରୀ,୩/୯ (ନି.ପ୍ର): ସିନ୍ଦୁର ନିଅ ମା ସିନ୍ଦୁର । ନାଲି ସିନ୍ଦୁର ସଧବା ନାରୀର ଜୀବନ ରେଖା ସିନ୍ଦୁର ଓ ନାଲି ଶଙ୍ଖାକୁ ବଜ୍ର କରିବ । ଏଭଳି କରୁନ ଡ଼ାକ ଶ୍ରୀମନ୍ଦିର ଚାରିପଟେ ଶୁଣିବାକୁ ମିଳୁଛି । ଯିଏ ଦିନେ ଦାସକାଠିଆରେ ସପ୍ତସ୍ୱର ସୃଷ୍ଟି କରି ମଞ୍ଚକୁ ଦୁଲୁକାଇବା ସହ ଶ୍ରୋତାଙ୍କୁ ବାନ୍ଧି ରଖୁଥିଲେ ସେ ଆଜି ବଡ଼ଦାଣ୍ଡରେ ସିନ୍ଦୁର ବିକାଳି ପାଲଟିଛନ୍ତି । କରୋନ ମହାମାରୀର କରାଳ ଛାୟା ତାଙ୍କ କଳାକାର ଜୀବନକୁ ହଜାଇ ଦେଇ ସୃଷ୍ଟି କରିଛି ବୁଲା ବିକାଳିର ପରିଚୟ । ସେ ହେଉଛନ୍ତି ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ମର୍ଯ୍ୟଦାପୁର ଗ୍ରାମର ସୁନନ୍ଦା ତରାଇ । ବୟସ ୫୩ ହେଲେ ମଧ ଏବେ ହାତ ଗୋଡ଼ ଚଳଚଞ୍ଚଳ । ପରିବାର ପୋଷିବା ପାଇଁ ଯାଜପୁରରୁ ଧାଇଁ ଆସିଛନ୍ତି ଶ୍ରୀକ୍ଷେତ୍ରକୁ । ପରିବାରରେ ତାଙ୍କ ସ୍ତ୍ରୀ ତିଳୋତମା ଓ ତିନୋଟି ଝିଅ ଏବଂ ଦୁଇଟି ପୁଅର ତେଲଲୁଣ ସଂସାର । ପରିବାର ମୁହଁରେ ଦାନା ଦେବା ନିଳଚକ୍ର ବାନାକୁ ଆଶ୍ରୟ କରି ଘୁରି ବୁଲୁଛନ୍ତି ସୁନନ୍ଦା । ଯାଜପୁରରେ ଆକାଶବାଣୀ କଳାକାର, ମଞ୍ଚରେ ଦାସକାଠିଆ ଗାୟନକରି ବେଶ ସୁନାମ ଅର୍ଜନ କରିଥିଲେ । ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟର ପ୍ରଚାର କରିବା ପାଇଁ ବିଡ଼ିଓଙ୍କ ମାଧମରେ ଗାଁ ଗାଁ ବୁଲୁଥିଲେ । ନିର୍ମଳ ଭାରତ, କୃଷକ ସଚେତନତା, ଶିଶୁ ଓ ଗର୍ଭବତୀମାନଙ୍କ ବିଭିନ୍ନ ଜନହିତକର ଯୋଜନାରେ ପ୍ରଚାର କରୁଥିଲେ । ଏହି ପ୍ରଚାର ଦ୍ୱାରା ସେ ଦୁଇ ପଇସା ରୋଜଗାର କରି ପରିବାର ପୋଷୁଥିଲେ । କରୋନା ମହାମାରୀର ପ୍ରଥମ ଲହରୀରେ ସବୁ ବ୍ୟବସ୍ଥା ଠପ ହୋଇଗଲା । ଗଚ୍ଛିତ ଟଙ୍କା ଶେଷ ହୋଇଯିବା ପରେ ଜଗାକୁ ଆଶ୍ରା କରି ଧାଇଁ ଆସିଲେ ପୁରୀକୁ । ଗଭା ନାମ ଗାଇ ଲାଳିତ୍ୟ କଣ୍ଠରେ ଜଗା ଭଜନ ବୋଲୁଥିବା ବେଳେ ଅନେକ ସଧବା ନାରୀ ଗୀତ ଶୁଣି ସିନ୍ଦୁର କିଣୁଥିବା ଦେଖିବାକୁ ମିଳିଥିଲା । ଶ୍ରୀମନ୍ଦିରକୁ ଦର୍ଶନ କରି ଫେରୁଥିବା ବେଳେ ଅନେକ ନବଦମ୍ପତିଙ୍କ ବିଶ୍ୱାସ ରହିଛି ବଡ଼ଦାଣ୍ଡରୁ ନାଲି ସିନ୍ଦୁର ନେଇ ସଧବା ନାରୀ ମୁଣ୍ଡର ସିନ୍ଥିରେ ଲଗାଇଲେ ସ୍ୱାମୀଙ୍କ ଆୟୁଷ ବୃଦ୍ଧି ହେବା ସହ ଶରୀର ସୁସ୍ଥ ରହିଥାଏ । କଳାକାରର କଳା କେବେ ମରେ ନାହିଁ । ଯେଉଁ ବ୍ୟବସାୟ କରୁ ପଛେ କଳାକାର ତାର ଭିତରର କଳାକୁ ଦର୍ଶକଙ୍କ ପାଖରେ ପଦର୍ଶ୍ରିତ କରିଥାଏ । ୨୦ ବର୍ଷ ବୟସରୁ କଳାକାର ସୁନନ୍ଦା ଯୋଡ଼ିଏ କାଠି ଧରି ସବୁଗୀତର ସ୍ୱରକୁ ବାନ୍ଧି ରଖିଥିଲେ । ୫୨ ବର୍ଷ ପରେ ମଣିଷ ବାବନପ୍ରସ୍ଥରେ ଧର୍ମକାର୍ଯ୍ୟ କରିଥାଏ ।

# ବନ୍ଧଡିହ ପଂଚାୟତରେ ଆର୍ଥିକ ଓ ଡିଜିଟାଲ ସ୍ୱାକ୍ଷରତା ପ୍ରଶିକ୍ଷଣ ଶିବିର

ଧର୍ମଶାଳା,୩/୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିଅ ପଂଚାୟତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆର୍ଥାକ ଓ ଡିଜିଟାଲ ସ୍ୱାକ୍ଷରତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବନ୍ଧହିହ ପଂଚୟତର ସରପଂଚଙ୍କ ପ୍ରତିନିଧି ବିଜୟ ଜେନା ଅତିଥିଭାବେ ଯୋଗଦେଇ ପ୍ରଦିପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ତାଲିମ ଦାତାଭାବେ ଦେବବ୍ରତ ରାଉତ ଓ ସଂଗ୍ରାମ କେଶରୀ ପାଲ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ଶିବିରରେ ଗ୍ରାମୀଣ ଉଦ୍ୟୋଗ ବିକାଶରେ ମା'ମାନଙ୍କ ଭୂମିକା ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଫଳରେ ଗ୍ରାମୀଣ ମହିଳାମାନେ ଅନ୍ୟ ଉପରେ ନିର୍ଭର ନ କରି ନିଜେ ସ୍ୱାବାଲମ୍ବ ହୋଇପାରିବେ । ବିଶେଷ କରି ଯେଉଁ ପରିବାରର ଆର୍ଥାକ ଭାର ମହିଳାମାନଙ୍କ ଉପରେ ନିର୍ଭର ସେହି ମହିଳାମାନେ ଉପକୃତ ହୋଇପାରିବେ । କାଯ୍ୟକ୍ରମ ପରିଚାଳନାରେ ବିଜୟା ଦାସ,କାଦମ୍ବିନୀ ବେହେରାଙ୍କ ସମେତ ସଂଗଠନର ସଭ୍ୟ ସହଯୋଗ କରିଥିଲେ । ଏହି ପଂଚାୟତର ବିଭିନ୍ନ ୱାର୍ଡରୁ ୩୦ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ ।

# ମୁନୁଷକୋଣ୍ଡାରେ ୨ ୦୦ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଂଟନ

ମାଲକାନଗିରି,୩/୯ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ,ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ,ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା,କାର୍ଡ ଧାରୀମାନେ ବିଜୁ ଡିଜିଟାଲ୍ ସ୍ମାର୍ଟ କାର୍ଡ ସହାୟତା ପାଇବେ । ୧ ସେପଟ୍ମେର ୨୦୨୧ ରୁ କାର୍ଯ୍ୟକ୍ଷମ ହେଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ପ୍ରତ୍ୟେକ ହିତାଧିକାରୀ ପରିବାରଙ୍କୁ ତାଲିକାଭୁକ୍ତ ଘରୋଇ ଚିକିତ୍ସାଳୟରେ ପୁରୁଷ ସଦସ୍ୟ ପାଇଁ ମିଳିବ ବର୍ଷକୁ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟ ପାଇଁ ମିଳିବ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ।

# ଆଦିବାସୀଙ୍କ ପେଟ ପୋଷୁଛି ଜଙ୍ଗଲି ଛତୁ : ସ୍ୱଳ୍ପ ବୃଷ୍ଟିପାତ ପାଇଁ ବଢୁଛି ଦାମ୍

ସମ୍ବଲପୁର,୩/୯ (ନି.ପ୍ର): ବର୍ତମାନ ସମ୍ବଲପୁର ସହର ସାରା ଦେଖିବାକୁ ମିଳୁଛି ଜଙ୍ଗଲି ଛତୁ ବା ଛତୁର ସମ୍ଭାର । ଏହି ଜଙ୍ଗଲି ଛତୁ ପ୍ରତି ଲୋକଙ୍କ ଆଗ୍ରହ କହିଲେ ନସରେ । ଶ୍ରାବଣ ମାସରେ ଅନେକ ଲୋକ ନିରାମିଷ ଭୋଜନ କରିଥାଆନ୍ତି । ତେଣୁ ଏହି ଛତୁ ଭୋଜନରେ ଆମିଷର ଅଭାବକୁ ଅନେକାଂଶରେ ପୂରଣ କରିଥାଏ । ଏହି ଜଙ୍ଗଲି ଛତି ବା ଛତୁର ସ୍ୱାଦ ଏମିତି ନିଆରା ଯେ ଲୋକେ ଆମିଷର ବିକଳ୍ପ ଭାବେ ନିଜ ବ୍ୟଞ୍ଜନରେ ସାମିଲ କରିଥାଆନ୍ତି । ଏଥିରେ ମସଲା ତରକାରୀ ଠାରୁ ଆରମ୍ଭ କରି ବେସର, ଭଜା ଆଦି ବ୍ୟଞ୍ଜନ ସହ ପଲାଉ ଆଦି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ଏହାର ଚାହିଦା ଏପରି ଯେ ଏହାର ସ୍ୱାଦ ଚାଖିଥିବା ଲୋକେ ନଜରକୁ ଆସିବା ମାତ୍ରେ ଆଗ୍ରହର ସହ ଏହି ଛତୁକୁ ମୂଲ୍ୟ ଯେତେ ଅଧିକ ହୋଇଥିଲେ ମଧ କ୍ରୟକରି ନିଅନ୍ତି । ତେବେ ଏହାର ଚାହିଦା ଅନୁଯାୟୀ ମୂଲ୍ୟ ମଧ କିଛି କମ୍ ନୁହେଁ । ଅଧିକ ଲୋକପ୍ରିୟତା ହେତୁ ବଜାରରେ ଲୋକଙ୍କ ଆବଶ୍ୟକ ଅନୁଯାୟୀ ଏହା ନିଅଣ୍ଟିଆ ହୋଇଯାଏ । ବର୍ତମାନ ସମ୍ବଲପୁର ବଜାରରେ ଉପଲବ୍ଧ ଏହି ଜଙ୍ଗଲି ଛତି ବା ଛତୁର ହାରାହାରି ମୂଲ୍ୟ ସ୍ଥାନ ବିଶେଷରେ କିଲୋ ପ୍ରତି ୬୦୦ ରୁ ୮୦୦ ଟଙ୍କା ରହିଛି । ଆଉ ଏଗୁଡ଼ିକୁ କିଣିବାକୁ ଗ୍ରାହକଙ୍କ ଭିଡ଼ ମଧ ଜମୁଛି । ଏହା ଦ୍ୱାରା ଗାଁ ଗହଳିର ଗରିବ ଲୋକେ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି । ଏଭଳି ଛତୁ ଏଠାରେ ପ୍ରଚୁର ପରିମାଣରେ ମିଳିଥାଏ । ତେବେ ଏଥର ଏହି ଜଙ୍ଗଲି ଛତୁ ଗୁଡ଼ିକର ଦାମ ଅପେକ୍ଷାକୃତ ଅଧିକ ରହିବାର କାରଣ ହେଉଛି ସ୍ୱଳ୍ପ ବୃଷ୍ଟିପାତ । ବର୍ତମାନ ସମ୍ବଲପୁର ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଜଙ୍ଗଲରେ ଏହି ଛତୁ ଫୁଟିବା ହ୍ରାସ ପାଇଛି । ତେଣୁ ଦାମ୍ ମଧ ଟିକେ ଅଧିକ ରହିଛି । ଋତୁ ପ୍ରାରମ୍ଭରେ ଉପଲବ୍ଧ ହୋଇଥିବା ରୁଗୁଡ଼ା ଛତି କିଲୋପ୍ରତି ୭୦୦ ରୁ ୪୦୦ ପର୍ଯ୍ୟନ୍ତ ଖସି ଏଥିରେ ସିମୀତ ରହିଥିଲା । ଏହାବାଦ୍ କିଛିଦିନ ପାଇଁ ମିଳିଲା ବିହିଡ଼ନେ ଛତୁ । ଯାହା ପ୍ରାରମ୍ଭରେ କିଲୋ ୧୦୦୦ ଟଙ୍କାରେ ବିକ୍ରି ହୋଇ ପରେ ମୂଲ୍ୟ ହ୍ରାସ ପାଇ ୬୦୦ ଟଙ୍କାରେ ବିକ୍ରି ହେଲା । ତାପରେ ବର୍ତମାନ ବଜାରକୁ ଆସିଛି ବାଲିଛତୁ ଓ ଭୁଦୋମଙ୍ଗଲା ଛତୁ । ବାଲିଛତୁ କିଲୋ ପ୍ରତି ୮୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଭୁଦୋମଙ୍ଗଲା ଛତୁର କିଲୋପ୍ରତି ମୂଲ୍ୟ ରହିଛି ୪୦୦ ରୁ ୬୦୦ ଟଙ୍କା । ତେବେ ଆଗକୁ ଏହାର ମୂଲ୍ୟ ହ୍ରାସ ପାଇବା ଆଶା କରାଯାଏ । ପ୍ରାକୃତିକ ସମ୍ପଦ ତଥା ଜଙ୍ଗଲଜାତ ଦ୍ରବ୍ୟରେ ଭରପୁର ଆଦିବାସୀ ଅଧୁଷିତ ସମ୍ବଲପୁର ଜିଲ୍ଲା । ଯାହା ସ୍ଥାନୀୟ ଅଧିବାସୀଙ୍କ ଜୀବନ ଜୀବିକାକୁ ସହାୟକ ହୋଇ ଆସିଛି । ମୁଖ୍ୟତଃ ଏଠାରେ ଉପଲବ୍ଧ ଜଙ୍ଗଲଜାତ ଦ୍ରବ୍ୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକାର ଏକ ବଳିଷ୍ଠ ମାଧ୍ୟମ ଭାବେ ବିବେଚିତ । କେନ୍ଦୁପତ୍ର, ବାଉଁଶ, କଉଡି, ହେଣ୍ଟୁଆ, ଟୋଲ, ମହୁ ସହିତ ବର୍ଷା ଦିନେ ବିଭିନ୍ନ ପ୍ରକାର ଛତୁ ଆଦି ଏ ଅଞ୍ଚଳର ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପାଇଁ ବେଶ୍ ଦୁଇ ପଇସା ରୋଜଗାରର ମାର୍ଗ ସାବ୍ୟସ୍ତ ହୋଇ ଆସିଛି । ମୁଖ୍ୟତଃ ବର୍ଷା ଦିନେ ଏହି ଛତୁ ଉପଲବ୍ଧ ହୋଇଥାଏ । ମାତ୍ର ଘଞ୍ଚ ଜଙ୍ଗଲ ମଧ୍ୟରେ । ଏହାକୁ ପାଇବା ସାଧାରଣ ଲୋକଙ୍କ ପକ୍ଷେ କଷ୍ଟକର, ସ୍ୱଷ୍ଟ ଭାବେ କହିବାକୁ ଗଲେ ଅସମ୍ଭବ । ହେଲେ ଏହାକୁ ଖୋଜି ଆଣିବାରେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ସିଦ୍ଧହସ୍ତ । ସେମାନେ ଏହାକୁ ଜଙ୍ଗଲରୁ ସଂଗ୍ରହ କରି ଆଣି ନିକଟସ୍ଥ ହାଟ ଗୁଡ଼ିକରେ ବିକ୍ରୟ କରିଥାଆନ୍ତି । ଏହା ଅତ୍ୟନ୍ତ ସୁସ୍ୱାଦୁ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଏହି ଛତୁର ଚାହିଦା ମଧ ବହୁ ଅଧିକ । ସତେ ଯେମିତି ଲୋକେ ଏହି ଛତୁ ପାଇଁ ବର୍ଷ ତମାମ ଅପେକ୍ଷା କରି ରହିଥାଆନ୍ତି । ସହରାଞ୍ଚଳରେ ମଧ ଏଭଳି ଛତୁର ଚାହିଦା କିଛି କମ୍ ନୁହେଁ । ତେବେ ବର୍ଷାର ଆଗମନ ସହ ବର୍ଷାର ପରିମାଣ ଉପରେ ଏହି ଜଙ୍ଗଲି ଛତୁର ଉପଲବ୍ଧତା ନିର୍ଭର କରିଥାଏ । ଯେତେ ଅଧିକ ବର୍ଷା ହେବ ସେତେ ଅଧିକ ପରିମାଣରେ ଉପଲବ୍ଧ ହୁଏ ଏହି ଜଙ୍ଗଲି ଛତୁ । ସେହି ଅନୁଯାୟୀ ଏହାର ମୂଲ୍ୟ ମଧ ଧାର୍ଯ୍ୟ ହୋଇଥାଏ । ହେଲେ ଏହାର ସ୍ୱାଦ ଯିଏ ଥରେ ଚାଖିଛି ତା ପାଇଁ ଏହାର ମୂଲ୍ୟ କୌଣସି ମାନେ ରଖି ନଥାଏ । ତେବେ ସମ୍ବଲପୁରରେ ବର୍ଷ ତମାମ ମଧ ଉପଲବ୍ଧ ରହୁଛି ପାଳଛତୁ ଓ ବଟମ ଛତୁ । ଯାହା ଘରୋଇ ଭାବେ ଚାଷ କରାଯାଇଥିବା ଛତୁ । ଏଥିପ୍ରତି ଲୋକଙ୍କ ସେତେଟା ଆଗ୍ରହ ପରିଲକ୍ଷିତ ହୋଇନଥାଏ । ମାତ୍ର ଲୋକଙ୍କ ମଧ୍ୟରେ ବର୍ଷା ଋତୁରେ ମିଳୁଥିବା ଏହି ଜଙ୍ଗଲି ଛତୁ ପ୍ରତି ରହିଥିବା ଦୁର୍ବଳତା ଅତ୍ୟନ୍ତ ନିଆରା । ବର୍ଷା ଋତୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ (ଜୁନ୍ ମାସ ଶେଷ ସପ୍ତାହରୁ ଅକ୍ଟୋବର ମାସ ଧିତୀୟ ସପ୍ତାହ) ପର୍ଯ୍ୟନ୍ତ ଏ ଅଞ୍ଚଳରେ ମିଳୁଥିବା ବିଭିନ୍ନ ପ୍ରକାରର ଛତୁ ଗୁଡ଼ିକ ମଧ୍ୟରେ ରୁଗୁଡ଼ା, ବିହିଡ଼ନେ୍, ବାଲି, ବାଉଁଶ୍, ମୋର୍ଡେ, ଭୁଦୋମଙ୍ଗଲା, ଦଶରାମଙ୍ଗଲା ଆଦି ବେଶ୍ ଲୋକପ୍ରିୟ ।

# ଗୁରୁ ସାକ୍ଷାତ୍ ପରଂବ୍ରହ୍ମ



ଜୟଶ୍ରୀ ପଟ୍ଟନାୟକ

ଗୁରୁ ବ୍ରହ୍ମା,ଗୁରୁ ବିଷ୍ଣୁ,
ଗୁରୁ ଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ
ତସ୍ମୈଶ୍ରୀ ଗୁରବେ ନମଃ ।

ଶିକ୍ଷା ଓ ସଂସ୍କୃତି ଯେ କୌଣସି ଦେଶର ସଭ୍ୟତାର ମାନଦଣ୍ଡ । ସଂସାରର ସୃଜନଶୀଳ ସ୍ଥିତିରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସ୍ଥାନ ଚିର ବନ୍ଦନୀୟ, ଅଭିନନ୍ଦନୀୟ । ଏମାନେ ଜାତୀୟ ଜୀବନର ଆତ୍ମାର ପରିଚୟ । ସବୁ ଶିକ୍ଷା ମୂଳରେ ଗୁରୁଙ୍କ ଆଦର୍ଶ ଓ ଅବଦାନ ଯଥେଷ୍ଟ ରହିଛି । ଶିକ୍ଷା ମଣିଷର ଭାବମୂର୍ତ୍ତି ବଦଳାଏ, ମଣିଷକୁ ସୁମାର୍ଜିତ କରାଏ, ସୁମାର୍ଗରେ ଯିବାପାଇଁ ପ୍ରବର୍ତ୍ତାଏ । ଶିକ୍ଷା ସର୍ବଦା ଅଗାଧ ଗାମ୍ଭୀର୍ଯ୍ୟରେ ପରିପୂର୍ଣ୍ଣ । ଗୁରୁ ଶବ୍ଦର ଅର୍ଥ ହେଉଛି ଗୁ ଅର୍ଥ ଅନ୍ଧକାର ରୁ ଅର୍ଥ ଆଲୋକ ଅର୍ଥାତ୍ ଯିଏ ଅନ୍ଧକାରରୁ ଜ୍ଞାନରୂପୀ ପୁନେଇଁର ଜ୍ୟୋସ୍ନା କୁ ଆହରଣ କରିବାକୁ ବାଟ ଦେଖାନ୍ତି ସେ ହିଁ ପ୍ରକୃତରେ ଗୁରୁ ପଦବାଚ୍ୟ ।

ଗୁରୁ ଚିରକାଳ ନମସ୍ୟ ଓ ପୂଜ୍ୟ । ଗୁରୁ ଅଜ୍ଞାନ ଅନ୍ଧକାର ଦୂର କରି ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରନ୍ତି । ବିଦ୍ୟାର୍ଥୀ ମାନଙ୍କ ପାଇଁ ଗୁରୁ ହେଉଛନ୍ତି ବନ୍ଧୁ, ଦାର୍ଶନିକ ଏବଂ ପଥ ପ୍ରଦର୍ଶକ । ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି-

ଗୁରୁଙ୍କୁ ନ ମଣିବ ନର,
ଗୁରୁ ହିଁ ସାକ୍ଷାତ ଈଶ୍ୱର ।


ଅର୍ଥାତ ପରମାତ୍ମା ପରବ୍ରଂହ ହେଉଛନ୍ତି ଶୂନ୍ୟବାସୀ ନିରାକାର । ସ୍ଥୁଳ ସୂକ୍ଷ୍ମ କାରଣର ବହୁ ଉର୍ଦ୍ଧ୍ୱରେ ତାଙ୍କର ସ୍ଥିତି । ଜ୍ୟୋତି ସ୍ୱରୂପରେ ବିରାଜିଥାନ୍ତି ମହାଶୂନ୍ୟରେ । ତାଙ୍କର ସାକାର ସ୍ୱରୂପ ହେଉଛି ଗୁରୁ । ତେଣୁ ଓଡିଆ ଭାଗବତରେ ଅଛି ମୁହିଁ ବସଇ ଗୁରୁ ଦେହେ ମୋ ବିନୁ ଗୁରୁ ଭିନ୍ନ ନୁହେଁ । ନର ସ୍ୱରୂପ ଧାରଣ କରିଥିଲେ ମଧ୍ୟ ଭଗବାନଙ୍କ ଦିବ୍ୟଶକ୍ତି ପୂରି ରହିଥାଏ ତାଙ୍କଠାରେ । ତେଣୁ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସ୍ୱରୂପ ବୋଲି କୁହାଯାଏ କାରଣ ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଏବଂ ମହେଶ୍ୱର ସଂହାର କର୍ତ୍ତା ଠିକ ସେହିପରି ଗୁରୁ ଶିଷ୍ୟ ମାନଙ୍କ ପାଖରେ ଥିବା ଅଜ୍ଞାନ ଓ କୁସଂସ୍କାରକୁ ଦୂରେଇ ସତ୍‌ଚେତନା ଓ ଦିବ୍ୟ ଗୁଣାବଳୀରେ ଆଲୋକିତ କରିଥାନ୍ତି ତାଙ୍କର ଗୁଣାବଳୀକୁ । ଶିକ୍ଷକ, ଅଧ୍ୟାପକ ଇନଷ୍ଟ୍ରକଟର,ଡେମନଷ୍ଟ୍ରେଟର ସମସ୍ତେ ଛାତ୍ର ଛାତ୍ରୀ ଙ୍କ ଦୃଷ୍ଟିରେ ଗୁରୁତୁଲ୍ୟ । ଗୁରୁ ଶବ୍ଦ ସଦ୍‌ଗୁରୁକୁ ବୁଝାଏ । ଅସଦ୍ ଗୁରୁ ,ଗୁରୁ ପଦବାଚ୍ୟ ନୁହେଁ । ଗୁରୁଙ୍କ ଚରିତ୍ର ସର୍ବଦା ବିଦ୍ୟାର୍ଥୀ ପ୍ରତି ସୁନ୍ଦର, ସାବଲୀଳ ହେବା ଦରକାର । ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀକୁ ବିକଶିତ କରିବା ଗୁରୁ ଙ୍କର ପ୍ରଧାନ କର୍ତ୍ତବ୍ୟ । ପିଲା ମାନଙ୍କର ସୃଜନୀଶକ୍ତିର ବିକାଶ ସଙ୍ଗେ ସଙ୍ଗେ ସେମାନଙ୍କର ଧିଶକ୍ତିର ବିକାଶ କରାଇବା ଏବଂ ସୃଜନଶୀଳ ଗତିପଥରେ ବାଟ କଢ଼େଇନେବା ଶିକ୍ଷକର ଗୁରୁ ଦାୟିତ୍ୱ ।

ଗାନ୍ଧିଙ୍କ ମତରେ ଶିଶୁର ସାମଗ୍ରିକ
ଅଭିବୃଦ୍ଧି ହିଁ ଶିକ୍ଷା ।
ବିବେକାନନ୍ଦଙ୍କ ମତରେ -
ଚରିତ୍ର ଗଠନ ହିଁ ଶିକ୍ଷା ।

ଶିକ୍ଷା ମଣିଷର ଏକ ମୌଳିକ ଅଧିକାର, ଏକ ପ୍ରାକୃତିକ ବିଭବ । ପ୍ରାଗୈତିହାସିକ ଯୁଗରେ ମଣିଷ ପରିବେଶ ସହିତ ନିଜକୁ ଖାପ ଖୁଆଇ ଚଳେଇବା ପାଇଁ ଯେଉଁ ଚିନ୍ତନ ଓ ଧିଶକ୍ତିର ବ୍ୟବହାର କରୁଥିଲା ସେହିଠାରୁ ଆରମ୍ଭ ହେଲା ମଣିଷର ଶିକ୍ଷା । ବିଦ୍ୟାଳୟ ଏପରି ଏକ ସ୍ଥାନ ଯେଉଁଠାରେ ପିଲାଟିର ଭବିଷ୍ୟତ ଗଢ଼ିବା ପାଇଁ ପିତାମାତା ଶିଶୁଟିକୁ ଛାଡିଥାନ୍ତି । ଗୁରୁଙ୍କୁ ଈଶ୍ୱର ସମ କରିବା ଦ୍ୱାରା ଆମର ପଂଚ ଇନ୍ଦ୍ରିୟ ଯଥା; ଚକ୍ଷୁ,ନାସା, କର୍ଣ୍ଣ, ଜିହ୍ୱା ଓ ତ୍ୱକ ପଂଚ କର୍ମନ୍ଦ୍ରିୟ ଯଥା; ପାଦ, ପାଣି,ବାକ୍, ଉପସ୍ଥ ଓ ପାୟୁ ସର୍ବୋପରି ମନ, ଏକାଦଶ ଇନ୍ଦ୍ରିୟ ସଂଯତ ହେଲେ ଆତ୍ମ ମନରେ ଯାବତୀୟ ଭୌତିକ ଜ୍ଞାନ ଓ ଦିବ୍ୟଜ୍ଞାନ ଲାଭ କରିବା ନିମିତ ଶ୍ରଦ୍ଧା ଜାତ ହେବ । ଗୁରୁଙ୍କ ଆଦେଶକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କଲେ ଆମେ ତମ ଗୁଣ, ରଜ ଗୁଣକୁ ଅତିକ୍ରମ କରି ସତ୍ୱ ଗୁଣରେ ଉପନୀତ ହେବା । ଫଳରେ ଆମ୍ଭେମାନେ ବୈଜ୍ଞାନିକ, ଦାର୍ଶନିକ, ପ୍ରାବନ୍ଧିକ, କବି, ଚିତ୍ରକର, ଚିକିତ୍ସକ, ଯନ୍ତ୍ରୀ ପଦବୀ ମଣ୍ଡନ କରି ପାରିବା । ଗୁରୁଭକ୍ତି ଓ ବ୍ରହ୍ମଚର୍ଯ୍ୟ ବଳରେ ବେଦବ୍ୟାସ, ଚତୁର୍ବେଦ, ଅଷ୍ଟାଦଶ ପୁରାଣ ଭାଗବତ ଗୀତା, ଶ୍ରୀମଦ୍ ଭାଗବତ୍ ରଚନା କରି କାଳଜୟୀ ହୋଇ ପାରିଛନ୍ତି । ସ୍ୱାମୀ ବିବେକାନନ୍ଦ, ଗୁରୁକୃପା ଲାଭକରି ସ୍ୱୀୟ ଜ୍ଞାନ ବଳରେ ସମଗ୍ର ବିଶ୍ୱକୁ ଜୟ କରି ପାରିଥିଲେ ।

ପ୍ରାଚୀନ ଭାରତରେ ପ୍ରତିଷ୍ଠିତ ବିଦ୍ୟାଳୟ ନ ଥିଲା କି ବେତନଭୋଗୀ କର୍ମଚାରୀ ଶିକ୍ଷା ପଦରେ ନିଯୁକ୍ତ ହେଉ ନ ଥିଲେ । ତାଳପତ୍ର ପୋଥି ଗୁରୁକୁଳ ଶିକ୍ଷା ଥିଲା ଶିକ୍ଷାର ମାଧ୍ୟମ । ଗୁରୁ ମାନେ ନିଷ୍କପଟ,ନିରଳସ ଶିକ୍ଷାଦାନ କରି ଆଶ୍ରମରେ ଉତମ ଚରିତ୍ରର ମନୁଷ୍ୟ ସୃଷ୍ଟି କରୁଥିଲେ । ଶିଷ୍ୟମାନେ ଶାନ୍ତ, ଶୃଙ୍ଖଳିତ ଜୀବନ ଅତିବାହିତ କରୁଥିଲେ । ଶସ୍ତ୍ର ଶାସ୍ତ୍ର, ନୀତିଶିକ୍ଷା, ଗୋପାଳନ, କୃଷି, ବୃକ୍ଷରୋପଣ, ଖାଦ୍ୟ ସଂରକ୍ଷଣ, ତପ,ଧର୍ମ ଆଚରଣ ଦ୍ୱାରା ମନୁଷ୍ୟ ମନର ସଂଯମ ରକ୍ଷା କରୁଥିଲେ । ବେଦାଧ୍ୟୟନ ଥିଲା ମୂଖ୍ୟ ବିଷୟ । ତକ୍ଷଶିଳା, ନାଳନ୍ଦା, ସାରନାଥ, ଉଜ୍ଜୟିନୀ ଥିଲା ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ । ସେତେବେଳକୁ ଶିଷ୍ୟମାନେ ଗୁରୁ ମାନଙ୍କୁ ହେଲୋ ସାର୍ ! ଗୁଡ ମର୍ଣ୍ଣିଙ୍ଗ । ହାଓ ଆର୍ ୟୁ ? ସମ୍ବୋଧିତ କରୁ ନ ଥିଲେ । ଆଗରେ ଭକ୍ତି ପ୍ରଦର୍ଶନ କରି ପଛରେ ଗୁରୁଙ୍କ ଉଦ୍ଦେଶ୍ୟରେ ଅପଭାଷା ପ୍ରୟୋଗ କରୁ ନ ଥିଲେ । ଗୁରୁ-ଶିଷ୍ୟ ପରଂପରା ଅତି ପବିତ୍ର ଓ ମଧୁର ଥିଲା । ଗୁରୁ ବ୍ରହ୍ମା ରୂପରେ ସୃଷ୍ଟି କର୍ତ୍ତା ଅର୍ଥାତ୍ ସେ ନୂଆ ଜିନିଷ ସୃଷ୍ଟି କରି ଶିଷ୍ୟକୁ ନବଜନ୍ମ ଦିଅନ୍ତି । ଗୁରୁ ବିଷ୍ଣୁ ରୂପରେ ପାଳନକର୍ତ୍ତା ଅର୍ଥାତ୍ ଶିଷ୍ୟକୁ ନିଜ ସନ୍ତାନ ଭାବି ଆଦର କରନ୍ତି । ସ୍ନେହ ପୂର୍ଣ୍ଣ ବ୍ୟବହାର କରି ସତ୍ ଉପଦେଶ ଦିଅନ୍ତି । ଗୁରୁ ମହେଶ୍ୱର ରୂପରେ ସଂହାର କର୍ତ୍ତା ଅଥାତ୍ ଶିଶୁର ଦୋଷ ଦୁର୍ବଳତାକୁ ସଂହାର କରନ୍ତି । ଅଜ୍ଞାନ ଅନ୍ଧକାର ଦୂର କରି ଜ୍ଞାନାଲୋକ ପ୍ରଦାନ କରନ୍ତି । ବିପଥଗାମୀ ମାନବ ସମାଜକୁ ସତ୍‌ମାର୍ଗରେ ପରିଚାଳିତ କରନ୍ତି । ଏ ଧରାପୃଷ୍ଠରେ ଯୁଗେ ଯୁଗେ ଅନେକ ସଦ୍‌ଗୁରୁଙ୍କ ଆବିର୍ଭାବ ଘଟିଛି । ସେମାନଙ୍କ ମଧ୍ୟରେ ନିଜର ନିଷ୍ଠା, ପବିତ୍ରତା ସତ୍ ଚରିତ୍ର ଓ ପ୍ରଗାଢ଼ ଜ୍ଞାନ ପାଇଁ ଗୁରୁ-ଶିଷ୍ୟ ମାନଙ୍କ ମନ ମନ୍ଦିରରେ ପୂଜାର ପାତ୍ର ରୂପେ ଚିର ସ୍ମରଣୀୟ ହୋଇ ରହୁଥିଲେ । ସେମାନଙ୍କ ମଧ୍ୟରେ ମହାପୁରୁଷ ସ୍ୱାଧୀନତା ସଂଗ୍ରାମୀ ଯୋଗୀଶ୍ରେଷ୍ଠ ପରମ ପ୍ରଭୁ ଶ୍ରୀ ଅରବିନ୍ଦ ଓ ସର୍ବପଲ୍ଲୀ ରାଧାକୃଷ୍ଣନ ଉତ୍ୟାଦି ଅନ୍ୟତମ । ପ୍ରତିବର୍ଷ ଗୁରୁଦିବସ ଦିନ ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ନାମକୁ ସ୍ମରଣା କରି ସେପଟେମ୍ବର ମାସ ୫ ତାରିଖରେ ପାଳନ କରାଯାଏ ଗୁରୁଦିବସ । ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ୧୮୮୮ ମସିହା ସେପଟେମ୍ବର ମାସ ୫ ତାରିଖରେ ତାମିଲନାଡୁର ଥିରୁଭାନିରେ ହୋଇଥିଲା । ସେ ଜଣେ ଦାର୍ଶନିକ ଥିଲେ , ପ୍ରଚଣ୍ଡ ସ୍ମୃତିଶକ୍ତିର ଗନ୍ତାଘର ଥିଲେ । ରାଧାକ୍ରିଷ୍ଣନ୍‌ଙ୍କୁ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଦିନୁ ତାଙ୍କ ସାଙ୍ଗସାଥୀ, ଅଧ୍ୟାପକ ମାନେ ଖୁବ୍ ଭଲ ପାଉଥିଲେ । ସେ ଖୁବ୍ ଲାଜକୁଳା, ନମ୍ର ଓ ସୁଧୀର ଥିଲେ । ସେ ଥିଲେ ପ୍ରଭୁ ଭେଙ୍କେଟଶ୍ୱରଙ୍କ ପରମ ଭକ୍ତ । କେବଳ ହିନ୍ଦୁଧର୍ମରେ ନୁହଁ ଖ୍ରୀଷ୍ଟଧର୍ମରେ ମଧ ତାଙ୍କର ସୁଖ୍ୟାତି ଥିଲା ।

ମାନ୍ଦ୍ରାଜର ଖ୍ରୀଷ୍ଟିୟାନ କଲେଜରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀର ପ୍ରଥମ ହୋଇ ସେ ବି.ଏ ପାସ୍ କରିଥିଲେ । ତା ପର ବର୍ଷ ଟିଚରସ୍ କଲେଜରୁ କୃତିତ୍ୱ ସହିତ ଏଲ.ଟି ପାସ୍ କରିଥିଲେ । ୧୯୦୯ ମସିହାରେ ମାନ୍ଦ୍ରାଜର ପ୍ରେସିଡେନସି କଲେଜରେ ଅଧ୍ୟାପକ ରୂପେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ମହୀଶୂର ବିଶ୍ୱ ବିଦ୍ୟାଳୟରେ ଦର୍ଶନ ବିଭାଗରେ ମୂଖ୍ୟ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ୧୯୨୬ ମସିହାରେ ସେ ହାଭାର୍ଡ୍ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତିକ ଦର୍ଶନ କଂଗ୍ରେସରେ ଭାରତର ପ୍ରତିନିଧିତ୍ୱ କରିଥିଲେ ଏବଂ ଭାରତୀୟ ଦର୍ଶନର ପ୍ରଚାର କରିଥିଲେ । ୧୯୩୧ ମସିହାରେ ସେ ଆନ୍ଧ୍ର ବିଶ୍ୱ ବିଦ୍ୟାଳୟର କୁଳପତି ରୂପେ ଯୋଗ ଦେଇଥିଲେ । ୧୯୩୯ ଖ୍ରୀଷ୍ଟାବ୍ଦରେ ବାରଣାସୀର ହିନ୍ଦୁ ବିଶ୍ୱ ବିଦ୍ୟାଳୟରେ ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ତଥା ମଦନମୋହନ ମାଳବ୍ୟଙ୍କ ଅନୁରୋଧକ୍ରମେ ରାଧାକ୍ରିଷ୍ଣନ୍ ଉକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ରୂପେ ଯୋଗ ଦେଇଥିଲେ । ୧୯୪୯ ରେ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କ ପରାମର୍ଶକ୍ରମେ ସେ ରୁଷିଆର ରାଷ୍ଟ୍ରଦୂତ ରୂପେ ନିଯୁକ୍ତ ହୋଇଥିଲେ ସେ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ରୂପେ କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଥିଲେ । ୧୯୫୨ ମସିହାରେ ସେ ଭାରତର ଉପରାଷ୍ଟ୍ରପତି ଭାବେ ଯୋଗ ଦେଇଥିଲେ ।



୧୯୬୨ ମସିହା ମେ ମାସ ୧୨ ତାରିଖରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିଥିଲେ । ୧୯୬୩ ରେ ସେ ଇଂଲଣ୍ଡର ସର୍ବୋଚ୍ଚ ଉପାଧି ,ଅର୍ଡର ଅଫ ମେରିଟ ରେ ଭୂଷିତ ହୋଇ ଅଧିକ ଲୋକପ୍ରିୟ ହୋଇ ପାରିଥିଲେ । ୧୯୭୫ ଅପ୍ରେଲ ୧୬ ତାରିଖରେ ରାଧାକ୍ରିଷ୍ଣନ ୮୬ ବର୍ଷ ବୟସରେ ଭାରତବାସୀଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ ।

ସେ ଥିଲେ ଜଣେ ଜ୍ଞାନଯୋଗୀ । ଭାରତର ତଥା ପୃଥିବୀର ବିଭିନ୍ନ ଦେଶରୁ ବିଭିନ୍ନ ସମୟରେ ବହୁ ସମ୍ମାନସୂଚକ ପଦବୀ ଓ ଉପାଧି ଲାଭ କରିଥିଲେ । ସେ ମଧ ଭାରତ ଦର୍ଶନକୁ ବିଦେଶରେ ପହଞ୍ଚାଇ ବାରେ ସିଦ୍ଧହସ୍ତ ଥିଲେ । ଥରେ ତାଙ୍କର କିଛି ପ୍ରିୟ ଛାତ୍ର ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ ଅନୁରୋଧ କରନ୍ତେ, ଜଣେ ଶିକ୍ଷକ ଭାବରେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରି ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବାରୁ ଏବଂ ଶିକ୍ଷକ ସମାଜର ସମ୍ମାନାର୍ଥେ ସେ ତାଙ୍କ ଜନ୍ମ ଦିବସଟିକୁ ଗୁରୁଦିବସ ରୂପେ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ଭାରତ ସରକାର ତାହାକୁ କାର୍ଯକାରୀ କରାଇ ତାଙ୍କୁ ସମ୍ମାନିତ କରିବା ପାଇଁ ଭାରତରେ ଗୁରୁ ପରମ୍ପରାକୁ ବଜାୟ ରଖିବାରେ ସମର୍ଥ ହୋଇ ପାରିଛନ୍ତି । ଗୁରୁ ଙ୍କ ମହତ୍ୱ ଆମେ ନିତିଦିନିଆ ଜୀବନରେ ଅନୁଭବ କରିଥାଉ । କୁମ୍ଭାର ମାଟିରେ ହାଣ୍ଡି, ମାଠିଆ ଗଢ଼ିଲା ବେଳେ ମାଟି ନରମ ଥାଏ । ମାଟି ନରମ ଥିଲାବେଳେ ହାଣ୍ଡି, ମାଠିଆ ଗଢ଼ି ହୋଇଥାଏ ତାକୁ ବିଭିନ୍ନ ରୂପ ମଧ ଦିଆ ହୋଇଥାଏ । ମାଟି ଟାଣ ହେଲେ ଆଉ ସଜାଡି ହୁଏ ନାହିଁ । ସେହିପରି ବିଦ୍ୟାର୍ଥୀ ଜୀବନ ହେଲା ଗଠନର ସମୟ । ତାଙ୍କୁ ଯେଉଁପରି ଗଢ଼ିବ ସେ ସେହିପରି ଗଢ଼ିହେବେ । ସମାଜରେ ପ୍ରତିଷ୍ଠିତ ହେବେ । ଯଶ ଗୌରବ ଲାଭ କରି ପାରିବେ । ବୈଦିକ ଯୁଗର ଶିଷ୍ୟମାନେ ଜୀବନକୁ ମହନୀୟ ଓ ମଧୁମୟ କରିବାକୁ ସତ ଚେଷ୍ଟିତ ଥିଲେ । ସେମାନଙ୍କ ମଧ୍ୟରୁ ଆରୁଣୀ, ଉପମନ୍ୟୁ. ଶ୍ରୀକୃଷ୍ଣ,ଏକଲବ୍ୟ ଓ କର୍ଣ୍ଣଙ୍କ ଜୀବନରୁ ଆମେ ଏହି ଶିକ୍ଷା ଓ ଆଦର୍ଶ ପାଇପାରିଛେ । ସେତେବେଳେ ଗୁରୁମାନେ ଶିଷ୍ୟ ମାନଙ୍କ ନିମନ୍ତେ ଭଗବାନ ଥିଲେ । ଗୁରୁ-ଶିଷ୍ୟ ସମ୍ପର୍କ ଖୁବ ସୁନ୍ଦର ଥିଲା । ଗୁରୁ ଓ ଶିଷ୍ୟ ସଂପର୍କ ଫୁଲ ଓ ତାର ମହକ ପରି ଥିଲା । ଶିଷ୍ୟମାନେ ଖୁବ ଆଜ୍ଞାବହ ଥିଲେ । ଏକଲବ୍ୟ ନିଜର ବୃଦ୍ଧାଙ୍ଗୁଳି ଟିକୁ ଗୁରୁ ଦ୍ରୋଣାଚାର୍ଯ୍ୟ ଙ୍କୁ ସମର୍ପଣ କରିଥିଲେ । ଅରୁଣୀ ଗୁରୁଙ୍କ ଆଦେଶରେ ଜମିର ପାଣି ଅଟକାଇବାକୁ ଯାଇ ନିଜେ ପାଣି ସୁଅରେ ଶୋଇ ପାଣିକୁ ଅଟକାଉ ଥିଲେ । ସେତେବେଳେ ଶିଷ୍ୟ ମାନଙ୍କର ଅପୂର୍ବ ଧୈର୍ଯ୍ୟ ଶକ୍ତି, ସହନ ଶକ୍ତି, ନିଷ୍ଠା ଥିଲା ଯାହା ଆଜି କାଲିର ବିଦ୍ୟାର୍ଥୀ ମାନଙ୍କ ଠାରେ ଆକାଶ କୁସୁମର ଆକାର ନେଇଛି । ବର୍ତମାନର ଶିକ୍ଷା ବ୍ୟବସ୍ଥା ପ୍ରମାଣପତ୍ର ହାସଲ, ପ୍ରମାଣପତ୍ର ମାଧ୍ୟମରେ ପଦ ପଦବୀ ଏବଂ ଅର୍ଥ ଉପାର୍ଜନ ହୋଇ ପଡିଛି ମୂଳ ଲକ୍ଷ୍ୟ । ଚରିତ୍ର ଗଠନ ଦିଗରେ ଏହାର ପ୍ରଭାବ କିଛି ବି ରହୁନାହିଁ । ଚରିତ୍ର ଗଠନ, ନୈତିକତାର ମୂଲ୍ୟବୋଧ, ଆଦର୍ଶ ଜୀବନ ଯାପନ ଶୈଳୀ ନ ଥିଲେ ଗୁରୁ-ଶିଷ୍ୟ ପରମ୍ପରା ପରିମାର୍ଜିତ ହୋଇ ପାରିବ ନାହିଁ ।

ତେଣୁ କୁହାଯାଇଛି ଚରିତ୍ର କରେ
ମାନବେ ଦେବତା
ଚରିତ୍ର କରେ ଶିକ୍ଷାର ନିରାପତା
ଯେ ମାନବ ଠାରେ ଚରିତ୍ର ଥାଇ
ନୀଚ ହେଲେ ବି ସର୍ବତ୍ର ପୂଜା ପାଇ ।

ସତ୍ୟ, ନିଷ୍ଠ, ନ୍ୟାୟବାନ ହେବା ଦ୍ୱାରା ଗୁରୁ ଶିଷ୍ୟ ଉଭୟଙ୍କର ସମ୍ପର୍କରେ ଶୁଦ୍ଧତା, ନିରାମୟତା ଆସିବ । ଯେଉଁ ଶିକ୍ଷକ ଯେଉଁ ବିଷୟ ପଢ଼ାଇବେ ସେହି ବିଷୟରେ ଜ୍ଞାନୀ ହୋଇଥିବା ଦରକାର । ପିଲାଙ୍କୁ ସୁନ୍ଦର, ସାବଲୀଳ ଢ଼ଙ୍ଗରେ ବୁଝାଇ ପାରୁଥିବା ଦରକାର । ଶିକ୍ଷକଙ୍କ ସ୍ୱର ଶ୍ରୁତି ମଧୁର ଏବଂ ଶ୍ରେଣୀ ଗୃହକୁ ଶୁଭୁଥିବା ଦରକାର । ଘରୋଇ ଟିଉସନ ପ୍ରତି ଲାଳାୟିତ ନ ହୋଇ ପାଠାଗାର ଓ ବିଜ୍ଞାନ ପରୀକ୍ଷାଳୟ ସହ ଗୁଢ଼ ସମ୍ପର୍କ ରଖିବା ଉଚିତ୍ । ବିଦ୍ୟାଳୟକୁ ଯଥା ସମୟରେ ଆସି ବିଦ୍ୟାର୍ଥୀଙ୍କ ପ୍ରତି ସମଭାବାପନ୍ନ ଆଚରଣ କରିବା ଉଚିତ୍ । ଉତର ଖାତାକୁ ନିଷ୍ଠାର ସହିତ ଦେଖିବା ଉଚିତ୍ । କାହାର ପ୍ରତି ପକ୍ଷପାତ ନ କରିବା ଉଚିତ । ଉତମ ଚରିତ୍ର, ସେବା ମନୋବୃତି, ତ୍ୟାଗ, ପରିଶ୍ରମୀ, କର୍ତବ୍ୟ ପରାୟଣ, ନମ୍ରତା, ସମୟାନୁବର୍ତୀ ହେବା ଉଚିତ୍ । ଶୃଙ୍ଖଳିତ ଓ ସଂଯମୀ ହେବା ଦରକାର । ଏହାଦ୍ୱାରା ଶିକ୍ଷକ ଠାରେ ମହାନ୍ ବ୍ୟକ୍ତିତ୍ୱ ଫୁଟି ଉଠିବ । ସେଥିପାଇଁ କୁହାଯାଇଛି-

ନମ୍ରତି ଫଳିନ ବୃକ୍ଷାଃ
ନମ୍ରତି ଗୁଣିନ ଜନାଃ ।

ଯେପରି ଫଳଭର୍ତି ଗଛର ଶାଖା ପ୍ରଶାଖା ନଇଁଯାଏ ସେହିପରି ଶିକ୍ଷିତ ଜ୍ଞାନୀ ବ୍ୟକ୍ତିମାନେ ନମ୍ର ହେବା ଦରକାର । ଜୀବନରେ ସଫଳତା ଆଣିବା ପାଇଁ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ଓ ଗୁରୁ ଭକ୍ତି ଶିଷ୍ୟ ମାନଙ୍କ ଠାରେ ଦେଖାଯିବା ଉଚିତ୍ ।

ଶିକ୍ଷାଗୁରୁ ସର୍ବଦା ସମ୍ମାନାସ୍ପଦ । ଏଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ଉଚିତ୍ । ଶିକ୍ଷା ବିହୀନ ମନୁଷ୍ୟ ପଶୁତୁଲ୍ୟ । ନିରକ୍ଷରତା ଜାତୀୟ କଳଙ୍କ । ଶିକ୍ଷା ବ୍ୟକ୍ତିକୁ କରେ ମାର୍ଜିତ, ସଭ୍ୟ । ପ୍ରତ୍ୟେକ ବିଦ୍ୟାର୍ଥୀ ନିଜ ନିଜର ଆଚରଣକୁ ଶୁଦ୍ଧ ତଥା ଶିଷ୍ଟ କରି ପାରିଲେ ଦେଶର, ଜାତିର ମଙ୍ଗଳ ହେବ । ଅଜ୍ଞାନ ରୂପକ ଅନ୍ଧକାରକୁ ଗୁରୁ ରୂପକ ସୂର୍ଯ୍ୟ ହିଁ ଦୂରେଇ ପାରିବେ । ଗୁରୁ ଈଶ୍ୱର ତୁଲ୍ୟ । ଗୁରୁ ଅଜ୍ଞାନ ରୂପକ ସାଗରରେ ଜ୍ଞାନର ବୋଇତଟିଏ । କବୀରଙ୍କ ଭାଷାରେ ଗୁରୁ ଗୋବିନ୍ଦଙ୍କ ଭିତରେ ଗୁରୁ ହିଁ ଗରୀୟାନ । ଗୁରୁ ପ୍ରତି ସମ୍ମାନରେ, ସଭ୍ରମରେ ମୁଣ୍ଡ ନଇଁଯାଏ ଆପେ ଆପେ । ଗୁରୁ ଚିରକାଳ ନମସ୍ୟ, ପୂଜ୍ୟ । । ଆଜି କାଲି କିନ୍ତୁ କିଛି ଗୁରୁ ଦାନବ ସାଜି ଅତ୍ୟାଚାର, ଯୌନ ନିର୍ଯ୍ୟାତନା ଦେଇ କୋମଳମତି ପିଲାଙ୍କ ମନରେ ଅପବିତ୍ରତାର କଳଙ୍କ ବୋଳି ଦେଉଛନ୍ତି ଯା ଦ୍ୱାରା ସମଗ୍ର ଶିକ୍ଷକ ସମାଜ ପ୍ରତି ଏକ କଳଙ୍କ ରୂପେ ପ୍ରତିପାଦିତ ହେଉଛି । ଯା ଦ୍ୱାରା ଗୁରୁ-ଶିଷ୍ୟ ପରମ୍ପରାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତା ଛଡା ଶିକ୍ଷାର ବ୍ୟବସାୟିକରଣ , ଘରୋଇ କରଣ, ଦଣ୍ଡ ମୁକ୍ତ ଶିକ୍ଷା,ଶିକ୍ଷକମାନଙ୍କ ଉପରେ ଅଧିକ ଚାପ ଲଦିଦେବା ଦ୍ୱାରା, ଶିକ୍ଷକ ମାନଙ୍କୁ ନ୍ୟାର୍ଯ୍ୟ ପ୍ରାପ୍ତି ଦେବାରେ ଅବହେଳା ଫଳରେ ଉଜୁଡି ଯାଉଛି ଗୁରୁ-ଶିଷ୍ୟ ପରମ୍ପରା, ଭାଙ୍ଗି ଯାଉଛି ଐକ୍ୟ ସଂସ୍କୃତି । କେଉଁଠି ଗୁରୁ ଶାନ୍ତି ଶୃଙ୍ଖଳା ଭାଙ୍ଗିଲେଣି ତ କେଉଁଠି ଶିଷ୍ୟ ଧମକ ଚମକ ଦେଉଛନ୍ତି । ଦଣ୍ଡ ବ୍ୟବସ୍ଥା କୋହଳ କରିଦେବାରୁ ଛାତ୍ର ଉଚ୍ଛୃଙ୍ଖଳତା ବୃଦ୍ଧି ପାଉଛି । ଏହାଦ୍ୱାରା ଗୁରୁ-ଶିଷ୍ୟ ପରମ୍ପରାରେ ଅଖଣ୍ଡତା ରକ୍ଷା ହୋଇ ପାରୁନାହିଁ ।

ଏଣୁ, ଆସନ୍ତୁ, ଏହି ମହାନ୍ ଦିବସର ଗୁରୁତ୍ୱକୁ ବୁଝି ଗୁରୁ ମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ, ସେମାନଙ୍କ ସମାଜ ପ୍ରତି ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନଟିକୁ ଗୁରୁ ଦିବସ ରୂପେ ପାଳନ କରି ସମଗ୍ର ଶିକ୍ଷକ ଜାତିକୁ ପ୍ରଣାମ ଜଣାଇ ଶ୍ରଦ୍ଧା ସୁମନ ଦେବାର ଏକ ନିଆରା ସମ୍ପର୍କକୁ ଦୃଢ଼ୀଭୂତ କରିବା । ଏହି ମହାନ୍ ଦିବସକୁ ମନେ ପକାଇ ନୀତି, ଆଦର୍ଶ, ସଦୁପଦେଶ, ସଦାଚାର ଶୃଙ୍ଖଳା ଓ ଶିକ୍ଷାକୁ ପାଥେୟ କରି ପରସ୍ପର ଭିତରେ ସଦ୍‌ଭାବନା ସୃଷ୍ଟି କରିବା ଏବଂ ସମାଜକୁ ଏକ ସୁନ୍ଦର, ମାର୍ଜିତ, ଶିକ୍ଷାର ଆଲୋକରେ ପ୍ରତିପାଦିତ କରିବା ଏବଂ ଗୁରୁ-ଶିଷ୍ୟ ପରମ୍ପରାକୁ ଆହୁରି ସୁଦୃଢ଼ କରିବା, ଶାଶ୍ୱତ କରିବା ଯା ଦ୍ୱାରା ଦେଶର ଜାତିର କଲ୍ୟାଣ ଅକ୍ଳେଶରେ ସାଧିତ ହୋଇପାରିବ ।

ଦୁଃଖର ବିଷୟ ୨୦୧୯ ଶେଷଭାଗରେ କୋଭିଡ଼ -୧୯ ବା କରୋନା ଭୂତାଣୁ ବିଶ୍ୱର ସମସ୍ତ ଦେଶକୁ କବଳିତ କରିରଖିଛି । ଫଳରେ ଶିକ୍ଷାଦାନ କାର୍ଯ୍ୟ ଖୁବ୍ ବାଧାପ୍ରାପ୍ତ ହୋଇଛି । ସଂକ୍ରମଣରୁ କୋମଳମତି ଛାତ୍ର ଛାତ୍ରୀମାନଙ୍କୁ ରକ୍ଷା କରିବା ପାଇଁ ଚାଲିଛି ଅନ୍ ଲାଇନ ପାଠପଢ଼ା । ଡିଜିଟାଲ ପାଠପଢ଼ା ଯଦିବା ଏତେ ସନ୍ତୋଷଜନକ ନୁହେଁ ତଥାପି ନାହିଁ ମାମୁଁଠୁ କଣାମାମୁଁ ଭଲ ପରି ସମ୍ଭବ ହୋଇପାରିଛି ଗୁରୁ-ଶିଷ୍ୟ ସମ୍ପର୍କ ଓ ଘରେ ବସି ଗୃହକାର୍ଯ୍ୟ ବା ହୋମୱାର୍କ କାର୍ଯ୍ୟ ସମ୍ପାଦନ କରିବା । କାରଣ କରୋନା ଠାରୁ ସୁରକ୍ଷିତ ରହିବା ପାଇଁ ଆମକୁ ମାସ୍କ ପିନ୍ଧି, ବାରମ୍ବାର ହାତଧୋଇ ସାମାଜିକ ଦୂରତାକୁ ପ୍ରାଧାନ୍ୟ ଦେବାକୁ ପଡୁଛି ତେଣୁ, ଶିକ୍ଷାଦାନ ପରି ଏକ ମହତ୍ ଦାନକୁ ବିଦ୍ୟାଳୟରେ ଦେବାପାଇଁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ସମ୍ଭବ ହୋଇପାରୁନାହିଁ । ତଥାପି ଦେଶର ଏ ମହାମାରୀ ସମୟରେ ନିଜକୁ ତଥା ରାଷ୍ଟ୍ରକୁ ସୁରକ୍ଷିତ ରଖିବା ଦିଗରେ ଅନ୍‌ଲାଇନ୍ ଶିକ୍ଷାଦାନରେ ଗୁରୁ-ଶିଷ୍ୟ ସମ୍ପର୍କକୁ ବଜାୟ ରଖିବା ଶ୍ରେୟସ୍କର ହୋଇପଡ଼ିଛି ।

+ଗଗନଗର ସ୍କୋୟାର,
ଭୁବନେଶ୍ୱର , ୭୯୭୮୧୧୦୪୭୪

# ଗୁରୁ ଦକ୍ଷିଣା

ପୀତାମ୍ବର ଦାସ

ନରହରି ସାର୍ ସେଇ ଅଞ୍ଚଳର ଭାରି ପ୍ରିୟ ଶିକ୍ଷକ, ଛାତ୍ରମାନଙ୍କର ଯେପରି ଭାରି ପ୍ରିୟ, ଗାଆ ଲୋକେ ମଧ୍ୟ ନରହରି ସାରଙ୍କୁ ବହୁତ ସମ୍ମାନ ଦିଅନ୍ତି । ତାଙ୍କର ଖ୍ୟାତି ଚାରି ଆଡ଼େ ବ୍ୟାପିଗଲା । ଅଭିଭାବକମାନେ ତାଙ୍କ ପିଲାଙ୍କୁ ନରହରି ମାଷ୍ଟ୍ରେ ଥିବା ସ୍କୁଲକୁ ପଢ଼ାଇବା ପାଇଁ ଅନ୍ୟ ସ୍କୁଲରୁ ଟି.ସି ନେଇ ଆସି ଏଇଠାରେ ଏଇ ସ୍କୁଲରେ ପଢ଼େଇବାକୁ ପସନ୍ଦ କଲେ । ସବୁବେଳେ, ବାଟେ ଘାଟେ, ଯୁଆଡ଼େ ଯାଅ, ସେଇ ସ୍କୁଲର ଖ୍ୟାତି କେବଳ ନରହରି ସାର୍‌ଙ୍କ ପାଇଁ ଆଲୋଚନା ହୁଏ । ସେ ଯେପରି ପାଠ ପଢ଼ାନ୍ତି ସେହିପରି ବିଭିନ୍ନ ଗପ ଛଳରେ ଉପଦେଶ ମାନ ଆଣି ଥୋଇଦେଇ ଛାତ୍ରର ଚରିତ୍ରକୁ ଭଲ ଭାବରେ ଗଢ଼େଇବାରେ ବହୁ ଚେଷ୍ଟା କରନ୍ତି । ଏପରିକି ଗରିବ ଛାତ୍ରଙ୍କୁ ନିଜ ଦରମା ପାଇସାରୁ କିଛି କିଛି ସାହାଯ୍ୟ କରି ପଢ଼ାନ୍ତି । ତେଣୁ ଅଭିଭାବକ ବ୍ୟତୀତ ଅନ୍ୟ ଲୋକଙ୍କ ତୁଣ୍ଡରେ ତାଙ୍କର ପ୍ରଶଂସା କହିଲେ ନସରେ । ଛାତ୍ରଙ୍କ ପ୍ରତି ତାଙ୍କର ଅନ୍ତରରେ ସ୍ନେହ, ଶ୍ରଦ୍ଧା ପୂରି ରହିଥାଏ । କାଳେ ପିଲାମାନଙ୍କୁ ଅତି ସ୍ନେହ ଦେଖେଇଲେ ଅଦୁର ସୁଯୋଗ ନେଇ ପାଠପଢ଼ା ତଥା ଚପଳାମୀ କରିବେ ତେଣୁ ସେ ବେଳେବେଳେ ନାଲିଆଖି ଦେଖେଇ ପିଲାଙ୍କୁ ଦାଗିଦ୍ କରନ୍ତି ଓ ଛାଟଟିଏ ଧରି ମାଡ଼ ଦେବାପାଇଁ ଭୟ ଦେଖାଇ ପାଠ ଆଦାୟ କରିବା ସଙ୍ଗେ ସଙ୍ଗେ କୁପଥରେ ଯାଉଥିବା ପିଲାଙ୍କୁ କେତେବେଳେ କେମିତି ଚାପୁଡ଼େ ପାହାରେ ହାଲୁକା ଭାବରେ ଲଗାଇ ଦିଅନ୍ତି । ଯାହାହେଉ ବି ତାଙ୍କର ଅନ୍ତରଟି ଯେ କେତେ ନିର୍ମଳ, ସ୍ନେହ ଓ ଶ୍ରଦ୍ଧାରେ ପରିପୂର୍ଣ୍ଣ ଏହା ସମସ୍ତେ ହୃଦୟଙ୍ଗମ କରି ତାଙ୍କ ନିକଟରେ ସମସ୍ତଙ୍କର ମଥା ତଳକୁ ନଇଁଯାଏ ।

ଏଇପରି ଦିନପରେ ଦିନ ଗଡ଼ି ଚାଲିଲା, ଏଇ ବିଦ୍ୟାଳୟରୁ ମୂଳଦୁଆ ଗଢ଼ି କଲେଜ, ବିଶ୍ୱବିଦ୍ୟାଳୟରେ ପାଠପଢ଼ି ଅନେକ ଛାତ୍ର ଡାକ୍ତର, ଇଞ୍ଜିନିୟର, ଅଫିସର, ଆଇ.ଏ.ଏସ, ବୈଜ୍ଞାନିକ ହେଲେ । ପ୍ରତ୍ୟେକ ଛାତ୍ର ନରହରି ସାର୍ ଯେ ତାଙ୍କର ମୂଳଦୁଆ -----ଛନ୍ତି ଏକଥା ସ୍ୱୀକାର କରିବାକୁ କେବେ ଭୁଲିନଥାଆନ୍ତି । ଥରେ ହଠାତ୍ ସାର୍‌ଙ୍କର ଏକ ଦୁର୍ଘଟଣା ଘଟିଲା । ସେଦିନ ଖୁବ୍ ଜୋର୍‌ରେ ଘୂର୍ଣ୍ଣିବାତ୍ୟା ହେଉଥାଏ । ହଷ୍ଟେଲରେ ପିଲାମାନେ କିପରି ଅବସ୍ଥାରେ ଅଛନ୍ତି ବୋଲି ଦେଖିବାକୁ ଆସିଲା ବେଳେ, ତରବରରେ ସ୍କୁଲ ବାରଣ୍ଡାକୁ ଉଠୁ ଉଠୁ ତାଙ୍କ ଗୋଡ଼ ଖସିଗଲା । ନରହରି ସାର୍ କଚାଡ଼ି ହୋଇ ପଡ଼ିଲେ ଓ ହାଏରାମ କହି ଚେତାଶୂନ୍ୟ ହୋଇଗଲେ । ପିଲାମାନେ ଶବ୍ଦ ଶୁଣି ଆସି ଦେଖନ୍ତି ତ ସାର୍‌ଙ୍କର ଏପରି ଅବସ୍ଥା । ମୁଣ୍ଡରୁ ବହୁତ ରକ୍ତ ବାହାରୁଛି । ପିଲାମାନେ କାନ୍ଦି କାନ୍ଦଦି ସାର୍‌ଙ୍କ ମୁହଁରେ ପାଣି ଛିଞ୍ଚିଲେ । ହେଲେ ସାର୍‌ଙ୍କର ଚେତା ଆସିଲା ନାହିଁ । ପିଲାମାନେ ଗାଆଁକୁ ଆସି ଖବର ଦେଲେ । ଗାଆଁ ଲୋକ ଏକ ରିକ୍‌ସାରେ ପାଖ ଡାକ୍ତରଖାନାକୁ ନେଇ ଆସିଲେ । ହେଲେ ଖୁବ୍ ଆଘାତ ହୋଇଥିବାରୁ ଏଠି ଚିକିତ୍ସାର ବିଶେଷ ସୁବିଧା ନାହିଁ କହି ବଡ଼ ଡାକ୍ତରଖାନାକୁ ନେଇଯିବାକୁ କହିଲେ । ସାର୍ ତ ବହୁ ଦାନ କରି କରି ତାଙ୍କ ପାଖରେ ଟଙ୍କା ନଥାଏ । ନିପଟ ମଫସଲରେ ଗରିବ ଛାତ୍ରଙ୍କ ପାଖରେ ବା ପଇସା ଆସିବ କୁଆଡୁ ! ଗାଆଁରେ କିଛି ଲୋକ ଯାହା କିଛି ସାଧମତେ ଟଙ୍କା ସଂଗ୍ରହ କରି କଟକ ହସ୍ପିଟାଲକୁ ନେଇଗଲେ । ଡାକ୍ତର କହିଲେ ଖୁବ୍ ଜୋର୍‌ରେ ଆଘାତ ହୋଇଛି ପାଖାପାଖି ୫୦ ହଜାର ଟଙ୍କା ଭଲ ହେବାପାଇଁ ଆବଶ୍ୟକ । ଛାତ୍ର ଓ ଅଭିଭାବକଙ୍କ ମୁଣ୍ଡ ଝାଏଁ ଝାଏଁ ହୋଇଗଲା । ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଲେ । ଏଇ ଅବସ୍ଥାରେ ଏତେ ଟଙ୍କା ଆସିବ କୁଆଡୁ ? ଏଣେ ଗାଆଁ ପାଖାପାଖି ସବୁଆଡ଼େ ପ୍ରଚାର ହୋଇଗଲା ନରହରି ସାର୍‌ଙ୍କର ଦୁର୍ଘଟଣା କଥା, ସମସ୍ତଙ୍କର ଗୋଟିଏ ଚିନ୍ତା ନରହରି ମାଷ୍ଟ୍ରେ ଭଲହେବେ କେମିତି ? ଡାକ୍ତରଖାନାରେ ହଠାତ୍ ଜଣେ ଯୁବକ ପହଞ୍ଚିଗଲା । ସେ ନରହରି ମାଷ୍ଟ୍ରେଙ୍କୁ ଦେଖି ଭୋ ଭୋ ହୋଇ କାନ୍ଦି ପକାଇଲା । ଡାକ୍ତର ବାବୁଙ୍କୁ କହିଲା ମୁଁ ୫୦ ହଜାର ଟଙ୍କା ଦେଉଛି, ନରହରି ସାର୍‌ଙ୍କୁ ଅପରେସନ କରି ତାଙ୍କୁ ଭଲ କରିଦିଅନ୍ତୁ । ତା’ପରେ ନରହରି ମାଷ୍ଟ୍ରେଙ୍କର ଚିକିତ୍ସା ଆରମ୍ଭ ହୋଇଗଲା । ୨/୩ ଘଣ୍ଟା ମଧ୍ୟରେ ଚେତା ଫେରିବାରୁ ଦେଖିଲେ ପାଖରେ ଅନେକ ଛାତ୍ର ଓ ଗାଆଁ ଲୋକ ଛିଡ଼ା ହୋଇଛନ୍ତି । ମାଷ୍ଟ୍ରେ କହିଲେ ମୋର କିଛି ହୋଇନାହିଁ, ମୋତେ ସ୍କୁଲକୁ ନେଇଚାଲ ମୁଁ ସେଇଠି ପିଲାମାନଙ୍କୁ ଦେଖି ଦେଖି ଭଲ ହୋଇଯିବି । ଯୁବକ ଜଣକ ସାର୍‌ଙ୍କ ହାତଧରି ଅନୁନୟ ବିନୟ ହୋଇ କହିଲା ସାର୍ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆପଣଙ୍କୁ ଏଠି ୧୫ଦିନ ରହିବାକୁ ପଡ଼ିବ । ପୂରାପୂରି ଭଲ ହୋଇଗଲେ ସ୍କୁଲକୁ ଯିବେ । ସାର୍ ତାଙ୍କୁ ପରିଚୟ ପଚାରିଲେ । ଅନ୍ୟ ଲୋକମାନେ ମଧ ଚିହ୍ନି ପାରୁ ନଥାନ୍ତି । ସେ ଯୁବକ ଜଣକ ତାଙ୍କ ପକେଟରୁ ଏକ କଲମ ଓ ହାତରେ ଧରିଥିବା ଛତାକୁ ଦେଖାଇ କହିଲା ସାର୍ ମୁଁ ବିଜୟ, ଯେଉଁ ବିଜୟ ଦିନେ ପଇସା ନପାଇ ତିନ୍ତି ତିନ୍ତି ସ୍କୁଲକୁ ଆସୁଥିଲା, ପାଖରେ କଲମ କି କାଗଜ ନଥିଲା, ଯାହାକୁ ଆପଣ କଲମ, କାଗଜ ଆଉ ଏଇ



ଛଟାଟି ଦେଇ ମଣିଷ କରିଛନ୍ତି, ମୁଁ ସେଇ ବିଜୟ । ଫତେପୁର ଗାଆଁର ବିଜୟ ଦାସ । ଆପଣଙ୍କ ଦୟାରୁ ମୁଁ ଆଜି ଆଇ.ଏ.ଏସ୍ ଅଫିସର ହୋଇଛି । ଏହାକହି ବିଜୟ ସାର୍‌ଙ୍କ ପାଦତଳେ ପଡ଼ିଯାଇ ଆହୁରି ଜୋର୍‌ରେ କାନ୍ଦିପକାଇଲା । ନରହରି ମାଷ୍ଟ୍ରେଙ୍କୁ ଲାଗିଲା ସେ ଯେପରି ସଂପୂର୍ଣ୍ଣ ଭଲ ହୋଇଯାଇଛନ୍ତି । ଉଠିବାକୁ ବଳ ପାଉନଥିଲେ ମଧ ଛଳଛଳ ଆଖିରେ ତାଙ୍କର ହାତ ବିଜୟର ମୁଣ୍ଡ ଉପରେ ଘୂରି ଘୂରି ଆଶୀର୍ବାଦର ଧାରା ଅଜାଡ଼ି ଦେଉଥାଏ । ସାର୍ କଟକରେ ୧୫ଦଦିନ ରହି ଭଲ ହୋଇ ସ୍କୁଲକୁ ଫେରି ଆସିଲେ । ସ୍କୁଲରେ ଛାତ୍ରଛାତ୍ରୀ ଓ ଗାଆଁ ଲୋକଙ୍କର ଆନନ୍ଦରେ ଗୋଡ଼ ମାଟିରେ ପଡୁନଥାଏ ।

ପ୍ରକୃତରେ ପିଲେ, ଗୁରୁ ହେଉଛନ୍ତି ଆମର ଦେବତା, ସେ ପ୍ରେରଣାର ଉତ୍ସ, ଶିକ୍ଷାଦାତା, ଜ୍ଞାନଦାଦତା ଗୁରୁ । ତାଙ୍କୁ ତେଣୁ ଭକ୍ତିରେ ହଜି, ସମ୍ମାନ ଦେଖେଇ ତାଙ୍କ ଉପଦେଶ ମାନି ଚଳିଲେ ଆମେ ନିଶ୍ଚୟ ଦିନେ ବଡ଼ ହେବା । ଆମର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏଇ କଥାଟିକୁ ଜୋର୍‌ଦେଇ କହୁଥିଲେ । ତେଣୁ ତାଙ୍କ ଜନ୍ମଦିବସକୁ ଗୁରୁଦିନ ଦିବସ (ପେପ୍ଟେମ୍ବର ୫ ତାରିଖ) ରୂପେ ପାଳନ କରାଯାଏ । ଆସ ପିଲାଏ ସେଇ ମହାନ ବ୍ୟକ୍ତିଙ୍କର ମ-ହାନ ଉକ୍ତିକୁ ଉପଲବ୍ଧି କରି ଗୁରୁଙ୍କୁ ଭକ୍ତି କରି ତାଙ୍କ ଆଶୀର୍ବାଦ ଭିକ୍ଷା କରି ଆମ ଜୀବନକୁ ସରସ, ସୁନ୍ଦର ଓ ଆଦର୍ଶ କରି ଗଢ଼ିବାର ସୁନେଲି ସ୍ୱପ୍ନ ଦେଖିବା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନ୍ଧକାରରେ ଆଫଗାନିସ୍ତାନ...

ଆଫଗାନିସ୍ତାନରୁ ଆମେରିକୀୟ ସେନା ଅପସାରଣକୁ ସେମାନଙ୍କର ବିଜୟ ବୋଲି ତାଲିବାନ ଗୋଷ୍ଠୀ ଉତ୍ସବ ମନାଉଥିବାବେଳେ ସେ ଦେଶ କିନ୍ତୁ ଏବେ ଚରମ ସଂକଟ ଭିତରକୁ ଠେଲି ହୋଇଯାଉଥିବା ପରି ପ୍ରତୀୟମାନ ହୁଏ । ସେଠାରେ ସରକାର ଗଠନ ନିମନ୍ତେ ବିଭିନ୍ନ ଗୋଷ୍ଠୀଙ୍କ ଭିତରେ ଘନଘନ କଥାବାର୍ତ୍ତା ଚାଲିଛି ଏବଂ ଅନ୍ତଃରାଷ୍ଟ୍ରୀୟ ସ୍ତରରେ କତାର ଓ ତୁର୍କୀ ଭଳି ରାଷ୍ଟ୍ର ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ସେମାନଙ୍କ ପଛରେ ପାକିସ୍ତାନ ଓ ଚୀନ୍ ପରି ରାଷ୍ଟ୍ର ମଧ୍ୟ ରହିଛନ୍ତି । କ୍ଷମତା ଭାଗବଣ୍ଟାକୁ ନେଇ ସଂକଟ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି । ମୁଲ୍ଲା ହିବାତୁଲ୍ଲା ଅଖୁନ୍ଦାଜାଦାଙ୍କ ନେତୃତ୍ୱରେ ଜଣେ ରାଷ୍ଟ୍ରପତି ଏବଂ ଜଣେ ପ୍ରଧାନମନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଇ ଉଭୟଙ୍କୁ ସମାନ କ୍ଷମତା ପ୍ରଦାନ କରାଯିବ ଏବଂ ସେମାନଙ୍କ ମିଳିତ ନିଷ୍ପତ୍ତିରେ କାବୁଲ ଶାସନ ପରିଚାଳିତ ହେବ ବୋଲି ଆପାତତଃ ସହମତରେ ସବୁ ଗୋଷ୍ଠୀ ପହଞ୍ଚିଛନ୍ତି । କିନ୍ତୁ କାବୁଲରେ ସରକାର ଗଠିତ ହେବାପରେ ଯେ ଆଫଗାନିସ୍ତାନର ସମସ୍ୟା ସମାଧାନ ହୋଇଯିବ ତାହା ନୁହେଁ । ଆର୍ଥିକ ସଂକଟରେ ଏବେ ସେ ଦେଶ ଉବୁଟୁବୁ । ବିଶ୍ୱ ସମୁଦାୟ ତାଲିବାନଙ୍କୁ ଅତି ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି ଓ ସେମାନଙ୍କର ବନ୍ଧୁକ ସଂସ୍କୃତିକୁ ସ୍ୱୀକୃତି ପ୍ରଦାନ ନିମନ୍ତେ ନାରାଜ । ଏହା ସତ୍ତ୍ୱେ ଏହା ବାସ୍ତବତା ଯେ, ସେ ଦେଶରେ ଯେଉଁ ଅତ୍ୟାଧୁନିକ ସ୍ୱୟଂକ୍ରିୟ ବନ୍ଧୁକର ବନ୍ୟା ଛୁଟୁଛି । ତାହା ପାଶ୍ଚାତ୍ୟ ରାଷ୍ଟ୍ରମାନେ ହିଁ ଆଣି ସେଠାରେ ପହଞ୍ଚାଉଛନ୍ତି । ତାହା ସେମାନଙ୍କର ସବୁଠାରୁ ବଡ଼ ବ୍ୟବସାୟରେ ପରିଣତ ହୋଇଛି । ଖାଦ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଆଫଗାନବାସୀ ସେଭଳି କ୍ଷୁଦ୍ର ଅସ୍ତ୍ରଶସ୍ତ୍ରକୁ ଅତି ସହଜରେ ପାଇପାରୁଛନ୍ତି । ତାହା ଭିନ୍ନ ପ୍ରସଙ୍ଗ । ସମ୍ପ୍ରତି ଯେଉଁ ସମସ୍ୟାଟି ଆଫଗାନିସ୍ତାନ ଓ ତାଲିବାନ ଗୋଷ୍ଠୀଙ୍କୁ ଘାରିଛି ତାହା ହେଲା ଖାଦ୍ୟ ସଂକଟ । ସେଠାରେ ଏକ ସରକାର ଗଠନ ନହେବା ପର୍ଯ୍ୟନ୍ତ ଏବଂ ସେହି ସରକାରକୁ ଅନ୍ତଃରାଷ୍ଟ୍ରୀୟ ସ୍ୱୀକୃତି ନମିଳିବା ଯାଏଁ ବାହାରୁ କୌଣସି ପ୍ରକାର ସହାୟତା ସେଠାରେ ପହଞ୍ଚିବା ପ୍ରାୟତଃ ଅସମ୍ଭବ । ଏପରିକି କାବୁଲ ଆନ୍ତର୍ଜାତିକ ବିମାନ ବନ୍ଦର ଏବେ ସାମୟିକ ଭାବେ ଅଚଳ ହୋଇପଡ଼ିଛି । ତେଣୁ ତାହାକୁ କାର୍ଯ୍ୟକ୍ଷମ କରିବା ତଥା ବିଦେଶରୁ ସାହାଯ୍ୟ ଓ ସହଯୋଗ ପହଞ୍ଚାଇବା କାଠିକର ପାଠ । ବିଶ୍ୱ ଖାଦ୍ୟ ସଂଗଠନ (ଡବ୍ଲ୍ୟୁଏଫଓ) ଢ଼େର୍ ପୂର୍ବରୁ ସତର୍କବାଣୀ ଶୁଣାଇ ସାରିଛି ଯେ, ଆଫଗାନିସ୍ତାନରେ ଖାଦ୍ୟ ସଂକଟ ଉତ୍କଟ ଆକାର ଧାରଣ କରିବାକୁ ଯାଉଛି । ମାର୍କିନ ସେନାଙ୍କ ଚୂଡ଼ାନ୍ତ ପ୍ରସ୍ଥାନ ପୂର୍ବରୁ ତାହାର ସୂଚନା ମିଳିସାରିଥିଲା । ସେଠାରେ ସାଧାରଣ ପାଉଁରୁଟି ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ଔଷଧପତ୍ରର ଘୋର ସଂକଟ ଦେଖାଦେଇଥିଲା । ହୁଏତ କତାର ଓ ଚୀନ ଭଳି ରାଷ୍ଟ୍ରମାନେ ସାମୟିକ ସାହାଯ୍ୟ ଯୋଗାଇ ପାରନ୍ତି । କିନ୍ତୁ ଏହା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ । ସେଥିପାଇଁ ଅନ୍ତଃରାଷ୍ଟ୍ରୀୟ ସମୁଦାୟଙ୍କ ସ୍ୱୀକୃତି ଓ ସହଯୋଗ ଲୋଡ଼ା । ତାହା ଏବେ ତାଲିବାନ ଉଗ୍ରବାଦୀମାନଙ୍କୁ ଅଡୁଆ ପରିସ୍ଥିତିରେ ପକାଇଛି । କୋଡ଼ିଏ ବର୍ଷ ପୂର୍ବେ ଆଫଗାନିସ୍ତାନରେ ପରିସ୍ଥିତି ଯାହା ଥିଲା, ଏବେ ସେଥିରେ ଆମୂଳଚୂଳ ପରିବର୍ତ୍ତନ ଘଟିସାରିଛି । ଗୋଟିଏ ରାଷ୍ଟ୍ରକୁ ତିଷ୍ଠି ରହିବାକୁ ହେଲେ ବିଶ୍ୱ ଶୃଙ୍ଖଳା ଓ ସ୍ୱୀକୃତି ସହିତ ହିଁ ରହିବାକୁ ପଡ଼ିବ । ଏପର୍ଯ୍ୟନ୍ତ ସେ ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ତେଣୁ ଆଫଗାନିସ୍ତାନର ପ୍ରାୟ ୩.୮ କୋଟିରୁ ଅଧିକ ନାଗରିକଙ୍କ ଭାଗ୍ୟ ଏବେ ସୂତା ଖିଅକେ ଝୁଲୁଛି । ସେମାନେ ନା ସୋଭିଏତ କିମ୍ବା ନାଟୋ ସେନାଙ୍କ ଅକ୍ତିଆର ବେଳେ ଶାନ୍ତିରେ ଥିଲେ, ନା ତାଲିବାନ ନିୟନ୍ତ୍ରଣ ବେଳେ । ସବୁବେଳେ ସେମାନଙ୍କୁ ଭୟ ଓ ଆତଙ୍କରେ ଜୀବନ ବଞ୍ଚିବାକୁ ପଡ଼ିଛି । ଏବେ ଦେଶ ପୁଣି ଥରେ ତାଲିବାନ ନିୟନ୍ତ୍ରଣକୁ ଆସିବା ପରେ ସେମାନଙ୍କର ଜୀବନଧାରଣ ଠାରୁ ମାନବାଧିକାରର ସୁରକ୍ଷାକୁ ନେଇ ସେମାନେ ଘୋର ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି । ସେହି କାରଣରୁ ଲକ୍ଷ ଲକ୍ଷ ଆଫଗାନ ନାଗରିକ ପଡ଼ୋଶୀ ରାଷ୍ଟ୍ରଙ୍କୁ ପଳାୟନ କରିଛନ୍ତି ଏବଂ ଆମେରିକାର ଯୁଦ୍ଧ ବିମାନରେ ବସି ସେ ଦେଶକୁ ପଳାଇବା ଲାଗି କାବୁଲ ବିମାନ ବନ୍ଦରରେ ମାସ ମାସ ଧରି ଅପେକ୍ଷା କରି ରହିଥିଲେ । ଏଭଳି ଅନିଶ୍ଚିତତାରୁ ସେମାନଙ୍କୁ କେବେ ନିସ୍ତାର ମିଳିବ ସେ ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ ।

# ଗୁରୁଙ୍କୁ ଭୂମିଷ୍ଠ ପ୍ରଣାମ




ରମେଶ ଚନ୍ଦ୍ର ନାୟକ

କେଶରପୁର, ବକ୍ସି ବଜାର, କଟକ ।
(ମୋ) ୭୯୭୮୧୫୧୭୧୦



ଜ୍ଞାନ ପିପାସୁ ଓ ଶିକ୍ଷାର୍ଥୀଙ୍କ ଜୀବନରେ ଗୁରୁ କେଉଁ ଅନାଦି କାଳରୁ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଆସିଛନ୍ତି। ଶିଷ୍ୟଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଶିକ୍ଷାଦାନ ଭଳି ମହାନ ବୃତ୍ତି ଆପଣାଇଥିବାରୁ ସେମାନେ ଭକ୍ତି, ଶ୍ରଦ୍ଧା ଓ ସମ୍ମାନର ପାତ୍ର। ଭାରତୀୟ ପରମ୍ପରାରେ ଗୁରୁ ସର୍ବଦା ଉଚ୍ଚ ଆସନର ଅଧିକାରୀ। ଆମ ଶାସ୍ତ୍ର ପୁରାଣରେ ଯେଉଁ ପଞ୍ଚପିତାଙ୍କ ଉଲ୍ଲେଖ ଅଛି ସେମାନଙ୍କ ମଧ୍ୟରୁ ଗୁରୁ ଅନ୍ୟତମ। ସେଥିପାଇଁ ଯଥାର୍ଥରେ କୁହାଯାଇଛି :-

‘ଗୁରୁବ୍ରହ୍ମା, ଗୁରୁବିଷ୍ଣୁ,
ଗୁରୁଦେବ ମହେଶ୍ୱର,
ଗୁରୁ ସାକ୍ଷାତ ପରଂବ୍ରହ୍ମ,
ତସ୍ମୈଶ୍ରୀଗୁରବେ ନମଃ’

ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ନାନାପ୍ରକାର ଶିକ୍ଷା ଦେଇ ତା’ ମାଧ୍ୟମରେ ଉତ୍ତମ କରି ଗଢି ତୋଳିବାକୁ ଉଦ୍ୟମ କରିଥାନ୍ତି। ଶିଷ୍ୟଙ୍କ ବିଚାରଧାରା ବଦଳାଇ, ଜୀବନରେ ପରିବର୍ତ୍ତନ ଆଣି ସେମାନଙ୍କୁ ଉତ୍ତମ ନାଗରିକ କରିବାରେ ଗୁରୁଙ୍କ ସାର୍ଥକତା ନିହିତ ଥାଏ। ମଣିଷ ସମାଜର ନିରନ୍ତର ବିକାଶ ସହ ଶିକ୍ଷକଙ୍କ ସୃଜନାତ୍ମକ ବିଚାରକୁ ଯୋଡାଯାଇଥାଏ।ଛାତ୍ର ସମାଜ, ଯାହାଙ୍କ ଉପରେ ସମାଜର ଭବିଷ୍ୟତ ନିର୍ଭରଶୀଳ, ଶିକ୍ଷକ ସେମାନଙ୍କୁ ଜ୍ଞାନ ଓ ଦିଗଦର୍ଶନ ଦେଇ ସୁନାଗରିକ ଭାବେ ଗଢି ତୋଳିବାରେ ସହାୟତା କରିଥାନ୍ତି। କାଦୁଅକୁ କୁମ୍ଭାର ଆକାର ଦେବାଭଳି ଗୁରୁଙ୍କ ନିଷ୍କପଟ, ଦିଗଦର୍ଶନ, ସ୍ନେହ, ଶ୍ରଦ୍ଧା ଓ ଯତ୍ନରେ ଭବିଷ୍ୟତର ସୁନାଗରିକଙ୍କ ଢାଞ୍ଚା ପ୍ରସ୍ତୁତ ହୁଏ। ଭାରତୀୟ ଗୁରୁକୂଳ ପରମ୍ପରା ବିଶ୍ୱବିଦିତ।ଏହି ପବିତ୍ର ଭୂମିରେ ମହାନ ଗୁରୁ ଓ ଶିଷ୍ୟଙ୍କ ଉଦାହରଣର ଅଭାବ ନାହିଁ। ଆଜି ଆମେ ଯେଉଁ ମହାମନିଷୀ ଓ ପ୍ରଖ୍ୟାତ ଶିକ୍ଷକ ତଥା ଦାର୍ଶନିକ ଡ଼କ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସମ୍ମାନାର୍ଥେ ଗୁରୁଦିବସ ପାଳନ କରୁଛୁ, ସେ ମହାନ ଭାରତୀୟ ଗୁରୁପରମ୍ପରାର ଏକ ଉଜ୍ଜ୍ୱଳ ନକ୍ଷତ୍ର।

ପବିତ୍ର ଗୁରୁ ଦିବସରେ ଭାରତର ଏହି ମହାନ ଗୁରୁ ଶ୍ରୀ ରାଧାକ୍ରିଷ୍ଣନଙ୍କ ଜୀବନୀ ପର୍ଯ୍ୟାଲୋଚନା ସ୍ୱତଃ ପ୍ରସଙ୍ଗର ପରିସରଭୁକ୍ତ ହୋଇଥାଏ। ତାଙ୍କର ଜୀବନୀକୁ ପାଥେୟ କରି ଛାତ୍ରଛାତ୍ରୀମାନେ ନିଜର ଜୀବନକୁ ଗଢି ତୋଳିବାକୁ ଗୁରୁଜନମାନେ ଉପଦେଶ ପ୍ରଦାନ କରିଥାନ୍ତି। ସେ ୧୮୮୮ ମସିହା ସେପ୍ଟେମ୍ବର ପାଞ୍ଚ ତାରିଖରେ ମାନ୍ଦ୍ରାଜର ତିରୁରାଣୀ ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଏହି ଜନ୍ମ ଦିବସକୁ ଚିରସ୍ମରଣୀୟ କରି ରଖିବା ପାଇଁ ସାରା ଭାରତରେ ‘ଗୁରୁ ଦିବସ ‘ରୂପେ ପାଳନ କରାଯାଏ। ସେ ଥିଲେ ଜଣେ ଅତ୍ୟନ୍ତ ଦୟାଳୁ ଓ ମାନବବାଦୀ ବ୍ୟକ୍ତିତ୍ୱ। ସେ ମାଡ୍ରାସ କଲେଜରେ ଅଧ୍ୟାପକ ଥିଲା ବେଳୁ ତାଙ୍କ ଛାତ୍ରଛାତ୍ରୀଙ୍କ ନିକଟରେ ଅତି ପ୍ରିୟ ଥିଲେ। ମାତ୍ର ୩୦ ବର୍ଷ ବୟସ ହେବା ପୂର୍ବରୁ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ପାଇଁ ସୁଯୋଗ ମିଳିଥିଲା। ୧୯୩୧ ରୁ ୧୯୩୬ ଯାଏଁ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଥିଲେ। ପରେ ୧୯୩୯ ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ କୁଳପତି ରୂପେ ନିଯୁକ୍ତି ପାଇଲେ। ପୁଣ୍ଟ ୧୯୫୨ ଯାଏଁ ସେ ଅକ୍ସଫୋର୍ଡରେ ପ୍ରଫେସର ହିସାବରେ କାର୍ଯ୍ୟ କରିଥିଲେ। ତାଙ୍କ ବିଦ୍ୟା ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା ଯାହାକି ତାଙ୍କୁ ସୁଯୋଗ୍ୟ ଶିକ୍ଷକ ହିସାବରେ ପ୍ରତିଷ୍ଠିତ କରାଇଥିଲା। ତାଙ୍କର ପାଣ୍ଡିତ୍ୟ ତଥା ଛାତ୍ର ଏବଂ ସର୍ବ ସାଧାରଣଙ୍କ ପ୍ରତି ଆଦରଣୀୟ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ କ୍ରମଶଃ ସର୍ବ ସାଧାରଣରେ ତାଙ୍କୁ ଲୋକପ୍ରିୟ କରାଇଥିଲା। ଉଭୟ ଦେଶ ଓ ବିଦେଶରେ ସେ ଥିଲେ ଜଣେ ସମ୍ମାନିତ ବ୍ୟକ୍ତିତ୍ୱ। ସେ ମଧ୍ୟ ଆନ୍ତର୍ଜାତିକ ସ୍ତରରେ ଜଣେ ଉଚ୍ଚ କୋଟିର ଦାର୍ଶନିକ ବୋଲି ପରିଚିତ ପାଇଥିଲେ। ସେ ୧୯୫୨ ମସିହାରେ ଭାରତର ଉପରାଷ୍ଟ୍ରପତି ଭାବେ ଯୋଗ ଦେଇଥିବାବେଳେ ୧୯୬୨ ମସିହାରେ ଭାରତର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ଭାବେ ସିଂହାସନ ଆରୋହଣ କରିଥିଲେ। ସମୟର ପ୍ରବାହମାନ ସ୍ରୋତରେ ୧୯୭୫ ମସିହା ଏପ୍ରିଲ ୧୬ ତାରିଖରେ ରାଧାକ୍ରିଷ୍ଣନ ୮୬ ବର୍ଷ ବୟସରେ ଭାରତ ବାସୀଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ।

ରାଧାକ୍ରିଷ୍ଣନ୍ ଥିଲେ ଜ୍ଞାନଯୋଗୀ। ଭାରତରୁ ତଥା ପୃଥିବୀର ବିଭିନ୍ନ ଦେଶରୁ ବିଭିନ୍ନ ସମୟରେ ବହୁ ସମ୍ମାନ ସୂଚକ ପଦବୀ ଓ ଉପାଧି ଲାଭ କରିଥିଲେ। ଦର୍ଶନଶାସ୍ତ୍ର ସମ୍ପର୍କୀୟ ଅନେକ ପୁସ୍ତକ ପ୍ରଣୟନ କରି ପାଠକ ସମାଜରେ ଆଦର ଲାଭ



କରିପାରିଥିଲେ। ଜଣେ ଶିକ୍ଷକ ଭାବରେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରି ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବାରୁ ଶିକ୍ଷକ ସମାଜର ସମ୍ମାନାର୍ଥେ ‘ନ୍ୟାସନାଲ ଫେଡେରେସନ ଅଫ୍ ଟିଚର୍ସ’ ଅନୁରୋଧ କ୍ରମେ ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ରୂପେ ପାଳନ କରିବାକୁ ଭାରତ ସରକାର ସମ୍ମତି ପ୍ରଦାନ କରିଥିଲେ। ସମାଜରେ ଗୁରୁଙ୍କ ସ୍ଥାନ ହେଉଛି ସର୍ବାଗ୍ରେ। ସମାଜ ତଥା ବ୍ୟକ୍ତି ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅନିର୍ବାର୍ଯ୍ୟତା ସୃଷ୍ଟିର ଆରମ୍ଭରୁ ଏଯାବତ୍ ଏମିତି କୋ?ଣସି ବି ବିକାଶ ମୂଳକ କାର୍ଯ୍ୟ ହୋଇନାହିଁ ଯେଉଁଠି ଗୁରୁଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରେରଣାକୁ ଅସ୍ୱୀକାର କରାଯାଇଛି। ଗୁରୁଙ୍କୁ ଯଥାର୍ଥରେ ଈଶ୍ୱର ବୋଲି ବିବେଚନା କରାଯିବା ସହ ଦ୍ୱିତୀୟ ପିତାମାତା ବୋଲି ମଧ୍ୟ କୁହାଯାଏ। ଭାରତର ସମସ୍ତ ଦାର୍ଶନିକ, ବୈଜ୍ଞାନିକ, ଲେଖକ, ଶିକ୍ଷାବିତ୍ ସେମାନଙ୍କ କୃତଜ୍ଞତା ଜଣାନ୍ତି ଗୁରୁଙ୍କୁ।

କିନ୍ତୁ ଦୁଃଖର ବିଷୟ ସମାଜ ଗଠନରେ ମୂଳଦୁଆ ପକାଇଥିବା ଗୁରୁ ଆଜି ଅବହେଳିତ। ଗୁରୁ ଶିଷ୍ୟ ପରମ୍ପରା ଆଜି ଅବକ୍ଷୟମୁଖୀ। ପାରମ୍ପରିକ ଗୁରୁ ଶିଷ୍ୟ ପରମ୍ପରା ଆଜି ଧରାଶାୟୀ। ଶିକ୍ଷାର୍ଥୀମାନେ ବିଦ୍ୟାଳୟ ବଦଳରେ କୋଚିଂ ସେଣ୍ଟରକୁ ଆପଣେଇଛନ୍ତି। ଶିକ୍ଷାଦାନ କରାଯାଉ ନାହିଁ, ବରଂ ବିକ୍ରି କରାଯାଉଛି। ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମାନ୍ତରାଳରେ ଗତିଶୀଳ। କାହାରି କାହା ସହିତ ତାଳ ମେଳ ନାହିଁ। ଆଜି ଶିକ୍ଷକ ନିଜର ସମ୍ମାନ, ସ୍ୱାଭିମାନ ଓ ପେଟ ଚାଖଣ୍ଡକ ପାଇଁ ବାର ଦୁଆର ହେଉଛି। ଶିକ୍ଷକ ସମାଜକୁ ବିଭିନ୍ନ ବର୍ଗରେ ବିଭକ୍ତ କରି ଦିଆଯାଇଛି। ଶିକ୍ଷକଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଇ ଶ୍ରେଣୀ ଗୃହର ପାଠପଢା ପ୍ରତି ଅବିଚାର କରାଯାଉଛି। ଅପରପକ୍ଷରେ ଭୋକିଲା ପେଟରେ ରହି ଓ ଅଶାନ୍ତିରେ ରହି କୌଣସି ଶିକ୍ଷକ ସଫଳ ଶିକ୍ଷାଦାନ କରିପାରିବ ନାହିଁ। ବୀଜରୁ ବାହାରୁଥିବା ଚାରାଟିକୁ ମହାଦ୍ରୁମରେ ପରିଣତ କରିବାର ପ୍ରଚ୍ଛନ୍ନପଟ୍ଟରେ ଗୁରୁଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ପିଲାଟି ମନରେ ନୀତି, ନିଷ୍ଠା, ନୈତିକତାର ମନ୍ତ୍ର ଭରିଦେଇ ସମାଜର ବିଶ୍ୱ ସ୍ତରରେ ପହଞ୍ଚାଇବା ପଛରେ ରହିଥାଏ ଗୁରୁଙ୍କର ଅକୁଣ୍ଠିତ ପ୍ରେରଣା। ଅନ୍ଧକାରରୁ ଆଲୋକର ପଥ ପ୍ରଦର୍ଶନ କରୁଥିବା ଗୁରୁଙ୍କୁ ଆଜି ଅନ୍ଧକାର ମଧ୍ୟକୁ ଠେଲି ଦିଆଯାଉଛି। ଆଜିର ଆଧୁନିକ ଯୁଗରେ ଗୁରୁ ଶିଷ୍ୟ ସମ୍ପର୍କ ଧୀରେ ଫିକା ପଡ଼ିଯାଉଛି। ଆସନ୍ତୁ, ଏହାର କୁପରିଣାମକୁ ହୃଦୟଙ୍ଗମ କରି ଅବକ୍ଷୟମୁଖୀ ଗୁରୁ-ଶିଷ୍ୟ ପରମ୍ପରାକୁ ପୁନରୁଦ୍ଧାର କରିବା ପାଇଁ କାର୍ଯ୍ୟ କରିବା। ଏହି ପବିତ୍ର ଦିନରେ ଗୁରୁମାନଙ୍କ ପ୍ରତି ସ୍ତୁତି ଚାରଣ କରିବା ସହ ସେମାନଙ୍କ ପୟରେ ଭୂମିଷ୍ଠ ପ୍ରଣାମ ଜଣାଇବା।

# ଗୁରୁ ହିଁ ସାକ୍ଷାତ ଈଶ୍ୱର





ରଶ୍ମି ସାମଲ


ସାଧାରଣତଃ ଆମ ପିତା ମାତା ହେଉଛନ୍ତି ଆମର ପ୍ରଥମ ଗୁରୁ।କିନ୍ତୁ ପିତା ମାତାଙ୍କ ପରେ ଆମ ଜୀବନରେ ଆସିଥାନ୍ତି ବିଦ୍ୟାଳୟ ଗୁରୁ, ସେ ଆମର ପ୍ରତ୍ୟେକ ଛୋଟ ବଡ ଭୁଲକୁ କ୍ଷମା କରି ଆମକୁ ଉଚିତ ଶିକ୍ଷା ଦେଇ ଆମ ଭବିଷ୍ୟତର ଜୀବନ ଯାତ୍ରାକୁ ସରଳ ଓ ଆଲୋକିତ କରିଥାନ୍ତି। ଯୁଗେ ଯୁଗେ ଗୁରୁ ହେଉଛନ୍ତି ପୂଜ୍ୟ ଓ ଚିର ନମସ୍ୟ। ସେ ଅଜ୍ଞାନତାକୁ ଦୂର କରି ଆମ୍ଭମାନଙ୍କର ଜ୍ଞାନର ଚକ୍ଷୁ ଖୋଲି ଦିଅନ୍ତି। ବିନା ଗୁରୁରେ ବିଦ୍ୟାର୍ଜନ କେବେବି ସମ୍ଭବ ହୋଇପାରେ ନାହିଁ । ସୁନ୍ଦର ଚରିତ୍ର ଗଠନ କରିବାରେ କେବଳ ଗୁରୁ ହିଁ ସହାୟକ ହୋଇ ଥାନ୍ତି।

ଭାରତ ବର୍ଷର ଗୁରୁ ପରମ୍ପରା ଅତି ପ୍ରାଚୀନ ଓ ମହାନ। ଜଣେ ଛାତ୍ର ଜୀବନରେ ଗୁରୁ ଙ୍କ ଅବଦାନକୁ କେବେ ହେଲେ ଅଣଦେଖା କରାଯାଇ ପାରିବ ନାହିଁ। ବୈଦିକ ଯୁଗରେ ପବିତ୍ର ପରିବେଶରେ ଗୁରୁ କୁଳାଶ୍ରମ ଗଢି ଉଠି ଥିଲା। ଶିଷ୍ୟ ବା ଛାତ୍ର ଗୁରୁଙ୍କ ତତ୍ତ୍ୱାବଧାନରେ ରହି ବିଦ୍ୟାଲାଭ କରୁଥିଲେ। ଆତ୍ମଜ୍ଞାନ ସହିତ ଉଦାର ବିଶ୍ୱଜ୍ଞାନରେ ଛାତ୍ର ଭୂଷିତ ହେଉଥିଲା। ଜ୍ଞାନ ପୋଥିଗତ ନ ହୋଇ ବାସ୍ତବ ବାଦୀ ଥିଲା। ଛାତ୍ରର ସାମୁହିକ ଉର୍ଣ୍ଣତି ପାଇଁ ଗୁରୁ ଥିଲେ ସର୍ବେ ସର୍ବା। ଛାତ୍ରର ସେବା ଭକ୍ତି ଓ କର୍ତବ୍ୟ ନିଷ୍ଠାରେ ମୁଗ୍ଧ ହୋଇ ସେ ନିଜର ଜ୍ଞାନରୁ ନିଷ୍କପଟ ହୃଦୟରେ ବିତରଣ କରୁଥିଲେ। ତେଣୁ ଗୁରୁ ଆମର ପୂଜ୍ୟ ଓ ନମସ୍ୟ। ତାଙ୍କ ବିନା ଡାକ୍ତର ଇଜିଜିନିୟର ଓ ଅଫିସର ଓ ପ୍ରତିଷ୍ଠିତ ବ୍ୟକ୍ତି ହେବା ଅସମ୍ଭବ। ସେହି ଯୋଗ୍ୟତା ହାସଲ ଲାଗି ଶିକ୍ଷାଅନୁଷ୍ଠାନର ଶିକ୍ଷକ ବା ଗୁରୁ ଙ୍କ ଠାରେ ଆମେ ସଦା ଋଣୀ। ଗୁରୁଙ୍କ ପ୍ରେରଣା ପିଲା ମାନଙ୍କ ସର୍ବଶ୍ରେଷ୍ଠ ଠିକଣା ହୋଇଥାଏ। ସେହି ଗୁରୁ ଙ୍କ ଆଶ୍ରିବାଦ ହିଁ ପିଲାମାନଙ୍କୁ ଶୀର୍ଷରେ ପଂହଚାଇ ପାରିଥାଏ ବା ବଡ କରି ପାରିଥାଏ। ସେଥି ପାଇଁ ଭାରତର ବୈଦିକ ଯୁଗରୁ ଗୁରୁଙ୍କୁ ସର୍ବୋଚ୍ଚ ଆସନ ପ୍ରଦାନ କରାଯାଇଅଛି। ଭାରତୀୟ ବେଦ ବେଦାନ୍ତ ପୁରାଣ ଓ ଧର୍ମାଦି ସାହିତ୍ୟରେ ଗୁରୁ ଦେବତା ରୁପେ ଚିତ୍ରିତ। ଏ ସମ୍ପର୍କରେ ଆମର ଭକ୍ତ କବି ଜଗନ୍ନାଥ ଦାସ ତାଙ୍କ ଭାଗବତରେ ଲେଖିଛନ୍ତି,

‘ଗୁରୁଙ୍କୁ ନ ମଣିବ ନର,
ଗୁରୁ ହିଁ ସାକ୍ଷାତ ଈଶ୍ୱର।’

ଏହି ଦେବୋ ପମ ଗୁରୁ ସମାଜର ବନ୍ଦନୀୟ ବ୍ୟକ୍ତି । ତେଣୁ ତାଙ୍କୁ ସମ୍ମାନ ଦେବା ଆମ ଜାତିର କର୍ତବ୍ୟ । ଏଥି ପାଇଁ ଗୁରୁ ଦିବସ ପାଳନ ଯଥାର୍ଥ ଅଟେ। ଆଜିର ଛାତ୍ର କାଲିର ଭବିଷ୍ୟତ ଓ ଆମ ଦେଶର ଗର୍ବ ଓ ଗୌରବ। ପିଲାମାନେ ହିଁ ଦେଶ ଓ ଜାତିର ଭବିଷ୍ୟତ ସମ୍ପତି। ସୁ ଶିକ୍ଷକ ଓ ସୁ ଶିକ୍ଷା ବିନା ଜାତିର ଭବିଷ୍ୟତ



ଯେ ଅନ୍ଧକାର ଛନ୍ନ ଏହା ରାଧାକ୍ରିଷ୍ଣନ ହିଁ ଜାଣିଥିଲେ। ସେହି ବିଶ୍ୱ ବିଖ୍ୟାତ ଦାର୍ଶନିକ ଏହି ସମସ୍ୟା ପ୍ରତିଧ୍ୟାନ ଦେଲେ। ୧୯୬୨ ମସିହା ଠାରୁ ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜନ୍ମ ଦିନକୁ ଗୁରୁ ଦିବସ ଭାବେ ପାଳିତ ହୋଇଥାଏ। ରାଧାକ୍ରିଷ୍ଣନ ୧୮୮୮ ମସିହା ସେପଟ୍ମ୍ବେର ମାସ ପାଞ୍ଚ ତାରିଖରେ ମାଡ୍ରାସର ଚିରୁରାଣୀ ଠାରେ ଜନ୍ମ ଗ୍ରହଣ କରି ଥିଲେ।ପାଠ ପଢ଼ାରେ ପ୍ରଥମ ଶ୍ରେଣୀ ଠାରୁ ସ୍ନାତଙ୍କ ଯାଏ ସବୁଠି ପ୍ରଥମ ସ୍ଥାନ ରେ ରହୁଥିଲେ । ସେ ଭାରତର ଖ୍ୟାତନାମା ଦାର୍ଶନିକ ଓ ଆଦର୍ଶ ଶିକ୍ଷକ ଏବଂ ଜଣେ ଉତ୍କୃଷ୍ଟ ବକ୍ତା ଥିଲେ। ଆନ୍ତର୍ଜାତିକ କ୍ଷେତ୍ରରେ ମଧ ତାଙ୍କ ଖ୍ୟାତି ଥିଲା। ତାଙ୍କ ଆଦର୍ଶ ଓ ନିଷ୍ଠା ଛାତ୍ର ସମାଜ ପାଇଁ ପ୍ରେରଣାର ଉତ୍ସ ଥିଲା।ଛାତ୍ର ମାନଙ୍କ ସହିତ ଆତ୍ମୀୟ ପରି ମିଶୁଥିଲେ ତାଙ୍କ ଜୀବନ କାଳରେ ସେ। ଅନେକ ଛାତ୍ର ମାନକୁ ନିଜ ନୀତି ଆଦର୍ଶରେ ଗଢିଛନ୍ତି। ରାଧାକ୍ରିଷ୍ଟନ କଥା କମ କହୁଥିଲେ କାମ ବହୁତ କରୁଥିଲେ । ରାଧାକ୍ରିଷ୍ଟନ ଥିଲେ ଲଜକୁଳା ନମ୍ର ସୁଧାର, ତୁଳସୀ ଦୁଇ ପତ୍ରରୁ ଯେପରି ବାସେ। ସେହି ପରି ପିଲା ଦିନରୁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଜଣାପଡୁ ଥିଲା। ଯିଏ କି ପିଲା ଦିନେ ପାଠ ପଢ଼ିବାର ରାହା ପାଇନଥିଲେ ଶେଷରେ ପିଲା ମାନଙ୍କୁ ପାଠ ପଢ଼ାଇବାର ସୁଯୋଗ ପାଇଲେ। ଗୁରୁଜୀ ରାଧାକ୍ରିସ୍ଷନ ଛୋଟ ବେଳେ ଜଣେ ମହାନ ବିଦ୍ୟାର୍ଥୀ ଥିଲେ । ତାଙ୍କର ଗୁରୁଜନଙ୍କ ପ୍ରତି ଅନେକ ଭକ୍ତି ଥିଲା। ତାଙ୍କର ଏହି ବିଦ୍ୟାବୃତ୍ତି ପିତା ମାତା ଓ ଗୁରୁଙ୍କ ପ୍ରତି ନିବିଡ ଭକ୍ତି ଆଉ ସମ୍ମାନ ଯୋଗୁ ଦିନେ ସିଏ ଜଣେ ଶିକ୍ଷକ ରୁ ଉପ ରାଷ୍ଟ୍ରପତି ଏବଂ ଉପ ରାଷ୍ଟ୍ରପତିରୁ ରାଷ୍ଟ୍ରପତି ହୋଇପାରିଥିଲେ। ତେଣୁ ବାସ୍ତବିକ ରାଧାକ୍ରିଷ୍ଟନଙ୍କ ଜନ୍ମ ଜୟନ୍ତୀକୁ ମନେ ପକାଇବା ପାଇଁ ଆଜିର ଏହି ପବିତ୍ର ଦିନର ସୃଷ୍ଟି ହୋଇଛି। ତେଣୁ ସାରା ଭାରତରେ ସମସ୍ତ ଛାତ୍ର ଛାତ୍ରୀ ନିଜ ନିଜର ଶିକ୍ଷା ଅନୁଷ୍ଠାନର ଉପସ୍ଥିତ ହୋଇ ଶ୍ରଦ୍ଧା ର ସହିତ ଗୁରୁଙ୍କୁ ସମ୍ମାନିତ କରିଥାନ୍ତି।ଗୁରୁଜନ ମାନେ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ।

ଗୁରୁ ଦିବସ ଏକ ମହାନ ଦିବସ।ଏହି ଦିବସଟି ଗୁରୁ ଓ ଶିଷ୍ୟ ଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ କରିଥାଏ। ପ୍ରତି ବର୍ଷ ସେପଟ୍ମ୍ବେର ପାଞ୍ଚ ତାରିଖରେ ପ୍ରତି ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ଗୁରୁ ଦିବସ ପାଳନ କରିଥାନ୍ତି ଏହି ଦିନ ପିଲାମାନେ ପ୍ରଭାତ ଫେରି ରେ ଯାଆନ୍ତି। ପ୍ରଭାତ ଫେରିରୁ ଫେରି ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ରେ ଗୁରୁପୂଜା କରିବା ପାଇଁ ସଭାର ଆୟୋଜନ କରନ୍ତି। ଗୁରୁଙ୍କୁ ଫୁଲ ଚନ୍ଦନ ଦେଇ ପ୍ରଣିପାତ କରିଥାନ୍ତି।ଶିକ୍ଷକ ଏହା ପରିବର୍ତ୍ତେ ଆଶ୍ରିବାଦ଼ ଦିଅନ୍ତି। ସଭାରେ ଛାତ୍ରଛାତ୍ରି ମାନେ ଗୁରୁ ଭକ୍ତିରେ ଅନୁ ପ୍ରାଣୀତ ହୁଅନ୍ତି। ଗୁରୁ ଶିଷ୍ୟଙ୍କ ସମ୍ପର୍କ ସ୍ୱର୍ଣଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଗୁରୁଙ୍କ ଆଶ୍ରିବାଦରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଅରୁଣୀ ଓ ଉପମନ୍ୟୁ ଆଦି ଅନେକ ଶିଷ୍ୟ। ଗୁରୁ ରମାକାନ୍ତ ଆଚରେକରଙ୍କ ପାଇଁ ସଚିନ ତେନ୍ଦୁଲ କର ସୃଷ୍ଟି ହୋଇଛନ୍ତି। କଥାରେ ଅଛି, ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର ,ଗୁରୁ ସାକ୍ଷାତ ପରମ ବ୍ରହ୍ମ ତସ୍ମୈୟୀ ଶ୍ରୀ ଗୁରବେ ନମଃ,। ଗୁରୁମାନେ ମଧ ନିଜର କର୍ତବ୍ୟ ପାଳନ କରି ସମାଜରେ ସମ୍ମାନର ଅଧିକାରୀ ହେବା ପାଇଁ ପ୍ରେରଣା ଲାଭ କରନ୍ତି। ଜାତିର ହିତ ଦୃଷ୍ଟିରୁ ଶିକ୍ଷକ ମାନଙ୍କ ଉର୍ଣ୍ଣତି ହେଉଛି ଏକ ଜାତୀୟ କର୍ତବ୍ୟ। ଅତଏବ ଗୁରୁ ଦିବସ ପ୍ରାଚୀନ ଗୌରବର ସୌରଭକୁ ଭାରତରେ ପ୍ରସାରିତ କରୁଛି। ରାଧାକୃଷ୍ଟନ ଙ୍କ ମହାନ ଚରିତ୍ର ସମସ୍ତ ଶିକ୍ଷକ ସମାଜ ପାଇଁ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ସେହି ମହାନ ଚିନ୍ତା ନାୟକ ଙ୍କର ଚିନ୍ତା ଧାରରୁ ଗୁରୁ ଦିବସର ଜନ୍ମ। ଅସ ଆମେ ସମସ୍ତେ ଏହି ମହାନ ଗୁରୁ ଙ୍କ ଆଦର୍ଶରେ ଅନୁପାଣିତ ହୋଇ ଚଳିବା।


+ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫





## ଆହେ ଗୁରୁ ତୁମେ
### ଅରୂପ କୁମାର ବିଶ୍ୱାଳ

ଆହେ ଗୁରୁ ତୁମେ ଅଟ ଜ୍ଞାନ ଦାତା
ତୁମ ବିନା ନାହିଁ ଗତି,
ଜୀବନ ମରୁରେ ଝରଣାର ଜଳ
ତୁମେ ପରା ଦିବ୍ୟ ଜ୍ୟୋତି ।
ହାତ ଧରି ମୋର ଚାଲି ଶିଖାଇଛ
ଚାଲୁଛି ଜୀବନ ପଥେ,
ହୃଦୟରେ ଧରି ରଖିଛି ସେସବୁ
ରହିଛି ମୋ ସାଥେ ସାଥେ
ଗୁରୁ ଜ୍ଞାନଦାତା ଭାଗ୍ୟ ବିଧାତା
ଗୁରୁ ବିନା ନାହିଁ ଗତି,
ଗୁରୁ ବ୍ରହ୍ମା ବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ବିନା ସବୁ ଇତି।
ସୂରୁଜ ଯେପରି ସଂସାରୁ ଅନ୍ଧାର
ହଟାନ୍ତି ଆଲୋକ ଦେଇ,
ଗୁରୁ ଆଶ୍ରିବାଦେ ଅଜ୍ଞାନ ତିମିର
ଯାଏ ଜୀବନୁ ଦୂରେଇ।
ଜୀବନର ରୂପକାର ପରା ଗୁରୁ
ନୂଆ ଦୁନିଆ ଦେଖାନ୍ତି।
ଗୁରୁ......
ଜୀବନ ମରୁରେ ଝରଣାର ଜଳ
ଗୁରୁଙ୍କ ଆଶିଷ ଅଟେ,
ଜୀବନ ହସଇ ଖିଲି ଖିଲି ହୋଇ
ଗୁରୁଜ୍ଞାନ ଥିଲେ ସାଥେ।
ନୂଆ ଆଲୋକରେ ଆଲୋକିତ କରି
ସଫଳ ବାଟ ବତାନ୍ତି।
ଗୁରୁ........
ଦିଅ ଗୁରୁ ତୁମ ପାଦରେ ଶରଣ
ଗୁହାରି କରୁଛୁ ଆମେ,
ତୁମରି ଆଶିଷ ବାଣୀ ଦେବତାକୁ
ରଖିବୁ ହୃଦୟ ଧାମେ।
ତୁମେ ଗୁରୁବର ଆମ୍ଭେ ତୁମ ଶିଷ୍ୟ ଦିଅ
ଢାଳି ଜ୍ଞାନ ଜ୍ୟୋତି।
ଗୁରୁ ଜ୍ଞାନଦାତା ଭାଗ୍ୟ ବିଧାତା
ଗୁରୁ ବିନା ନାହିଁ ଗତି।


+ ସହକାରୀ ଶିକ୍ଷକ
ଏନ୍. ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦ୍ୱୀପ।
(ମୋ)୯୦୪୦୮୭୦୧୦୦


## ଗୁରୁ ପ୍ରାର୍ଥନା
### ଶିବ ପ୍ରସାଦ ବାହିନୀପତ

ଗୁରୁ ତୁମେ ବ୍ରହ୍ମା ଗୁରୁ ତୁମେ ବିଷ୍ଣୁ
ଗୁରୁ ତୁମେ ମହେଶ୍ୱର
ତବ ପଦେ ମୋର ଥାଉ ନିରନ୍ତର
ଭକ୍ତିରେ ଉତ୍ତମାଙ୍ଗର ।
ଗୁରୁଦେବ ତୁମେ ଜ୍ଞାନମନ୍ଦର
ଅଜ୍ଞାନ ସଂସାରୁ ମତେ ଉଦ୍ଧର ।

ଅଜ୍ଞାନ ଶର୍ବରୀ ଯାଉ ଅପସରି
ଆସୁ ଜ୍ଞାନର ସକାଳ
ଗୁରୁ ପଦ ସେବା ହେଉ ମୋର କାମ୍ୟ
ଥାଉ କରୁଣା ଅପାର ।
ତୁମେ ମାତା ତୁମେ ପିତା ମୋହର
ଭକ୍ତିଚିତ୍ତେ ପ୍ରଣମୁଛି ପୟର ।

ଦିଅ ଶୁଭାଶିଷ ହେ ଅକ୍ଷଦର୍ଶକ
ମୋର ପୂଜ୍ୟ ଗୁରୁଦେବ
ଅକ୍ଷସୂତ୍ର କରି ଗୁରୁଙ୍କ ନାମକୁ
ସାଜିବି ଅକ୍ଷରମୁଖ ।
ତବ ପଦେ ମୋର ଚିର ନମନ
ଦିବ୍ୟଜ୍ଞାନ ପ୍ରଦାନନ୍ତୁ ଆପଣ ।

ଗୁରୁ ଦିବସରେ ଗୁରୁଙ୍କ ପୟରେ
ଏତିକି ମୋ’ ନିବେଦନ
ପ୍ରଣାମ ଘେନନ୍ତୁ ହେ ପରମବ୍ରହ୍ମ
ଗୁରୁଦେବ ମହାତ୍ମାନ ।
ତବ ଆଶିର୍ବାଦ ହେଉ ମୋ’ କାମ୍ୟ
ତବ ଜ୍ଞାନ ପ୍ରାପ୍ତେ ହୋଇବି ଧନ୍ୟ ।


+ ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
(ମୋ)୮୯୧୭୪୮୦୫୩୬



## ଗୁରୁ ଦିବସ
### ତୁଷାରକାନ୍ତ ମିଶ୍ର



ଭାରତୀୟ ସଂସ୍କୃତିରେ ରହିଅଛି
ଗୁରୁ ଶିଷ୍ୟ ପରମ୍ପରା
ଗୁରୁଙ୍କର କୃପା ବଳରେ ଶିଷ୍ୟଟି
ଆନନ୍ଦରେ ଆତ୍ମହରା ।
ପୁରାତନ କାଳୁ ରହି ଆସି ଅଛି
ଗୁରୁଙ୍କର ଉପାଖ୍ୟାନ
ସମାଜ ମଙ୍ଗଳେ ନିୟୋଜିତ ଗୁରୁ
ଦେଇଥାନ୍ତି ମନଧ୍ୟାନ ।
କୃଷ୍ଣଙ୍କର ଗୁରୁ ଥିଲେ ସାନ୍ଦିପନୀ
ଦେଇଥିଲେ ମହା ଶିକ୍ଷା
ଅସୀମ ଜ୍ଞାନର ହୋଇ ଅଧିକାରୀ
ସମାଜକୁ ଦେଲେ ଦୀକ୍ଷା ।
ଗୁରୁ ଦ୍ରୋଣାଚାର୍ଯ୍ୟ କୌରବ ପାଣ୍ଡବେ
ଯୁଦ୍ଧ ବିଦ୍ୟା ଶିକ୍ଷା ଦେଇ
ମହା ଭାରତରେ ଏହି କାହାଣୀର
ସ୍ୱାତନ୍ତ୍ରତା ଅଛି ରହି ।
ଆଜିର ସମାଜେ ଗୁରୁ ଦିବସକୁ
କରା ଯାଉଛି ପାଳନ
ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ସମ୍ମାନେ
ଗୁରୁ ଦିବସ ମହାନ ।
ରାଧାକୃଷ୍ଣ ଥିଲେ ଆମ ଭାରତର
ପୂର୍ବତନ ରାଷ୍ଟ୍ରପତି
ତାଙ୍କର ଆଦର୍ଶ ମହନୀୟତାକୁ
ଝୁରୁ ଅଛୁ ନିତି ନିତି ।
ଜଣେ ଅଧାପକ ହୋଇ ଦେଉଥିଲେ
ଶିକ୍ଷା ଆମ ସମାଜକୁ
ଆଦର୍ଶ ଚିନ୍ତନ ପରି ପ୍ରକାଶରେ
ପାଠ ଦର୍ଶନ ଶାସ୍ତ୍ରକୁ ।
ବିମୋହିତ ହୋଇ ଗଲା ଏ ସମାଜ
ସମ୍ମାନୀତ ଯେବେ କଲା
ଗ୍ରହଣ ନକରି ଏହି ସମ୍ମାନକୁ
ଉଦ୍ଦିଷ୍ଟ ଗୁରୁଙ୍କୁ ହେଲା ।
ସେପଟ୍ମେର ମାସ ପାଞ୍ଚ ତାରିଖ ଟା
ଥିଲା ତାଙ୍କ ଜନ୍ମଦିନ
ଏହି ଦିନ ଟିକୁ ସବୁ ଗୁରୁ ପାଇଁ
କରିଥିଲେ ସମର୍ପଣ ।
ସେଥିପାଇଁ ପ୍ରତି ଜନ ସମାଜର
ଗୁରୁଙ୍କୁ ସ୍ମରଣ କରେ
ଯିଏ ଯାହା ଠାରୁ ଶିକ୍ଷା ପାଇ ଅଛି
ପ୍ରଣାମ କରେ ଭକ୍ତିରେ ।।


+ ଗ୍ରା/ପୋ- କୃଷ୍ଣଚନ୍ଦ୍ର ପୁର
ଭାୟା- ବାଲିମୀ, ଜିଲ୍ଲା-
ଢେଙ୍କାନାଳ
(ମୋ)୮୯୧୭୪୦୩୧୧୩


## ଗୁରୁ ପାଦେ ନମସ୍କାର
### ସୁଦର୍ଶନ ମହାପାତ୍ର



ଜ୍ଞାନର ଆଲୋକ ବୁଣି ଦିଏ ଗୁରୁ
ଗୁରୁ ହିଁ ଜୀବନ ଶକ୍ତି
ଗୁରୁ ବ୍ରହ୍ମା ବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ବିନା ନାହିଁ ମୁକ୍ତି ।

ଗୁରୁ ହିଁ ଶିଷ୍ୟର ପଥ ପ୍ରଦର୍ଶକ
ମେଣ୍ଟାଏ ଜ୍ଞାନର ଶୋଷ
ଅବଧୂତଙ୍କର ଚବିଶିଟି ଗୁରୁ
ଜୀବନରେ ସମାବେଶ ?

ପୃଥିବୀ ପବନ ଆକାଶ ସଲିଳ
ଅଗ୍ନି ପୁଣି ଷଷ୍ଠେ ଚନ୍ଦ୍ର
ସପ୍ତମରେ ସୂର୍ଯ୍ୟ ବାଣ୍ଟି ଚାଲିଥାଏ
ଆଲୋକ, ଶକ୍ତି ଅତନ୍ଦ୍ର ।

ଅଷ୍ଟମ ଗୁରୁ ଯେ କପୋତ ପକ୍ଷୀଟି
ଅଟଇ ଆସକ୍ତି ହୀନ
ଅଜଗର ସର୍ପ ନବମ ଗୁରୁଟି
ଦୁଃଖ ସୁଖରେ ସମାନ ।

ସମୁଦ୍ର ପତଙ୍ଗ ଦୁଇ ଗୁରୁ ତାଙ୍କ
ଗୁରୁ ପୁଣି ମହୁମାଛି
ହସ୍ତୀ ମଧୁହାରି ମୃଗ ଆଉ ମୀନ
ସଂଯମ ଶିଖାଇଛି ।

ପିଙ୍ଗଳା ବେଶ୍ୟା ସପ୍ତଦଶ ଗୁରୁ
ବୁଝାଇଛି ବୈରାଗତା
ଛଞ୍ଚାଣ ବାଳକ କୁମାରୀ ଶିକାରୀ
ଶିକ୍ଷା ଦିଏ ଏକାଗ୍ରତା ?।

ସର୍ପ ବୁଢିଆଣୀ ଠାରୁ ଜ୍ଞାନ ଲଭେ
ସୃଷ୍ଟି ପ୍ରଳୟ ସମ୍ଭାର
ଭାଗବତ ଜ୍ଞାନ ଧ୍ୟାନରେ ଓଁକାର
ଜଣାଏ ଗୁରୁ ଭଅଁର ।

ଗୁରୁ ପାଦ ପଦ୍ମେ ସଦା ଥାଉ ଭକ୍ତି
ଗୁରୁ ସାକ୍ଷାତ ଈଶ୍ୱର
ଗୁରୁ ପିତାମାତା ଜୀବନ୍ତ ଦେବତା
ଗୁରୁ ପାଦେ ନମସ୍କାର ।


+କୁଞ୍ଜବିହାରୀ ଲେନ,କଟକ




# ଫୁଲଝରି




ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୪ ସେପ୍ଟେମ୍ବର ୨୦୨୧

କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୧୦)

# ଶ୍ରବଣ କୁମାରଙ୍କ କଥା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ତେଣୁ ନଦୀ ପାଖରେ ସେ ଅପେକ୍ଷା କଲେ ମୃଗଙ୍କୁ। ସଂଧ୍ୟାବେଳେ ପଶୁ ନଦୀକୁ ଜଳ ପିଇବାକୁ ଆସନ୍ତି। ଦଶରଥ ସେଠାରେ ଅପେକ୍ଷା କରିଥାନ୍ତି।

ସେହି ସମୟରେ ଶ୍ରବଣ କୁମାର ନଦୀରେ ପ୍ରବେଶ କଲେ ଓ ନିଜ କଳସୀକୁ ପାଣି ଭିତରେ ବୁଡ଼ାଇଲେ। କଳସୀରେ ପାଣି ପ୍ରବେଶ କଲେ ବେଳେ ଶବ୍ଦ ହେଲା ଓ ଅପେକ୍ଷା କରିଥିବା ଦଶରଥଙ୍କୁ ଲାଗିଲା କୌଣସି ପ୍ରାଣୀ ଜଳପାନ କରୁଛି। ସେ ସଂଗେ ସଂଗେ ତାଙ୍କ ଶବ୍ଦ ଭେଦୀ ବାଣ ନିକ୍ଷେପ କଲେ। ଶବ୍ଦଭେଦୀ ବାଣ ଶବ୍ଦର ଅନୁସରଣ କରିଯାଏ ଓ ଲକ୍ଷ୍ୟସ୍ଥଳ ବିଦ୍ଧ କରେ। ରାଜା ଦଶରଥଙ୍କ ଶବ୍ଦଭେଦୀ ବାଣ ଅଚିରେ ଶ୍ରବଣ କୁମାରଙ୍କ ଛାତିକୁ ଆଘାତ କଲା। "ଓଃ.. ଓଃ.. ମରିଗଲି ମରିଗଲି" କହି ଶ୍ରବଣ କୁମାର ସେଇଠାରେ ବଳି ପଡ଼ିଲେ।

ମଣିଷର ସ୍ୱର ଶୁଣି ରାଜା ଦଶରଥ ତୁରନ୍ତ ସେ ଶବ୍ଦ ଆସୁଥିବା ଜାଗାରେ ପହଂଚିଲେ ଓ ସେଠାରେ ଯାହା ଦେଖିଲେ ସେଥିରେ ତାଙ୍କ ହୃଦୟ ଭାଂଗି ପଡ଼ିଲା। ସେ ଜାଣି ପାରିଲେନି କଣ କରିବେ। ରାଜା ଦଶରଥଙ୍କୁ ଦେଖି ଶ୍ରବଣ କୁମାର ଆକୁଳରେ କ୍ରନ୍ଦନ କରୁ କରୁ କହିଲେ- ହେ ରାଜନ, ତୁମେ ଏ କ'ଣ କଲ? ମୁଁ ଏକ ଅନ୍ଧ ବାପା ମା'ଙ୍କ ଏକମାତ୍ର ସାହା ଭରଷା। ବର୍ତ୍ତମାନ ସେମାନେ ବଂଚିବେ କିପରି?

ରାଜା ଦଶରଥ ଶୋକାକୁଳ ଅବସ୍ଥାରେ ସେଇଠାରେ ଛିଡ଼ା ହୋଇ ରହିଲେ। ତାଙ୍କୁ ସବୁ ଅନ୍ଧାର ଦେଖାଯାଉଥିଲା।

-ହେ ରାଜନ, ଆପଣ ବିଳମ୍ବ କରନ୍ତୁନି। ମୋତେ ଏ କଷ୍ଟରୁ ମୁକ୍ତି ଦିଅନ୍ତୁ। ଏ ଶରକୁ ମୋ ଛାତିରୁ ବାହାର କରି ଦିଅନ୍ତୁ। ତାପରେ ଏ କଳସୀରେ ଜଳ ନେଇ ମୋର ଅନ୍ଧ ପିତାମାତାଙ୍କୁ ଜଳ ଦିଅନ୍ତୁ। ସେମାନେ ମୋର ଅପେକ୍ଷା କରିଛନ୍ତି।

ରାଜା ଦଶରଥ ଜାଣି ପାରିଲେନି- କ'ଣ କରିବେ। ଜଣେ ରାଜା ଥିଲେ ବିବଶ। ନିଜକୁ ସେ ଧିକ୍କାରୁ ଥିଲେ। ଶେଷକୁ ମୁନି କୁମାରଙ୍କ କଥା ମାନି ସେ ତାଙ୍କ ଦେହରୁ ତୀର ବାହାର କଲେ। ସାଂଗେ ସାଂଗେ ଶ୍ରବଣ କୁମାରଙ୍କ ପ୍ରାଣବାୟୁ ଉଡ଼ିଗଲା। ରାଜା ଦଶରଥ କଳସୀରେ ଜଳ ଧରି ମୁନି କୁମାର କହିଥିବା ଅନୁସାରେ ଅନ୍ଧ ମୁନି ଓ ତାଙ୍କ ପତ୍ନୀଙ୍କ ପାଖରେ ପହଂଚିଥିଲେ।

ପୁତ୍ରର ଆଗମନ ବିଳମ୍ବ ହେଉଥିଲା। ମୁନି ଓ ମୁନି ପତ୍ନୀ ବ୍ୟସ୍ତ ହେଉଥିଲେ ଓ ଶଂକିତ ହେଉଥିଲେ। ଦଶରଥଙ୍କ ପଦଶବ୍ଦ ଶୁଣି ସେମାନେ ଭାବିଲେ ତାଙ୍କ ପୁତ୍ର ଆସିଗଲାଣି। ସେ ସଂଗେ ସଂଗେ କହିଲେ- ପୁତ୍ର କ୍ଷୁଧା ଆମକୁ ହଇରାଣ କଲାଣି। କିଛି ଫଳମୂଳ ଖାଇବାକୁ ଦିଅ। ଜଳ ପିଇବାକୁ ଦିଅ।

ସେମାନଙ୍କ ଅବସ୍ଥା ଦେଖି ଦଶରଥ ଦୁଃଖ ଓ ଭୟରେ ଥରିବାକୁ ଲାଗିଲେ ଓ ଶେଷକୁ ମୁହଁ ଖୋଲି ଘଟଣା କହିଲେ। ବୃଦ୍ଧ ଅନ୍ଧମୁନି ଓ ତାଙ୍କ ପତ୍ନୀ ରୋଦନ କରିବାକୁ ଲାଗିଲେ। ଶେଷକୁ ସେ ଦଶରଥଙ୍କ ଅନୁରୋଧ କଲେ ସେମାନଙ୍କୁ ତାଙ୍କ ପୁତ୍ର ଶ୍ରବଣ କୁମାର ପାଖକୁ ନେବାକୁ। ରାଜା ଦଶରଥ ତାହା ହିଁ କରିଥିଲେ।

ପୁତ୍ର ପାଖରେ ପହଂଚି ଅନ୍ଧମୁନି ଓ ତାଙ୍କ ପତ୍ନୀ ପୁତ୍ରର ମର ଶରୀରକୁ ଧରି ବହୁତ କାନ୍ଦିଲେ। ଶେଷକୁ ରାଜା ଦଶରଥକୁ ଅନୁରୋଧଦ କଲେ ଏକ ଜୁଇ ପ୍ରସ୍ତୁତ କରିବାକୁ। ଜୁଇ ପ୍ରସ୍ତୁତ ହେବାପରେ ସେମାନେ ପୁତ୍ରର ଶରୀରକୁ କୋଳରେ ଧରି ଦେହ ତ୍ୟାଗ କଲେ। ତା ଆଗରୁ ସେମାନେ ରାଜା ଦଶରଥଙ୍କୁ ଏକ ଅଭିଶାପ ଦେଇଗଲେ- ହେ ରାଜନ, ରାଜା ହୋଇ ତୁମେ ଏକ ବଡ଼ ଅନ୍ୟାୟ କାମ କଲ। ବାର୍ଦ୍ଧକ୍ୟରେ ତୁମେ ଆମଠାରୁ ଆମ ପୁତ୍ରକୁ ଅଗଲା କଲ। ସେଥିଲାଗି ତୁମ ମରଣ କାଳରେ ତୁମେ ତୁମ ପୁତ୍ରଙ୍କ ମୁଖ ନ ଦେଖି ଦେହ ତ୍ୟାଗ କରିବ।

ପିଲାମାନେ- ଶ୍ରବଣ କୁମାରଙ୍କ ମାତୃ ପିତୃ ଭକ୍ତି କଥା ଶୁଣିଲ। ରାଜା ଦଶରଥ ଅଭିଶାପ ପାଇଲେ। ସେ ଯେତିକି ଦୁଃଖ ହେଲେନି, ତାଠାରୁ ବେଶୀ ଖୁସି ହେଲେ।


(କ୍ରମଶଃ)

+ (ମୋ) ୯୯୮୦୩୦୦୭୫୧

## ପିଲାଙ୍କ ଉପନ୍ୟାସ : ଭାଗ-୧୮

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଟିନିର ଇସାରାରେ ଦୁଇ ସାଙ୍ଗ ତା'ପାଖରେ ବସିଲେ। ମନୀଷ୍ ପ୍ରକୃତି ତାକୁ ଚୁପ୍‌ଚାପ୍ ବସେଇ ଦେଲାନାହିଁ। ସେ ବିସ୍ମିତହୋଇ ଟିନିମୁହଁକୁ ଚାହିଁଲା। ଟିନି ତା' ମନର ଭାବ ବୁଝିଗଲା ଦୀର୍ଘଶ୍ୱାସ ପକାଇ ଆରମ୍ଭ କଲା ତା' କଥା ...,

ତା' ବାପା ଜଣେ ବୈଜ୍ଞାନିକ। ଧ୍ୱଂସର ପାଉଁଶ ଗଦା ତଳୁ ଯେଉଁ କେତେ ଜଣ ଆଜି ବଂଚି ରହିଛନ୍ତି ତାହା କେବଳ ତା'ବାପାଙ୍କ ଉନ୍ନତ ଗବେଷଣା ଯୋଗୁଁ ସମ୍ଭବ ହୋଇଛି। ଜଳ ଆଉ ଖାଦ୍ୟବିନା କେହି କ'ଣ କେବେ ବଂଚି ପାରିବ। ଏହି ଗ୍ରୀନ୍ ଟାବ୍‌ଲେଟ୍ ଓ ହ୍ୱାଇଟ୍ କ୍ୟାପ୍‌ସୁଲ୍ ହେଉଛି ଟିନି ବାପାଙ୍କ ଉଦ୍ଭାବନ। ପ୍ରଫେସର୍ ଏକ୍ସ ଯିଏ ଏ ସତ୍ୟତାର ମାଲିକ ବୋଲାଉଛି ସେ ମଧ୍ୟ ତା'ବାପାଙ୍କ ପରି ଜଣେ ବୈଜ୍ଞାନିକ। ଏ ସୁନ୍ଦର ସଭ୍ୟତାର ବିନ୍ଧାଣି। ପ୍ରଚଣ୍ଡ ସୂର୍ଯାଲୋକ ରୁ ଏ ସଭ୍ୟତାକୁ ରକ୍ଷା କରିଛନ୍ତି। ଭୂଭାଗ ତଳେ ଏପରି ଆଧୁନିକ ବସତି ନିର୍ମାଣ କରିଛନ୍ତି।

ଟିନିର ବାପା ଚାହାଁନ୍ତି ସମସ୍ତଙ୍କ ପାଖରେ ତାଙ୍କ ଖାଦ୍ୟ ଜଳର କ୍ୟାପ୍‌ସୁଲ୍, ଟାବ୍‌ଲେଟ୍ ପହଁଚୁ। ସମସ୍ତେ ଏଠି ବଂଚିରୁହନ୍ତୁ ଯାହା ପ୍ରଫେସର୍ କରାଇ ଦେଉନାହାନ୍ତି। ତା ବାପାଙ୍କ ଠାରୁ ଖାଦ୍ୟ ଜଳ ତିଆରି ସଲ୍ୟୁସନ୍ ଜାଣିବା ପାଇଁ ସେ ବହୁତ ଚେଷ୍ଟା କରିଥିଲେ - ଏମିତି କି ତାଙ୍କୁ ବନ୍ଦୀକରି ରଖିଥିଲେ। ମାତ୍ର ସେ ଏ ସବୁ ତିଆରିରେ ସଫଳ ହୋଇନାହାନ୍ତି। ମୁଖ୍ୟତଃ ସେ ଜଣେ ଇଂଜିନିୟର। ଏ ସବୁ ରାସାୟନିକ ପରୀକ୍ଷାରେ ତାଙ୍କ ଦକ୍ଷତା କମ୍ ରହିଛି।

ଟିନି ଦୁଇ ସାଙ୍ଗଙ୍କୁ କହିଲା - ତମେ ଭାବୁଥିବ ମୁଁ ତ ତୁମ ପରି ଛୋଟ ପିଲାଟେ। ମୁଁ ପୁଣି କେମିତି କ୍ୟାପ୍‌ସୁଲ୍ ଆଉ ଟ୍ୟାବଲେଟ୍ ତିଆରି କଲି ...। କଥା ହେଲା ବାପା କେମିକାଲ୍ ତିଆରି କରି ସାଇତି ରଖିଛନ୍ତି। କେଉଁଥିରୁ କେତେ ପରିମାଣ ମିଶାଇଲେ ଜଳ ଓ ଖାଦ୍ୟ ପ୍ରସ୍ତୁତ ହୋଇପାରିବ ତାହା ମୋତେ ଶିଖାଇଛନ୍ତି। ଏହାକୁ ପ୍ରସ୍ତୁତ କରିବା ପାଇଁ ଯେଉଁ ରାସାୟନିକ ତରଳ ପଦାର୍ଥ ଆବଶ୍ୟକ ତାକୁ ତିଆରି କରିବା ଏକା ବାପାଙ୍କୁ ଜଣା।

ସେଥିପାଇଁ ପ୍ରଫେସର୍ ବାପାଙ୍କୁ ମୁକ୍ତି କଲା ଖାଦ୍ୟ ଓ ଜଳ ପାଇଁ ତରଳ ରାସାୟନିକ ପଦାର୍ଥ ପ୍ରସ୍ତୁତ ନ କଲେ ସମସ୍ତେ ମୃତ୍ୟୁ ବରଣ କରିବେ। ଟିନି ପୁଣି ଦୀର୍ଘ ନିଶ୍ୱାସ ନେଇ କଥା ଆରମ୍ଭ କଲା....ଏ ସ୍ୱାଧୀନତା ପୁଣ୍ୟ ସ୍ୱାଧୀନତା ନୁହେଁ। ଆମ ଗବେଷଣାଗାରରେ କେତୋଟି ଟ୍ୟାବଲେଟ୍ ଓ କ୍ୟାପ୍‌ସୁଲ୍ ତିଆରି ହୋଇଛି ତା'ର ହିସାବ ପହଂଚୁଚି ପ୍ରଫେସରଙ୍କ ପାଖରେ। ଗବେଷଣାଗାର ଟେବୁଲ୍ ରେ କାମ ଆରମ୍ଭ ହେଲେ ତାଙ୍କୁ ସୁଚନା ମିଳିଯାଏ। ଆବଶ୍ୟକତାଠାରୁ ଅଧିକ ପ୍ରସ୍ତୁତ କଲେ କୈଫିୟତ ଦବାକୁ ହୁଏ। ମୁଁ ଜଳ ଆଉ ଖାଦ୍ୟ ପ୍ରସ୍ତୁତ ସମୟରେ ମେସେଜ୍ କନେକ୍ସନ୍ ଲକ୍ କରିଥିଲି। କିନ୍ତୁ ଗବେଷଣା ଟେବୁଲ୍ ସୁଇଚ୍ ଅନ୍ ଥିଲା। ମେସେଜ୍ ନ ଯିବାରୁ ସାଇରନ୍ ବାଜିଲା। ହୁଏତ ପ୍ରଫେସର ଏଠାକୁ ଆସି ପାରନ୍ତି। ବର୍ତ୍ତମାନ ମୋର ପ୍ରଥମ କାମ ହେଲା ତୁମ ଦୁହିଁଙ୍କୁ ତୁମ ସମୟକୁ ପଠାଇଦେବା। ମନୀଷ କହିଲା - ଆମ ଟାଇମ୍ ମେସିନ୍ ତ କାମ କରୁନି -ଟିନି କହିଲା -କେମିତି କାମକରିବ। ତା ନିର୍ମାଣ କାର୍ଯ୍ୟ ଶେଷ ହୋଇନି। ଭବିଷ୍ୟତରେ ପଂହଚିବା ପର୍ଯ୍ୟନ୍ତ ତା'ର କାର୍ଯ୍ୟ ହୋଇଛି। ଭବିଷ୍ୟତରୁ ପୁଣି ବର୍ତ୍ତମାନକୁ ଫେରିବାର ଗବେଷଣା କାର୍ଯ୍ୟ ଅସମାପ୍ତ ଅଛି।

ସୋମୁ ଭୟଭୀତ ହୋଇପଡିଲା। ବିକଳରେ ପ୍ରଶ୍ନ କଲା - ଆମେ କଣ ତେବେ ପୃଥିବୀକୁ ଫେରିପାରିବୁନି ?

ଟିନି କହିଲା - ନ ଫେରିଲେ ଏଠି କୋଉ ତମେ ବଂଚିପାରିବ। ଗୋଟେ ଗ୍ରୀନ୍ ଟ୍ୟାବଲେଟ୍‌ରେ ଆମେ ତିନି ଦିନ ରହିପାରିବୁ ତୁମେ ଏଠି ମାତ୍ର ଗୋଟେ ଦିନ ରହିପାରିବ। ଗୋଟେ ହ୍ୱାଇଟ୍ କ୍ୟାପ୍‌ସୁଲ୍‌ରେ ଆମେ ଏକ ମାସ ରହିଯିବୁ। ତୁମେ ଅତି ବେଶିରେ ୧୦ ଦିନ ରହିବ। ଏଣୁ ଯେମିତି ହଉ ତୁମକୁ ଏଠାରୁ ଯିବାକୁ ହେବ।

ଟିନି ଚିନ୍ତିତ ଭାବରେ ଗବେଷଣାଗାରରୁ ବାହାରିଗଲା। ଦୁଇ ସାଙ୍ଗ ତାକୁ ଅନୁସରଣ କଲେ।

### ୯ - ନାଆଁ ଟିନି କାମ ବଡ -

ସମୟ ହିଁ ଶ୍ରେଷ୍ଠ ଆଉ ବଳବାନ୍। ସମୟାନୁସାରେ ଜୀବଜନ୍ତୁ, ମଣିଷ, ଉଦ୍ଭିଦ ସବୁକିଛି ଗତିଶୀଳ ପ୍ରତ୍ୟେକ ସମୟ ହିଁ ତା ସମୟର ପ୍ରଗତିରେ ମାନ ନିର୍ଦ୍ଧାରଣ କରିଥାଏ। ଟିନି ୨୦୫୦ ମସିହାର ପିଲା ସୋମୁ ଆଉ ମନୀଷ ଠାରୁ ସାନ; ମାତ୍ର ତାର ବ୍ରେନ୍ ପାଓାର ଏମାନଙ୍କ ଠାରୁ ଯଥେଷ୍ଟ ଆଗରେ। ଏଇଟା ହିଁ ସମୟର ଦାନ। ଛୋଟ ପିଲାଟିଏ ହେଲେ ବି ସେ ଚପଳନଥିଲା। ମନୀଷ ସୋମୁ ପରି। ଖୁବ୍ କମ୍ କଥା ହେଉଥିଲା। ବେଶି ଚିନ୍ତା କରୁଥିଲା। ମାନସ ମନ୍ଥନରେ ମଗ୍ନ ଥିଲା ସେ।

ଟାଇମ୍ ମେସିନ୍‌ର ଛୋଟ ଫୋଲ୍ଡ ବ୍ୟାଗ୍ ଟିକୁ ଟିନି ଉଠାଇ ଆଣିଲା ନିଜ ରୁମ୍‌କୁ। ତା'ରୁମ୍‌ଟି ବି ଏକ ଛୋଟ ଗବେଷଣାଗାର କହିଲେ ଚଳେ। କେତେ ପ୍ରକାର ମେସିନ୍ ଖା ଯାଇଛି ଯାହାକୁ ମନୀଷ ଆଉ ସୋମୁ ଆଗରୁ କେବେ ଦେଖିନଥିଲେ। ସେ ଦୁହିଁଙ୍କୁ ନିଜ ରୁମରେ ଦୁଇଟି ଚ୍ୟାରରେ ବସାଇଥିଲା ଟିନି। ସୋମୁକୁ ଖୁବ୍ ଭୟ ଲାଗୁଥିଲା; ମାତ୍ର ମନୀଷର ଜିଜ୍ଞାସୁ ପ୍ରବୃତ ତାକୁ ନିର୍ଭୀକ କରିଥିଲା।

ଅନେକ କଥା ସେ ପଚାରି ବୁଝିବାକୁ ଚାହୁଁଥିଲା କିନ୍ତୁ ଟିନି ଥିଲା ଖୁବ୍ ଚିନ୍ତିତ। ସେ ଟାଇମ୍ ମେସିନ୍‌କୁ ପୂର୍ବାବସ୍ଥା କୁ ଫେରାଇଆଣିବା ପାଇଁ ନିମଗ୍ନ ଥିଲା ତା ଓାଚ୍ ହ୍ୱିଲ୍ ଗୁଡିକ ଚେ୍ କରିବାରେ। ମନୀଷକୁ ଇଙ୍ଗିତରେ ନୀରବ ରହିବାକୁ କହିଲା ସେ।

ଭବିଷ୍ୟତରୁ ବର୍ତ୍ତମାନକୁ ଯିବାକୁ ଓାଚ୍ ହ୍ୱିଲ୍‌ର ପ୍ରତ୍ୟେକ କଂଟାକୁ ବ୍ୟାକ୍ କଲା ଟିନି। ସମୁଦାୟ ୬୦ଟି ଓାଚ୍ ହ୍ୱିଲ୍ ଥିଲା। ଏଇ ୬୦ଟି ଓାଚ୍ ହ୍ୱିଲ୍ ସଂଯୁକ୍ତ ଥିଲା ଏକ ବଡ ଟାଇମ୍ ଟାଓାରରେ। ଯାହାର କେନ୍ଦ୍ର ସ୍ଥଳରେ ମଧ୍ୟ ଏକ ବଡ ଓାଚ୍ ହ୍ୱିଲ୍ ଥିଲା। ଗୋଟିଏ ହ୍ୱିଲ୍‌କୁ ବ୍ୟାକ୍ କରିବାକୁ ଟିନି କୁ ପ୍ରାୟ ପାଂଚ ମିନିଟ୍ ଲାଗିଗଲା। ସେ ବ୍ୟସ୍ତ ବିବ୍ରତ ହୋଇପଡିଲା। ମନୀଷ ତା ମୁହଁକୁ ଚାହିଁ ଡରିଗଲା।

(କ୍ରମଶଃ)

+ ପୁରୋହିତପୁର, ଜଗତସିଂହପୁର

ମୋ:୯୭୭୮୫୨୦୩୭୦

## ମେଘ ଆସିବାରୁ.....

ପ୍ରକାଶ କୁମାର ଚାନ୍ଦ



ମେଘ ଆସିବାରୁ କୁନା ଦଉଡିଲା
ଘର ପଛପଟ ବାଡିକି
ଅନାବନା ସବୁ ଘାସ ଉପାଡିଲା
କୋଦାଳରେ ମାଟି ତାଡିକି ।।

ଅତି ଯତନରେ ଚାରାଟିଏ ନେଇ
ପୋତିଦେଲା ତାକୁ ମାଟିରେ
ସୁରକ୍ଷା ପାଇଁକି ଚାରିପଟେ ତାର
ଘେରେଇଲା ନେଇ ତାଟିରେ ।।

ଧିରେ ଧିରେ ଚାରା ହୋଇଲା ତ ବଡ
ଧରିଲା ଫୁଲର କଷିରେ
ସକାଳ ହୋଇଲେ ଦଳଦଳ ପକ୍ଷୀ
ଗୀତ ଗାଇଲେଣି ବସିରେ ।।

କୁନା ମନ ଖୁସି କହିଲେ ନସରେ
ପରିଶ୍ରମ ଫଳ ମିଳିଛି
ଟିକି ଚାରାଟିଏ ଝଙ୍କାଳିଆ ହୋଇ
କେତେ ଫୁଲ ଫଳ ଫଳିଛି ।।

ସାଙ୍ଗସାଥି ସବୁ ଗାଆଁରୁ ଡକେଇ
କହିଲା ଏକଥା ବୁଝେଇ
ଆସ ଗୋଟେଗୋଟେ ଚାରାଟିଏ ନେଇ
ସଭିଏଁରେ ଦେବା ଲଗେଇ ।।

ଡକାଡକି ହୋଇ ଚାଲିଗଲେ ସବୁ
ଗାଆଁ ମୁଣ୍ଡ ପାଖ ପଡିଆ
ଲଗେଇଲେ ଚାରା ପଣସ ପିଜୁଳି
ଆମ୍ବ ଜାମୁ ବର ନଡିଆ ।।

+ ଜୟପୁର ଶାସନ ପିପିଲି ପୁରୀ
(ମୋ)୯୮୫୩୩୫୪୯୩୮

## କବିତା ତୁମ ପାଇଁ





## ପରାଜାପତି ..

ଧ୍ରୁବ ଚରଣ ବେହେରା



ଫର ଫର ଉଡେ ପରଜାପତି
ଟିକି ଡେଣା ତା'ର ସୁନ୍ଦର ଅତି ।

ଫୁଲରୁ ଫୁଲ ସେ ଯାଆଇ ଉଡି
ରଙ୍ଗ ଭରା ଡେଣା ଦିଅଇ ଝାଡି ।

ନଦୀ ନାଳ ଡେଇଁ ଉପରେ ଉଡେ
ଦେଖଇ ବଗିଚା ପାହଡ କଡେ ।

ସୁନ୍ଦର ଆକାଶ ନୀଳ ଗଗନ
ଦେଖି ମନ ତା'ର ହୁଏ ଉଛନ ।

କେବେ ବୁଲୁଥାଇ ଗଗନ କୋଳେ
ପୁଣି ଉଡି ବସେ ଫୁଲର ଡାଳେ ।

ଫୁଲରୁ ଫୁଲକୁ ସ୍ନେହ ପରଶି
ମଧୁ ତାଙ୍କଠାରୁ ନିଅଇ ଶୋଷି ।

ଦିନ ସାରା ବୁଲିବାଇ ପ୍ରେମ
ଟିକି ଜୀବ ସିନା ରୂପ ଉତ୍ତମ ।

ପ୍ରକୃତିର ଲାଗି ଭାରି ସୁନ୍ଦର
ଫୁଲ ବଗିଚା ତା' ପ୍ରେମ ନଅର ।

ପିଲା ବେଳେ ତାକୁ ଧରିବା ପାଇଁ
ତା' ପଛେ କେତେ ମୁଁ ଥିଲି ଗୋଡାଇ।

ମୋ ପିଲା ବେଳର ଅଟେ ସେ ସାଥି
ଟିକି ଟିକି ଡେଣା ପରଜାପତି ।

+ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪



## ଭଲ କରମ କର

ଅଶୋକ କୁମାର ପ୍ରଧାନ

କରମ କରି ଚାଲରେ ପିଲେ
କରମ କରି ଚାଲ
ଭଲ କରମ ତୁମରି ଲାଗି
ସାଜିବ ପିଲେ ଢାଲ।

କରମ ପରା ଆମରି ଗୁରୁ
କରମ ଆମ ଧର୍ମ
କରମ ଗୁଢ ଗହନ କଥା
ବୁଝିବ ପିଲେ ମର୍ମ।

ରାମ ଗୋବିନ୍ଦ କରମ କଥା
ଗୀତାରେ ଛନ୍ତି କହି
ଅବୁଝା ଯିଏ ହୋଇବ ପିଲେ
ଖୋଲି ଦେଖରେ ବହି।

କରମ କର ଆଦର ମନେ
ଫଳର ଆଶା ଛାଡି
କରମ ଏକା ଚଢାଇ ନିଏ
ଭବିଷ ଫଳ ଗାଡି।

ଏ ଜଗତରେ ସଭିଏଁ ପରା
କରମ ବଳେ ଜାତ
କରମ ବଳେ ଫୁଲରୁ ଫଳ
ଫଳରୁ ବୀଜ ସାଥ।

ପ୍ରକୃତିର ଏ ନିୟମ ପଣେ
ସଭିଏଁ ଆମେ ବନ୍ଧା
କରମେ ଆମେ ଆଦର କଲେ
ଜୀବନ ମଧୁ ଗନ୍ଧା।

କରରେ କର ଆଦରେ କାମ
ନମଣି ଛୋଟ ବଡ
ଭଲ କରମ ଯତନେ କରି
ନିଜ ଭବିଷ୍ୟ ଗଢ।

+ ଶିକ୍ଷକ, ରୋହିଗାଁ ଗଞ୍ଜାମ
ମୋ-୮୨୪୯୧୧୯୧୩୦

## କୁନା ହେବ ଭଲ ପିଲା...

ସୁବ୍ରତ ମଲିକ



କୁନାଟା ଆମର ଦୁଷ୍ଟ ହେଉଛି
ଶୁଣୁନାହିଁ କଥା ଜମା,
ସବୁବେଳେ ଖାଲି ଖେଳୁଛି ଧାଉଁଛି
ଦେଖୁନାହିଁ ଖାଲ ଖମା ।
ସକାଳ ସଞ୍ଜରେ ପାଠ ପଢ଼ିବାକୁ
କହିଲେ ଯାଉଛି ରୁଷି,
ବହି ଖାତାଠାରୁ ଦୂରରେ ରହିଲେ
ପାଉଛି ଅନେକ ଖୁସି ।
ଚଗଲା ପିଲାଙ୍କ ସାଥେ ବୁଲିବାକୁ
ହୁଏ ଖାଲି ପିଟିଛାଟି,
କୁକୁର ବିଲେଇ ଦେଖିଲେ ବାଟରେ
ଯାହା ପାଏ ଦିଏ ଛାଟି ।
ମାମୁଁ ଆସିଥିଲେ ସେଦିନ ଘରକୁ
ଶୁଣିଲେ କୁନାର କଥା,
ନିଜ ପାଶେ ଡାକି କହିଲେ ବୁଝାଇ
ଆଉଁସି ଦେଇ ତା ମଥା ।
' ପାଠ ବିନା ନାହିଁ ମୁକତି ଆମର
ଖୋଲେ ସେ ଜ୍ଞାନର ଘର,
ତା'କୁ ଆପଣେଇ ମଙ୍ଗଳ ଗ୍ରହରେ
ପାଦ ଥାପିଲାଣି ନର ।
ଧନୀ ଗରିବର ଫରକ ଦେଖେନି
ପରିଶ୍ରମ କରେ ଯିଏ,
ତାହାରି ସାଥିରେ ଆଜୀବନ ପାଇଁ
ବନ୍ଧୁତା କରଇ ସିଏ ।



ବଦଳରେ ଦିଏ ଜଗତରେ ଅଛି
ମାନ ସନମାନ ଯେତେ,
ପଢ଼ିଲେ ଜାଣିବୁ ନିଜେ ତୁ ବୁଝିବୁ
ପାଠର ମହତ କେତେ ।
କୁନା ସବୁ ଶୁଣି ମାମୁଁଙ୍କୁ କହିଲା
କ୍ଷମା ମୋତେ ଦିଅ କରି
ଭଲ ପାଠ ପଢ଼ି ମଣିଷ ହୋଇବି
ବାପୁ ଗୋପବନ୍ଧୁ ପରି ।

+ମଙ୍ଗଳପୁର, ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬

# ସର୍ବପଲ୍ଲୀ ଡ.ରାଧାକ୍ରିଷ୍ଣନ୍



ବିନୟ କୁମାର ଦାସ

ଭାରତବର୍ଷକୁ ଇଂରେଜମାନେ ଶାସନ କରୁଥିବା ବେଳର କଥା। ଏକ ଭୋଜି ସଭାର ଆୟୋଜନ କରାଯାଇଥାଏ। ସେଠାରେ ଇଂରେଜମାନେ ଥାଆନ୍ତି, ଭାରତୀୟ ବି ଥାଆନ୍ତି। ଇଂରେଜମାନଙ୍କୁ ଉତ୍ସାହିତ ଓ ଗୌରବାନ୍ୱିତ କରିବା ଉଦ୍ଦେଶ୍ୟରେ ଜଣେ ଗୋରା ସାହେବ କହିଲେ,"ପ୍ରକୃତରେ ଈଶ୍ୱର ଇଂରେଜମାନଙ୍କୁ ମାତ୍ରାଧିକ ଶ୍ରଦ୍ଧା କରନ୍ତି। ଇଂରେଜମାନଙ୍କୁ ଅତି ଯତ୍ନ ସହକାରେ ସେ ନିଜ ହାତରେ ସୃଷ୍ଟି କରିଛନ୍ତି। ସେଇଥିପାଇଁ ଆମେ ଏତେ ସୁନ୍ଦର ଆଉ ଗୋରା।" ସାହେବଙ୍କ ଏହି କଥାରେ ଉପସ୍ଥିତ ଇଂରେଜମାନେ ଖୁବ୍ ଖୁସି ହେଲେ। ତାଳି ମାରି ସାହେବଙ୍କ କଥାକୁ ସମର୍ଥନ ଜଣାଇଲେ। ସେଠାରେ ଉପସ୍ଥିତ ଥିବା ଜଣେ ଭାରତୀୟଙ୍କୁ ଏହା ଖୁବ୍ ଖରାପ ଲାଗିଲା। ସେ ଥିଲେ ଖୁବ୍ ସ୍ୱାଧୀନଚେତା ଓ ନିର୍ଭୀକ। ତାଙ୍କର ପାଣ୍ଡିତ୍ୟ ଓ ଉପସ୍ଥିତ ବୁଦ୍ଧି ଖୁବ୍ ପ୍ରଖର ଥିଲା। ଇଂରେଜମାନେ ଖୁସି ମଜାରେ ମସ୍‌ଗୁଲ ଥିବା ସମୟରେ ସେ ତୁରନ୍ତ ଏକ ମନଗଢ଼ା ଗପ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଦେଲେ।



ଗପରେ ସେ କହିଲେ, "ଥରେ ଈଶ୍ୱରଙ୍କର ରୁଟି ତିଆରି କରିବା ପାଇଁ ମନ ହେଲା। ଚୁଲିରେ ସେ ରୁଟି ସେକିଲେ। ଅଭିଜ୍ଞତା ନଥିବାରୁ ଅଧାସେକା ରୁଟି ତିଆରି ହୋଇଗଲା। ଏହା ଯଦିଓ ଦେଖିବାକୁ ସୁନ୍ଦର, ସଫା କିନ୍ତୁ ଗୁଣହୀନ ଥିଲା। ଏହି ରୁଟି ହେଲା ଇଂରେଜ ଜାତି। ଈଶ୍ୱର ଏଥର ଆଉ ଟିକେ ଯତ୍ନବାନ୍ ହେଲେ। ବେଶି ସେକିଦେଲେ। ଫଳରେ ରୁଟିଗୁଡିକ ପୋଡ଼ିଗଲା ଓ କଳା ପଡ଼ିଗଲା। ଏହି ରୁଟି ହେଲା ନିଗ୍ରୋ ଜାତି। ଏଥର ଚେତା ପଶିଲା ଈଶ୍ୱରଙ୍କର। ବେଶ୍ ସାବଧାନତା ସହିତ ମନପ୍ରାଣ ଦେଇ ଯେଉଁ ରୁଟି ସେକିଲେ, ତାହା ବେଶି ପୋଡ଼ିଗଲା ନାହିଁ କିମ୍ବା କଂଚାଞ୍ଚ ରହିଲା ନାହିଁ। ଯେତିକି ସେକା ହେବା ଦରକାର ସେତିକି ହିଁ କଲେ। ଗୁଣ,ସ୍ୱାଦ ଓ ରୂପ ସବୁ ଦୃଷ୍ଟିରୁ ଏହି ରୁଟି ଅତି ଉତମ ହେଲା। ଆଉ ଏହି ରୁଟି ହେଲା ଭାରତୀୟ।"ଗପଟି ଶୁଣି ଇଂରେଜମାନେ ଖୁବ୍ ଲଜ୍ଜିତ ହେଲେ। ସାହେବଙ୍କ କଥାର ଜବାବ ଠିକ୍ ଦିଆ ହୋଇ ପାରିଛି ବୋଲି ଉପସ୍ଥିତ ଅନ୍ୟ ଭାରତୀୟମାନେ ଉଲ୍ଲସିତ ହେଲେ। ଏହି ସ୍ୱାଭିମାନୀ ଭାରତୀୟଜଣକ ହେଉଛନ୍ତି ଆମ ଭାରତର ପ୍ରଥମ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍। ଜ୍ଞାନଗାରିମା, ଦେଶପ୍ରେମ, ପ୍ରଶାସନ କ୍ଷେତ୍ରରେ ସେ ପ୍ରତ୍ୟେକ ଭାରତୀୟଙ୍କର ପ୍ରାତଃ ସ୍ମରଣୀୟ ହୋଇ ରହିଅଛନ୍ତି।

+ଅଂଗାରଗଡିଆ , ବାଲେଶ୍ୱର.୧
ମୋ: ୭୯୭୮୮୬୦୩୬୩

# ସରଳୀକୃତ ଇଲୋକ୍ଟ୍ରୋନିକ୍ ରିସିଟ୍ ବ୍ୟବସ୍ଥା ଇ-ରିସିପ୍ଟ ୨.୦ର ଶୁଭାରମ୍ଭ

ଭୁବନେଶ୍ୱର,୩/୯ (ନି.ପ୍ର): ପୁନଃସରଳୀକୃତ ଇଲୋକ୍ଟ୍ରୋନିକ୍ ରିସିଟ୍ ବ୍ୟବସ୍ଥା ଇ-ରିସିପ୍ଟ ୨.୦ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଲୋକସେବା ଭବନରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି। ଇ-ରିସିପ୍ଟ ପ୍ରକ୍ରିୟାରେ ଜନସାଧାରଣ ସେମାନଙ୍କର ସରକାରୀ ଟିକସ ଓ ଅନ୍ୟାନ୍ୟ ଦେୟ ପ୍ରଦାନ ପାଇଁ ନୂତନ ମାଧ୍ୟମ ଯଥା କାର୍ଡ, ୟୁପିଆଇ ଆଇଡି, କ୍ୟୁଆର କୋଡ୍ ଓ ୱାଲେଟ୍ ର ପ୍ରଚଳନ କରାଯାଇଛି । ଏଥି ସକାଶେ, ଓଡ଼ିଶା ଟ୍ରେଜେରୀ ପୋର୍ଟାଲ ଇଣ୍ଡିଆନ୍ ବ୍ୟାଙ୍କ ଓ ଆକ୍ସିସ୍ ବ୍ୟାଙ୍କର ପେମେଂଟ ଗେଟ୍‌ୱେ ଯଥା ବିଲ୍ ଡେକ୍ସ ଓ ସିସି ଆଭେନ୍ୟୁର ସେବା ଗ୍ରହଣ କରିଛି। ଏହି ଉପଲକ୍ଷେ ରାଜ୍ୟ ସରକାର ଓ ଉପରୋକ୍ତ ଦୁଇ ଗୋଟି ବ୍ୟାଙ୍କ ମଧ୍ୟରେ ସେବାଭିତିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ଅର୍ଥ ବିଭାଗ ଏହି ଇରିସିପ୍ଟ ୨.୦ ବ୍ୟବସ୍ଥାରେ ନୂତନ ଭାବେ ଯୋଡ଼ାଯାଇଥିବା ଦେୟ ପ୍ରଦାନର ମାଧ୍ୟମଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଚିବ ପ୍ରଦୀପ ଜେନା ଇ-ଗଭର୍ଣ୍ଣାନ୍ସର ପ୍ରଚଳନ ପାଇଁ ଅର୍ଥ ବିଭାଗର ପ୍ରଚେଷ୍ଟା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। 'ମୋ ସରକାର'ର ଲକ୍ଷ୍ୟକୁ ପାଥେୟ କରି, ଇଲେକ୍ଟ୍ରୋନିକ ରିସିଟ୍ ବ୍ୟବସ୍ଥାକୁ ସୁଦୃଢ଼ ଓ ଲୋକାଭିମୁଖୀ କରି ଜନସାଧାରଣମାନଙ୍କ ପାଖରେ ଉତମ ସେବା ପହଂଚାଇବାରେ ଅର୍ଥ ବିଭାଗର ପ୍ରଚେଷ୍ଟାକୁ ଓଡ଼ିଶା ମୁଖ୍ୟ ଶାସନ ସଚିବ ଭୂୟସୀ ପ୍ରଶଂସା କରିଥିଲେ । ଏହି ସରକାରୀ କାର୍ଯ୍ୟକ୍ରମରେ ଟ୍ରେଜେରୀ ନିର୍ଦ୍ଦେଶକ ରୂପନାରାୟଣ ଦାସ, ଇଣ୍ଡିଆନ୍ ବ୍ୟାଙ୍କର ଆଂଚଳିକ ମୁଖ୍ୟ ଓ ଅକ୍ସିସ୍ ବ୍ୟାଙ୍କର ରାଜ୍ୟ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାରେ ବାଉଁଶ ହସ୍ତଶିଳ୍ପର ବିକାଶ ନିମନ୍ତେ ବୁଝାମଣାପତ୍ର

ଭୁବନେଶ୍ୱର,୩/୯ (ନି.ପ୍ର): ରାଜ୍ୟରେ ବାଉଁଶ ହସ୍ତଶିଳ୍ପର ସର୍ବାଙ୍ଗୀନ ବିକାଶ ନିମନ୍ତେ ଆଜି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଅଧୀନସ୍ଥ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆଜି କଳାଭୂମି ଠାରେ ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ, ଓଡ଼ିଶା ପିସିସିଏଫ୍ ଓ ବନବାହିନୀ ମୁଖ୍ୟ (ଏଚ୍‌ଓଏଫ୍‌ଏଫ୍) ଶିଶିର କୁମାର ରଥୋ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସନାତନ ନାୟକ ଓ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ରାଜ୍ୟ ମିଶନ ନିର୍ଦ୍ଦେଶକ ପ୍ରେମ କୁମାର ଝା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଆମ ଓଡ଼ିଶା ଏକ ଉତ୍କୃଷ୍ଟ ହସ୍ତଶିଳ୍ପ କଳାର ରାଜ୍ୟ। ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଟି ହସ୍ତଶିଳ୍ପକୁ ଆଧାର କରି କାରିଗରମାନେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଛନ୍ତି। 'ବାଉଁଶ' ହସ୍ତଶିଳ୍ପଟି ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଅଟେ। ଏହି ସାମଗ୍ରୀଗୁଡ଼ିକ ପ୍ରାୟ ପ୍ରତି ଜିଲ୍ଲାରେ ଉତ୍ପାଦିତ ହେଉଥିଲେ ମଧ୍ୟ ତନ୍ମଧ୍ୟରୁ କେତେକ ମୁଖ୍ୟ ଜିଲ୍ଲାଗୁଡ଼ିକ ହେଲା ଢେଙ୍କାନାଳ, ମୟୂରଭଞ୍ଜ, ଯାଜପୁର, ସୁବର୍ଣ୍ଣପୁର, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, କନ୍ଧମାଳ ଓ ମାଲକାନଗିରି। ରାଜ୍ୟରେ ଏହି ହସ୍ତଶିଳ୍ପର କାରିଗରଙ୍କ ସଂଖ୍ୟା ପ୍ରାୟ ୨୨ ହଜାର। ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ୭୨୧.୩୦ ଲକ୍ଷ ଟଙ୍କାର ଆର୍ଥିକ ସହଯୋଗରେ ଯେଉଁ ବାଉଁଶ ହସ୍ତଶିଳ୍ପ ପୁଞ୍ଜଗୁଡ଼ିକର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ସେଗୁଡ଼ିକ ହେଉଛି ମୟୂରଭଞ୍ଜ ଜିଲ୍ଲାର ଇଚିଣ୍ଡା(ରାଇରଙ୍ଗପୁର), ଯାଜପୁର ଜିଲ୍ଲାର ଗୋପାଳପୁର (ରସୁଲପୁର), ଢେଙ୍କାନାଳ ଜିଲ୍ଲାର ବଉଳପୁର(ଓଡ଼ାପଡ଼ା), ବରଗଡ଼ ଜିଲ୍ଲାର ବରଗାଁ/କଂଟାପଲ୍ଲୀ, ବରଗଡ଼ ଜିଲ୍ଲାର ବ୍ରାହ୍ମଣଡ଼ିହୀ (ପଦ୍ମପୁର) ଓ ସୁବର୍ଣ୍ଣପୁର ଜିଲ୍ଲାରବିନିକା। ଏହି କାର୍ଯ୍ୟକ୍ରମଗୁଡ଼ିକ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଏହାର ଜିଲ୍ଲାସ୍ତରୀୟ ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟ ମାଧ୍ୟମରେ ସଫଳ ରୂପାୟନ କରାଯିବ। ଏହି ପ୍ରକଳ୍ପ ଅଧୀନସ୍ଥ ପ୍ରମୁଖ କାର୍ଯ୍ୟଗୁଡ଼ିକ ହେଲା ଉପରୋକ୍ତ ବାଉଁଶ ହସ୍ତଶିଳ୍ପ ପୁଞ୍ଜରେ ସାଧାରଣ ସୁବିଧା କେନ୍ଦ୍ର ନିର୍ମାଣ, ଆଧୁନିକ ଯନ୍ତ୍ରପାତି ଦ୍ୱାରା କଂଚା ବାଉଁଶର ପ୍ରକ୍ରିୟାକରଣ ଓ କାରିଗର ମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି । ଏତଦ୍‌ବ୍ୟତୀତ ବଜାର ସହାୟତା ପାଇଁ ଗ୍ରାମାଂଚଳରେ ହାଟ ଓ ବାଉଁଶ ବଜାର ପ୍ରତିଷ୍ଠା ତଥା ଇ-ବାଣିଜ୍ୟର ଉପଯୋଗ। ବଜାର ଚାହିଦା ମୁତାବକ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ ସିଡାକ୍ ଠାରେ ଏକ ବଜାର ସହାୟତା ତଥା ନମୁନା ବିକାଶ କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା ଅଛି। ଆଜିର ଏହି ଉତ୍ସବରେ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସନାତନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ରାଜ୍ୟ ମିଶନ ନିର୍ଦ୍ଦେଶକ ଶ୍ରୀ ପ୍ରେମ କୁମାର ଝା ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଶ୍ରୀ ଶିଶିର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଭବନରେ ପ୍ରମୋଦ ମେହେର୍ଦ୍ଦାଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩/୯ (ନି.ପ୍ର): କର୍ତବ୍ୟରେ ନିଷ୍ଠା ଓ ଆନ୍ତରିକତାର ବିକଳ୍ପ ନାହିଁ । ଏହା ହିଁ ଆଧ୍ୟାତ୍ମିକତା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ରାଜ୍ୟପାଳଙ୍କ ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ବିଦାୟ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ସରକାରୀ କର୍ମଚାରୀମାନେ ଆତ୍ମୀୟପଣର ପ୍ରତୀକ ହେବା ଦରକାର । ଡ. ମେହେର୍ଦ୍ଦାଙ୍କ ଉତରୋତର ଉନ୍ନତି କାମନା କରିବା ସହିତ ରାଜ୍ୟପାଳ ପ୍ରଫେସର ଲାଲ ତାଙ୍କର କର୍ତବ୍ୟପରାୟଣତା, ଦୂରଦୃଷ୍ଟି ଓ ପ୍ରଶାସନିକ ଦକ୍ଷତାର ପ୍ରଶଂସା କରିଥିଲେ । ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ, ଅତିରିକ୍ତ ସଚିବ ଚିତରଞ୍ଜନ ମହାନ୍ତି, ବେଦବନ୍ଧୁ ମିଶ୍ର, ଲୋକସଂପର୍କ ଅଧିକାରୀ ରକ୍ଷକ ନାୟକ, ସଂଗ୍ରାମ ଦେଓଭଞ୍ଜ ପ୍ରମୁଖ ଡ. ମେହେର୍ଦ୍ଦାଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଥିଲେ । ସମ୍ବର୍ଦ୍ଧନାର ଉତରରେ ଡ. ମେହେର୍ଦ୍ଦା ରାଜଭବନରେ ନିଜ ଅନୁଭୂତି ଓ ଉପଲବ୍ଧି ବର୍ଣ୍ଣନା କରିବା ସହିତ ଏହା ତାଙ୍କ ପାଇଁ ବେଶ୍ ଶିକ୍ଷଣୀୟ ଓ ଉତ୍ସାହପ୍ରଦ ହୋଇ ରହିବ ବୋଲି ଉଲ୍ଲେଖ କରିଥିଲେ ।

# ରାଜ୍ୟ କଂଗ୍ରେସ ସେବାଦଳ କର୍ମକର୍ତାଙ୍କୁ ଜିଲ୍ଲା ଦାୟୀତ୍ୱ ବଂଟନ

ଭୁବନେଶ୍ୱର,୩/୯ (ନି.ପ୍ର): ରାଜ୍ୟରେ କଂଗ୍ରେସ ସେବାଦଳ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସେବାଦଳର କର୍ମକର୍ତାଙ୍କ ମଧ୍ୟରେ ଜିଲ୍ଲା ଦାୟୀତ୍ୱ ବଂଟନ କରିଛନ୍ତି। ବରିଷ୍ଠ କାର୍ଯ୍ୟକର୍ତା ଅଶୋକ କୁମାର ସିଂହଙ୍କୁ କଟକ, କଟକ ନଗର ଓ ଜଗତସିଂହପୁର ଜିଲ୍ଲା, ସୀତାବଲ୍ଲଭ ମହାପାତ୍ରଙ୍କୁ ଖୋର୍ଦ୍ଧା ଜିଲ୍ଲା, ଦିଲ୍ଲୀପ କୁମାର ପଣ୍ଡାଙ୍କୁ ବରଗଡ଼ ଓ ବଲାଙ୍ଗୀର ଜିଲ୍ଲା, ମନୋଜ କୁମାର ସାହୁଙ୍କୁ ନୟାଗଡ଼, କନ୍ଧମାଳ ଓ ବୌଦ୍ଧ ଜିଲ୍ଲା, ରମେଶ ଚନ୍ଦ୍ର ବରାଳଙ୍କୁ ଢ଼େଙ୍କାନାଳ ଓ ଅନୁଗୁଳ ଜିଲ୍ଲା, ମହମ୍ମଦ ଅବଦୁଲ ଫିରୋଜଙ୍କୁ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା, ଦେବାନନ୍ଦ ସାହୁଙ୍କୁ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା, ରତିକାନ୍ତ ବରାଳଙ୍କୁ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲା, କାଜଲ କିରଣ ସାହୁଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା, ସୁବାଷ ଚନ୍ଦ୍ର ପରିଡ଼ାଙ୍କୁ କେନ୍ଦ୍ରାପଡ଼ା ଓ ଯାଯପୁର ଜିଲ୍ଲା, ରାମପ୍ରସାଦ ଜୟସ୍ୱାଲଙ୍କୁ ରାଉରକେଲା ଜିଲ୍ଲା, ଗୋପାଳ ଚନ୍ଦ୍ର ଖୁଂଟିଆଙ୍କୁ ଗଞ୍ଜାମ ଜିଲ୍ଲା, ପ୍ରଦୀପ କୁମାର ଦାସଙ୍କୁ ଦେଓଗଡ଼ ଓ ସୋନପୁର ଜିଲ୍ଲା, ଚିନ୍ତାମଣି ପରିଡ଼ାଙ୍କୁ ଗଜପତି ଓ ରାୟଗଡ଼ା ଜିଲ୍ଲା, ମୁନୁ ସରାଫଙ୍କୁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲା ଏବଂ ନିରଦ ବରଣ ଖୁଂଟିଆଙ୍କୁ ପୁରୀ ଓ ଭୁବନେଶ୍ୱର ଜିଲ୍ଲା ଏବଂ ମହମ୍ମଦ ସାହାଦୁଲ୍ଲା ଙ୍କୁ ସମ୍ବଲପୁର ଜିଲ୍ଲା କଂଗ୍ରେସ ସେବାଦଳ ଦାୟିତ୍ୱ ଦିଆଯାଇଛି। ସେହିପରି ମହିଳା ଶାଖା ଶ୍ରୀମତୀ ମଞ୍ଜୁ ମହାନ୍ତି ଓ ସୁଶ୍ରୀ ଉଷା ବେହେରାଙ୍କୁ, ୟଙ୍ଗ ବ୍ରିଗେଡ଼ ଓ କାର୍ଯ୍ୟାଳୟ ପ୍ରଶାସନ ନିରଦ ବରଣ ଖୁଂଟିଆ ଓ ଜ୍ୟୋତିଷ କୁମାର ସାହୁଙ୍କୁ ଏବଂ କାର୍ଯ୍ୟକ୍ରମ ଓ ଯୋଜନା ଡ. ବଦ୍ରିନାଥ ପଟ୍ଟନାୟକ ଓ କୁଳମଣି ସାହୁଙ୍କୁ ଦିଆଯାଇଥିବା ବେଳେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଦାୟୀତ୍ୱ ମହମ୍ମଦ ସାହାଦୁଲ୍ଲା ଓ ସୁଶାନ୍ତ କୁମାର ମହାରଣାଙ୍କୁ ଦିଆଯାଇଛି ବୋଲି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ସ୍ୱାଧୀନତାର ଅମୃତ ମହୋତ୍ସବ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୩/୯ (ନି.ପ୍ର): ସ୍ୱାଧିନତାର ଅମୃତ ମହୋତ୍ସବ ଶୀର୍ଷକ ଏକ ଆଲୋଚନାଚକ୍ର ପରମାନପୁରସ୍ଥିତ ଡାଃ. ଝାସ କେତନ ସାହୁ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସମ୍ବଲପୁରସ୍ଥିତ କ୍ଷେତ୍ର ଜନ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ, ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଯୋଗଦେଇଥିଲେ। ଏ ଅବସରରେ ଉଦବୋଧନ ଦେଇ ଶ୍ରୀ ଚୌଧୁରୀ କହିଛନ୍ତି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପଶ୍ଚିମ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏ ମାଟିର ଅଗଣିତ ବୀରଙ୍କ ଅଦ୍ୟମ ସାହସ ତଥା ଉତ୍ସର୍ଗୀକୃତ ଉଦ୍ୟମ ସଦା ସ୍ମରଣୀୟ ହୋଇ ରହିବ। ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରଗଡର ପାଣିମୋରା ଓ ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରିଥିଲେ। ଡାଃ. ଝାସ କେତନ ସାହୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ସନ୍ଧ୍ୟାରାଣୀ ମିଶ୍ର ଏଥିରେ ଯୋଗଦେଇ ଯୁବ ଗୋଷ୍ଠୀ ଦେଶର ସ୍ୱାଧୀନତା ସମ୍ପର୍କରେ ଅବଗତ ହେବା ସହ ଆଗାମୀ ଦିନରେ ଏହାର ମୂଲ୍ୟବୋଧକୁ ସ୍ୱୀକାର ପୂର୍ବକ ଦେଶର ବିକାଶ କ୍ଷେତ୍ରରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁରସ୍ଥିତ କ୍ଷେତ୍ର ଜନ ସମ୍ପର୍କ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ରାମେଶ୍ୱର ନାୟକ ପରିଚାଳନା କରିଥିବାବେଳେ ସମ୍ବଲପୁରସ୍ଥିତ ଆକାଶବାଣୀ ସମ୍ବାଦ ପ୍ରଭାଗର ମୁଖ୍ୟ ଡାଃ. ସତ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏ କାର୍ଯ୍ୟକ୍ରମରେ ଆୟୋଜିତ "କୁଇଜ" ପ୍ରତିଯୋଗୀତାରେ ସଫଳତା ପାଇଥିବା ଦଶ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୈଳାସ କୁଲେସିକାଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୩/୯ (ନି.ପ୍ର): କୋରାପୁଟ ଜିଲ୍ଲାରେ କଂଗ୍ରେସରେ ମତଭେଦ ଦୂରପରେ ପୁନର୍ବାର ଗଣମାଧମରେ ବିବୃତି ପ୍ରଦାନ କରିଥିବାରୁ ଲକ୍ଷ୍ମୀପୁରର ପୂର୍ବତନ କଂଗ୍ରେସ ବିଧାୟକ କୈଳାସ ଚନ୍ଦ୍ର କୁଲେସିକାଙ୍କୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଶ୍ରୀ କୁଲେସିକାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ସଂପର୍କରେ ୭ଦିନ ମଧ୍ୟରେ ଉତର ପ୍ରଦାନ କରିବାକୁ ଶ୍ରୀ କୁଲେସିକାଙ୍କୁ କୁହାଯାଇଥିଲା। ଶ୍ରୀ କୁଲେସିକା ଏହାର ଉତର ପିସିସିକୁ ପ୍ରଦାନ କରିଛନ୍ତି ଏବଂ କହିଛନ୍ତି ଯେ ତାଙ୍କ ବକ୍ତବ୍ୟକୁ ଗଣମାଧମ ଠିକଭାବେ ପ୍ରକାଶ କରିନାହାନ୍ତି। ସେ ଏଥିପାଇଁ ଦୁଃଖ ପ୍ରକାଶ କରିବା ସହିତ ଭବିଷ୍ୟତରେ ଏପରି କାର୍ଯ୍ୟ କରିବେ ନାହିଁ, ଦଳକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତ କାର୍ଯ୍ୟରେ ସହଯୋଗ କରି କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ବିଏମସିର ଗଣେଶ ପୂଜା ଗାଇଡ୍ ଲାଇନ୍

ଭୁବନେଶ୍ୱର,୩/୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଗଣେଶ ପୂଜା ନେଇ ଗାଇଡଲାଇନ୍ ଜାରି କରାଯାଇଛି। ବିନା ଭକ୍ତରେ ହେବ ପୂଜା। ପୂଜାମଣ୍ଡପ/ପେଣ୍ଡାଲରେ କୋଭିଡ କଟକଣାରେ ପୂଜା କରିବାକୁ କମିସନରେଟ ପୋଲିସର ଅନୁମତି ନେବାକୁ ପଡ଼ିବ। ପୂଜାମଣ୍ଡପ/ପେଣ୍ଡାଲର ୩ ପଟ ସମ୍ପୂର୍ଣ୍ଣ ବନ୍ଦ ରଖିବା ସହ ୪ ଫୁଟରୁ କମ୍ ଉଚ୍ଚତା ବିଶିଷ୍ଟ ମୂର୍ତିପୂଜା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜାମଣ୍ଡପରେ ପୁରୋହିତଙ୍କୁ ମିଶାଇ ସର୍ବାଧିକ ୭ଜଣଙ୍କୁ ଅନୁମତି ଦିଆଯାଇଛି। ଏହାଛଡ଼ା ସମସ୍ତେ ମାସ୍କ ପିନ୍ଧିବେ ଏବଂ ସାମାଜିକ ଦୂରତା ବଜାୟ ରଖିବେ ବୋଲି ଗାଇଡଲାଇନରେ କୁହାଯାଇଛି। ସର୍ବସାଧାରଣଙ୍କ ଦର୍ଶନକୁ ବାରଣ କରାଯାଇଛି। ଘର ଭିତରେ ପୂଜା କରିବା ଭଳି କେବଳ ବିଧି ଅନୁପାଳନ ହେବ। ଗଣେଶ ପୂଜାକୁ ନିରାଡ଼ମ୍ବର ଭାବେ ପାଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଭସାଣିଯାତ୍ରାକୁ ବି ସଂପୂର୍ଣ୍ଣ ବାରଣ କରାଯାଇଛି। ସେହିପରି ଶିକ୍ଷାନୁଷ୍ଠାନମାନଙ୍କରେ ମାତ୍ର ୨୦ଜଣଙ୍କୁ ନେଇ ଗଣେଶ ପୂଜା କରାଯାଇପାରିବ। ଶିକ୍ଷାନୁଷ୍ଠାନ ମାନଙ୍କରେ ଗଣେଶ ପୂଜାରେ କୌଣସି ଭୋଜି ବା ପ୍ରସାଦସେବନକୁ ମଧ୍ୟ ବାରଣ କରିଛି ବିଏମସି।

# ସ୍ୱତନ୍ତ୍ର ହିରାକୁଦ୍ , ଜଗନ୍ନାଥ ଏକ୍ସପ୍ରେସ୍ ଏବଂ ଖୋର୍ଦ୍ଧା ରୋଡ୍-ପୁରୀ ପାସେଞ୍ଜର ଟ୍ରେନ ଚଳାଚଳ ପ୍ରାରମ୍ଭ

ଭୁବନେଶ୍ୱର,୩/୯ (ନି.ପ୍ର): ଯାତ୍ରୀମାନଙ୍କ ସୁବିଧା ପାଇଁ ବିଶାଖାପାଟନମ୍-ଅମୃତସର-ବିଶାଖାପାଟନମ୍ ହିରାକୁଦ୍ ସ୍ପେଶାଲ୍, ପୁରୀ-ହାଓଡ଼ା-ପୁରୀ ଜଗନ୍ନାଥ ସ୍ପେଶାଲ୍ ଏବଂ ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ ପାସେଞ୍ଜର ସ୍ପେଶାଲ ସେବା ପ୍ରାରମ୍ଭ କରିବାକୁ ରେଲବାଇ ପକ୍ଷରୁ ନିଷ୍ପତି ନିଆଯାଇଛି । ୦୮୫୦୩/୦୮୫୦୪ ବିଶାଖାପାଟନମ୍-ଅମୃତସର-ବିଶାଖାପାଟନମ୍ ହିରାକୁଦ୍ ସ୍ୱତନ୍ତ୍ର ତ୍ରି-ସାପ୍ତାହିକ ସ୍ପେଶାଲ ଟ୍ରେନ ବିଶାଖାପାଟନମ୍ ଠାରୁ ୧୧ ସେପ୍ଟେମ୍ବରରୁ ଏବଂ ଅମୃତସରରୁ ୧୫ ସେପଟ୍ଟେମ୍ବର ଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରାଯିବାକୁ ନିଷ୍ପତି ନିଆଯାଇଛି । ପୂର୍ବରୁ ଚାଲୁଥିବା ପାରମ୍ପରିକ କୋଚଗୁଡ଼ିକ ବଦଳରେ ହୀରାକୁଦ ସ୍ପେଶାଲ୍ ଟ୍ରେନ୍ ଆଧୁନିକ ଲିଙ୍କେ-ହୋଫମ୍ୟାନ୍-ବସ୍ କୋଚ୍ ସହିତ ଚଳାଚଳ କରିବ । ଏହି ଟ୍ରେନ୍ ପ୍ରତି ମଙ୍ଗଳବାର, ଶୁକ୍ରବାର ଏବଂ ଶନିବାର ଦିନ ୦୦୨୫ ଘଂଟାରେ (ସୋମ, ଗୁରୁ ଓ ଶୁକ୍ରବାର ରାତ୍ରି ୧୨ଘ.୨୫ମି.ରେ) ବିଶାଖାପାଟନମ୍ ଛାଡିବ ଏବଂ ପ୍ରତ୍ୟେକ ବୁଧବାର, ଶନିବାର ଏବଂ ରବିବାର ଦିନ ଅମୃତସରରୁ ରାତ୍ରି ୧୧ଘ.୫୫ମି.ରେ ଛାଡିବ । ଏହି ଟ୍ରେନ୍ ଭୁବନେଶ୍ୱର-ସମ୍ବଲପୁର-ବିଳାସପୁର-କାଟନି ମୁରଓ୍ୱାରା-ଝାନ୍ସୀ-ଆଗ୍ରା କାଂଟ-ନୂଆଦିଲ୍ଲୀ-ଜଳନ୍ଧର ମାର୍ଗ ଦେଇ ଚଳାଚଳ କରିବ ଏବଂ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ମାନଙ୍କରେ ରହଣି କରିବ । ୦୮୪୧୦/୦୮୪୦୯ ପୁରୀ-ହାଓଡ଼ା-ପୁରୀ ସ୍ପେଶାଲ୍ ପୁରୀ ରୁ ୧୫ ସେପ୍ଟେମ୍ବର ଠାରୁ ରାତ୍ରି ୧୦ଘ.୪୦ମି.ରେ ଏବଂ ହାଓଡ଼ାରୁ ୧୬ ସେପ୍ଟେମ୍ବର ଠାରୁ ସନ୍ଧ୍ୟା ୭ଘ.୦୫ମି.ରେ ପ୍ରତିଦିନ ଛାଡି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ଏହି ଟ୍ରେନ୍ ପୁରୀ ଓ ହାଓଡ଼ା ମଧ୍ୟରେ ଉଭୟ ପାର୍ଶ୍ୱରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ୍, ବାଲେଶ୍ୱର, ବସ୍ତା, ଜଲେଶ୍ୱର, ବେଲଦା,ଖଡଗପୁର, ମେଛେଦା ଏବଂ ସାନ୍ତ୍ରାଗଛି ଷ୍ଟେସନ ମାନଙ୍କ ଠାରେ ରହଣି କରିବ । ୦୮୪୦୪/୦୮୪୦୩ ପୁରୀ-ଖୋର୍ଦ୍ଧା ରୋଡ୍-ପୁରୀ ପାସେଞ୍ଜର ସ୍ପେଶାଲ୍ ପୁରୀରୁ ୨୦ ସେପ୍ଟେମ୍ବର ଠାରୁ ସନ୍ଧ୍ୟା ୫ଘ.୪୫ମି.ରେ ଛାଡିବାକୁ ଥିବାବେଳେ ଏହା ୨୧ ସେପଟ୍ଟେମ୍ବର ଠାରୁ ଖୋର୍ଦ୍ଧା ରୋଡ଼ ରୁ ସକାଳ ୭ଘ.୪୫ମି.ରେ ଛାଡି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ୍ ଉଭୟ ଦିଗରୁ ପୁରୀ ଏବଂ ଖୋର୍ଦ୍ଧା ରୋଡ୍ ମଧ୍ୟରେ ମାଳତୀପାଟପୁର, ଜାନକିଦେଇପୁର, ସାକ୍ଷୀଗୋପାଳ, ବୀରପୁରୁଷୋତମପୁର, ଜେନାପୁର ରୋଡ଼, ଡେଲାଙ୍ଗ, କଣାସ ରୋଡ୍, ମୋଟାରୀ ଏବଂ ହରିପୁରଗ୍ରାମ ଷ୍ଟେସନ ମାନଙ୍କରେ ରହଣି କରିବ ।

# ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି ଓ ପ୍ରଭାରୀ ବୈଠକ

**ଘର ଘର ବୁଲି କେନ୍ଦ୍ରୀୟ ଯୋଜନାର ପ୍ରଚାର କରିବେ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା : ସ୍ମୃତି ପଟ୍ଟନାୟକ**

ଭୁବନେଶ୍ୱର,୩/୯ (ନି.ପ୍ର): ମୋଦି ସରକାରଙ୍କ ପ୍ରତ୍ୟେକ ଯୋଜନାକୁ କପି-ପେଷ୍ଟ କରି ରାଜ୍ୟରେ ଶାସକ ବିଜେଡି ରାଜ୍ୟବାସିଙ୍କୁ ଭ୍ରମିତ କରିବାର ପ୍ରଚେଷ୍ଟା ଜାରୀ ରଖିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ ନକରି ଓଡିଶାବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ଶାସକ ବିଜେଡି ପ୍ରତାରଣ କରୁଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଜନବିରୋଧୀ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କ୍ଷୋଭ ପ୍ରକାଶ କରି କହିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତାମାନେ ଆଗାମୀ ଦିନରେ ଘର ଘର ବୁଲି ରାଜ୍ୟବାସୀଙ୍କୁ ଅବଗତ କରାଇବା ସହ ସଚେତନ କରାଇବେ ବୋଲି ଶ୍ରୀମତୀ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି । ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଜିଲ୍ଲା ସଭାପତି ଏବଂ ଜିଲ୍ଲା ପ୍ରଭାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମହିଳା ମୋର୍ଚ୍ଚାର ସଂଗଠନକୁ ଆହୁରୀ ଅଧିକ ସୁଦୃଢ଼ କରିବା ପାଇଁ ବୈଠକରେ ଯୋଗ ଦେବା ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଏହି ବୈଠକରେ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା ଓ ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦଶମତୀ ଛତରଙ୍କ ସମେତ ମହିଳା ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

# ଆଧୁନିକ ଏଲ.ଏଚ.ବି. କୋଚ ସହିତ ଚଳାଚଳ କରିବ ଭୁବନେଶ୍ୱର-ଜଗଦଳପୁର ହିରାଖଣ୍ଡ ଏକ୍ସପ୍ରେସ

ଭୁବନେଶ୍ୱର,୩/୯ (ନି.ପ୍ର): ଯାତ୍ରୀମାନଙ୍କୁ ଉତମ ଓ ଆରାମ ଦାୟକ ଏବଂ ଜର୍କ ମୁକ୍ତ ଯାତ୍ରା ଯୋଗାଇବା ପାଇଁ ପୂର୍ବତଟ ରେଳପଥ ଚଳିତ ମାସରୁ ଆଧୁନିକ ଲିଙ୍କେ-ହୋଫମାନ-ବୁଶ ଏଲ୍‌ଏଚ୍‌ବି କୋଚ ସହିତ ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସ ଚଳାଚଳ କରାଇବାକୁ ନିଷ୍ପତି ନେଇଛି । ଏହା ବର୍ତମାନ ଚାଲୁଥିବା ପାରମ୍ପାରିକ କୋଚଗୁଡ଼ିକୁ ବଦଳାଇବ। ୦୮୪୪୫/୦୮୪୪୬ ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ସ୍ୱତନ୍ତ୍ର ହିରାଖଣ୍ଡ ଏକ୍ସପ୍ରେସ ୧୦ ସେପଟ୍ଟେମ୍ବର, ୨୦୨୧ ଠାରୁ ଭୁବନେଶ୍ୱରରୁ ଏବଂ ୧୧ ସେପଟ୍ଟେମ୍ବର, ୨୦୨୧ ଠାରୁ ଜଗଦଳପୁରରୁ ଏଲ୍‌ଏଚ୍‌ବି କୋଚ୍ ସହିତ ଯାତାୟାତ କରିବ। ସ୍ପେଶାଲ୍ ହୀରାଖଣ୍ଡ ଏକ୍ସପ୍ରେସ୍ ବର୍ତମାନ ପୂର୍ବଭଳି ୧୨ କୋଚ୍ ଯଥା ଗୋଟିଏ ଏସି-୨ ଟାୟାର, ଦୁଇଟି ଏସି ୩ ଟାୟାର, ଚାରିଟି ସ୍ଲିପର କ୍ଲାସ, ତିନିଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ ଏବଂ ଦୁଇଟି ଗାର୍ଡ ତଥା ଲଗେଜ ଭ୍ୟାନ ମିଶ୍ରଣ ସହିତ ଚଳାଚଳ କରିବ ଏବଂ ଏହାର ଗଠନରେ କେବଳ ପାରମ୍ପରିକ କୋଚଗୁଡ଼ିକୁ ବଦଳାଇ ଏଲ୍‌ଏଚ୍‌ବି କୋଚ୍ ଦ୍ୱାରା ଚଳାଚଳ ହେବ। ଏଲ.ଏଚ.ବି. କୋଚ୍‌ର ଅନେକଗୁଡିଏ ବୈଶିଷ୍ଟତା ରହିଛି। ଏହା ଆଂଟି ଟେଲିସ୍କୋପିକ।ଦ୍ୱୈତ ବଫର ପ୍ରଣାଳୀ ପରିବର୍ତେ କେନ୍ଦ୍ରୀୟ ବଫର କପଲିଙ୍ଗ ପ୍ରଣାଳୀ ଯୁକ୍ତ ଏହି ଆଧୁନିକ ପ୍ରଣାଳୀର ଏଲ.ଏଚ.ବି. କୋଚ ଦୁର୍ଘଟଣା ସମୟରେ କୋଚ ଉପରେ କୋଚ ଚଢି ନଯାଇ ପାଖାପାଖି ହୋଇ ରହିଯାଏ ଏବଂ କୋଚ ଗୁଡିକ ପୂର୍ବ କୋଚ ଭଳି ଓଲଟି ଯାଇନଥାଏ। ପୂର୍ବ ପ୍ରଚଳିତ କୋଚ ଅପେକ୍ଷା ଏହାର ଲମ୍ବା ଅଧିକ ଥିବାରୁ ଅଧିକ ବର୍ଥ କ୍ଷମତା ବୃଦ୍ଧି କରିଥାଏ।

# ଜାତିଗତ ଜନଗଣନା, ଓବିସିଙ୍କ ସଂରକ୍ଷଣ ଦାବିରେ ଓବିସି କମିଶନଙ୍କୁ ଭେଟିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୩/୯ (ନି.ପ୍ର): ଓଡ଼ିଶା ଗସ୍ତରେ ଆସିଥିବା ଜାତୀୟ ପଛୁଆବର୍ଗ କମିଶନର ସଦସ୍ୟ କୌଶଳେନ୍ଦ୍ରସିଂହ ପଟେଲ୍‌ଙ୍କୁ ରାଜ୍ୟ ଅତିଥିଭବନ ଠାରେ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ପାର୍ଟିର ଏକ ୫ଜଣିଆ ପ୍ରତିନିଧି ଦଳ ଭେଟି ଆଗାମୀ ପଂଚାୟତ ନିର୍ବାଚନରେ ପଛୁଆବର୍ଗଙ୍କ ପାଇଁ ରାଜ୍ୟରେ ୨୭ଭାଗ ସ୍ଥାନ ସଂରକ୍ଷଣ, ଆଗାମୀ ଜନଗଣନାରେ ଜାତିଗତ ଜନଗଣନା କରିବା ଓ ୫୦ ଭାଗରୁ ଅଧିକ ସଂରକ୍ଷଣ ଦେବାପାଇଁ ସମ୍ବିଧାନ ସଂଶୋଧନ ଆଗତ କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଅଛି ଯେ, ୧୯୯୦ ମସିହା ଅଗଷ୍ଟ ୭ ତାରିଖରେ କେନ୍ଦ୍ର ସରକାର ପଛୁଆବର୍ଗଙ୍କ ପାଇଁ ଚାକିରୀ କ୍ଷେତ୍ରରେ ୨୭ ଭାଗ ସଂରକ୍ଷଣ ପ୍ରଦାନ କରିଥିଲେ । କିନ୍ତୁ ଆଜି ଓଡ଼ିଶାରେ ପଛୁଆବର୍ଗଙ୍କୁ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଦିଆଯାଉଅଛି। କେତେକ କ୍ଷେତ୍ରରେ ଓବିସି ଛାତ୍ରଛାତ୍ରୀଙ୍କୁ ଯୋଗ୍ୟତାରେ ଯେଉଁ ୫ ପ୍ରତିଶତ ରିହାତି ମିଳିବା କଥା ତାହା ମିଳୁନାହିଁ । ଏହା ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ (ଓପିଏସ୍‌ସି)ର ସହକାରୀ ପ୍ରାଧ୍ୟାପକ ଚୟନ କ୍ଷେତ୍ରରେ ଦେଖାଦେଇଛି ବୋଲି ଶ୍ରୀ ବେହେରା ଓବିସି କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତି ବିବାଦ ବନ୍ଦ ହେଉ - ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୩/୯ (ନି.ପ୍ର): ଓଡ଼ିଆ ଜାତିର ବିଶିଷ୍ଟ ବରପୁତ୍ର ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତି ନିକଟରେ ଜଗତ୍‌ସିଂହପୁର ରଘୁନାଥପୁର ଠାରେ ୰ବିଷ୍ଣୁ ଦାସଙ୍କ ପ୍ରତିମୂର୍ତି ସ୍ଥାପନ କରାଯାଇ ଯେଉଁ ବିବାଦର ସୂତ୍ରପାତ ହୋଇଛି ତାହା ସମଗ୍ର ରାଜ୍ୟରେ ଘୋର ଅସନ୍ତୋଷ ଆଣିଦେଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ତରଫରୁ ଏହାର ସଭାପତି ଅଧିବକ୍ତା ଶ୍ରୀ ବସନ୍ତ କୁମାର ତ୍ରିପାଠୀ ଏବଂ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜ ଜଣାଇଅଛନ୍ତି ଯେ, ଜଣେ ରାଜନେତା ଭାବରେ ବିଷ୍ଣୁଦାସଙ୍କ ପ୍ରତିମୂର୍ତି ଉତ୍କଳମଣିଙ୍କ ନିକଟରେ ବସାନଯାଇ ଅନ୍ୟ ସ୍ଥାନରେ ବସାଯିବାର ସମ୍ମିଳନୀର କୌଣସି ଆପତି ବା ବିରୋଧ ନାହିଁ। ମାତ୍ର ଉତ୍କଳମଣିଙ୍କ ନିକଟରେ ତାଙ୍କ ସମକକ୍ଷ ପ୍ରତିଭା ଭାବରେ ବିଷ୍ଣୁବାବୁଙ୍କ ପ୍ରତିମୂର୍ତି ବସାଇ ଯେଉଁମାନେ ଏକ ଭିନ୍ନ ବାର୍ତାଦେବାକୁ ଚେ୍ଷ୍ଟା କରୁଛନ୍ତି ତାହା ଗ୍ରହଣୀୟ ବା ସ୍ପୃହଣୀୟ ନୁହେଁ। ଆମ ବିଚାରରେ ଯଦି ଆଜି ବିଷ୍ଣୁବାବୁ ଜୀବିତ ଥାଆନ୍ତେ ଏବଂ କେହି ତାଙ୍କୁ ପ୍ରସ୍ତାବ ଦେଇ ତାଙ୍କ ମୃତ୍ୟୁପରେ ଉପରବର୍ଣ୍ଣିତ ଢ଼ଙ୍ଗରେ ତାଙ୍କ ପ୍ରତିମୂର୍ତି ଉତ୍କଳମଣିଙ୍କ ନିକଟରେ ବସାଯିବା କଥା କହିଥାଆନ୍ତେ ତେବେ ତାଙ୍କ ପରି ନମ୍ର ଏବଂ ଭଦ୍ରବ୍ୟକ୍ତି ନିଜକୁ ସଙ୍କୁଚିତ କରି କେବେହେଲେ ଏଥିରେ ସମ୍ମତି ପ୍ରକାଶ କରିନଥାଆନ୍ତେ। ବରଂ ବିଜୁବାବୁଙ୍କର ସେ ନିକଟତର ଏବଂ ପ୍ରିୟବ୍ୟକ୍ତି ହୋଇଥିବାରୁ ତାଙ୍କ ପ୍ରତିମୂର୍ତି ନିକଟରେ ନିଜପ୍ରତି ବସାଇଲେ ତାଙ୍କ ଆତ୍ମା ସନ୍ତୋଷଲାଭ କରିବ ବୋଲି ବିଷ୍ଣୁବାବୁ କହିଥାଆନ୍ତେ। ଏଣୁ ଯେଉଁ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷମାନେ ତ୍ୟାଗର ମୂର୍ତିମନ୍ତ ପ୍ରତୀକ ଉତ୍କଳମଣିଙ୍କ ପରି ନଭଶ୍ଚୁମ୍ବୀ ପ୍ରତିଭାଙ୍କ ମର୍ଯ୍ୟାଦା ସୁରକ୍ଷା ସପକ୍ଷରେ ସ୍ୱର ଉତୋଳନ କରୁଛନ୍ତି ରାଜ୍ୟ ସରକାର ଆଉ ସେମାନଙ୍କ ଧୈର୍ଯ୍ୟର ଅଧିକ ପରୀକ୍ଷା ନନେଇ ଯଥାଶୀଘ୍ର ସମ୍ଭବ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ କୌଣସି ରାଜନୈତିକ ଅଭିସନ୍ଧି ନରଖି ଅନୁରୋଧ କରାଯାଇଛି।

# ବିଏସ୍ଏନ୍ଏଲ୍ ପକ୍ଷରୁ ହିନ୍ଦୀ ପଖୱାଡା ସମାରୋହ-୨୦୨୧



ଭୁବନେଶ୍ୱର,୦୩/୦୯(ନି.ପ୍ର): ହିନ୍ଦୀ ସବୁଠାରୁ ସରଳ ଏବଂ ସହଜଭାଷା ଯାହା ମାତୃଭାଷା ସହିତ ଗ୍ରହଣୀୟ ଏବଂ ହିନ୍ଦୀ ଭାଷା ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବ କରିବା କଥା । ଭାରତୀୟ ଭାଷାମାନଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବ ରାଷ୍ଟ୍ରୀୟ ଏକତାକୁ ସୁଦୃଢ କରିବା ଦିଗରେ ହିନ୍ଦୀ ଭାଷାର ସ୍ୱତନ୍ତ୍ରତା କେବଳ ଏକ ରାଷ୍ଟ୍ରରେ ସୀମିତ ନୁହେଁ, ପରନ୍ତୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ମଧ ବେଶ୍ ଆଦୃତ । ଏହି ଭାଷା କୌଣସି ସମ୍ପ୍ରଦାୟ ବା ଧର୍ମର ଭାଷା ନୁହେଁ ଏହା ସମସ୍ତଙ୍କର ଭାଷା । ଭାରତର ଏକତା, ଅଖଣ୍ଡତା ପାଇଁ ଏହି ଭାଷାକୁ କେବଳ ସରକାରୀ ସ୍ତରରେ ନୁହେଁ, ପ୍ରତ୍ୟେକସ୍ତରରେ ଅଧିକରୁ ଅଧିକ ବ୍ୟବହାର କରିବା ଉଚିତ ବୋଲି ଭାରତ ସଂଚାର ନିଗମ ଲିମିଟେଡ, ଓଡିଶା ଦୂରସଂଚାର ପରିମଣ୍ଡଳ, ଭୁବନେଶ୍ୱର, ମୁଖ୍ୟ ଡା. ଉଦୟ ଶଙ୍କର ପଣ୍ଡା ମହୋଦୟ କହିଛନ୍ତି । ଦୂରସଂଚାର ପରିମଣ୍ଡଳ, ଭୁବନେଶ୍ୱର ମୁଖ୍ୟାଳୟରେ ଆୟୋଜିତ ହିନ୍ଦୀ ପକ୍ଷ-୨୦୨୧ ସମାରୋହର ଉଦ୍‌ଘାଟନ କରିବା ଅବସରରେ ସେ ହିନ୍ଦୀର ପ୍ରୟୋଗ, ପ୍ରଚାର ଓ ପ୍ରସାର ଦିଗରେ ଗୁରୁତ୍ୱାରୋପ କରି ଏହା କହିଥିଲେ । ପର୍ଯ୍ୟାୟକ୍ରମେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ମହାପ୍ରବନ୍ଧକ ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର, ଶ୍ରୀ ଦୁଷ୍ମନ୍ତ କୁମାର ବେହେରା, ଶ୍ରୀ ମନୋଜ କୁମାର ପଟେଲ, ଶ୍ରୀ ଶଶୀଦେବ ଦୁର୍ଗା, ଶ୍ରୀ ହୟେ ହେମ୍ବ୍ରମ୍ ପ୍ରମୁଖ ଅଧିକାରୀଗଣ ରାଜଭାଷା ହିନ୍ଦୀର ପ୍ରସାର, ପ୍ରଚାର ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ହିନ୍ଦୀ ପକ୍ଷ ୧ରୁ ୧୫ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ପ୍ରତ୍ୟେକ ଦିନ କର୍ମଚାରୀ ଏବଂ ପିଲାମାନଙ୍କ ମଧ୍ୟରେ ହିନ୍ଦୀର ବିଭିନ୍ନ ପ୍ରତିଯୋଗିତା କରାଯିବାର ସୂଚନା କାର୍ଯ୍ୟାଳୟର ହିନ୍ଦୀ ଅନୁବାଦକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପସ୍ୱୀ ପ୍ରସାଦ ବେହେରା, ବୃନ୍ଦାବନ ବେହେରା, ଅଲିଭା ମହାପାତ୍ର, ଡା, ଜୟନ୍ତୀ ପଟ୍ଟନାୟକ, ଶର୍ମିଳା ମିଶ୍ର, ଅଶୋକ କୁମାର ପାଲ, ଚନ୍ଦ୍ରମଣି ବେହେରା, ନୃସିଂହ ଚରଣ ଦାସ, ପ୍ରଦୀପ୍ତ ଚନ୍ଦ୍ର ପୃଷ୍ଟି, ଚକ୍ରଧର ମୁଦୁଲି, ଅମୀୟ କୁମାର ଖିଲାର ପ୍ରମୁଖ ଅଧିକାରୀଗଣ ଏବଂ ଅଧିକାଂଶ କର୍ମଚାରୀମାନେ କୋଭିଡ-୧୯ ନିୟମାନୁଯାୟୀ ସମାରୋହରେ ଉପସ୍ଥିତ ଥିଲେ । ଡା. ସଞ୍ଜୀବ କୁମାର ରାଉତରାଓ ଓ ତାଙ୍କ ସାଥୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାଗତ ସଙ୍ଗୀତ ସମସ୍ତଙ୍କୁ ମନୋରଞ୍ଜନ ଦେଇଥିଲା । ଶ୍ରୀ ଦେବେନ୍ଦ୍ର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ଓ ନୃସିଂହ ନାଥ ମହାରଣା ସମାରୋହକୁ ସଂଯୋଜନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୪୬ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ....

ଅନଗ୍ରସର, ଦିବ୍ୟାଙ୍ଗ ଲୋକଙ୍କୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶବାସୀଙ୍କ ଆକାଂକ୍ଷା ଏବଂ ଜାତୀୟ ଲକ୍ଷ୍ୟ ହାସଲ କରିବା ଦିଗରେ ଆମର ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ସାମାଜିକ ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଚାବିକାଠି ହୋଇଛନ୍ତି । ବିଶ୍ୱବିଦ୍ୟାଳୟ ଗୁଡ଼ିକ ଭାରତର ସମୃଦ୍ଧ ଭାଷା ଏବଂ ସାଂସ୍କୃତିକ ଐତିହ୍ୟକୁ ଲୋକପ୍ରିୟ କରିବା ଏବଂ ଭାରତୀୟ ଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ଉଚିତ୍। ଆମର ବିଶ୍ୱବିଦ୍ୟାଳୟ ଗୁଡ଼ିକ ସୃଜନଶୀଳତା, ନବସୃଜନ ଏବଂ ସୁଯୋଗର ମୂଳଦୁଆ। ଉଭା ହେଉଥିବା ନୂତନ ବିଶ୍ୱରେ ଭାରତକୁ ଶୀର୍ଷ ସ୍ଥାନକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି ୨୦୨୦କୁ କାର୍ଯ୍ୟକାରୀ କରିବା ଏବଂ ଏକାଡ଼େମିକ ବ୍ୟାଙ୍କ ଏଫ୍ କ୍ରେଡ଼ିଟ୍, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଟିକାକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହାସହ ମଲଟିପୁଲ ଏଂଟ୍ରି-ଏକ୍ସିଟ୍ ସିଷ୍ଟମ, ଓପନ ଏଣ୍ଡ୍ ଅନଲାଇନ୍ ଶିକ୍ଷା, ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ଗ୍ଲ ଗ୍ରାଂଟ୍, ୨୦୨୧-୨୨ରେ ଶିକ୍ଷାନୁଷ୍ଠାନର ଆରମ୍ଭ ନେଇ ଥିବା କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା କରାଯାଇଛି । ଏହାବ୍ୟତିତ ଆଇଆଇଟି ସଂଚାଳନ ସମିତି ସହ ବୈଠକରେ ଶ୍ରୀ ପ୍ରଧାନ କରିଛନ୍ତି ଯେ ଦେଶର ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତି ଅବସରରେ ଆୟୋଜିତ 'ଆଜାଦୀ କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମ ଅନ୍ତର୍ଗତ ଭାରତର ସମସ୍ତ ସମସ୍ତ ୨୩ଟି ଆଇଆଇଟି ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହରେ 'ଗବେଷଣା ଏବଂ ବିକାଶ ମେଳା'ର ଆୟୋଜନ କରିବେ।

### ୨୧ ଜିଲ୍ଲାକୁ ୟେଲୋ....

୨୧ଟି ଜିଲ୍ଲାରେ ବର୍ଷା ପବନ ଓ ବଜ୍ରପାତ ସହ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେବ ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଅନୁଗୁଳ, ଢ଼େଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର. କନ୍ଧମାଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଅଧିକାଂଶ ସ୍ଥାନରେ ବର୍ଷା ପବନ ସହ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି। ସେହିପରି ୪ରୁ ୫ ତାରିଖ ମଧ୍ୟରେ କୋରାପୁଟ, ନବରଙ୍ଗପୁର , କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ମୟୁରଭଂଜ, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ଗଜପତି ରାୟଗଡା, ଗଂଜାମ , ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ଆଫଗାନିସ୍ତାନରେ ଗଠନ....

ତାଲିବାନ କେମିତି ଯୋଗାଡ଼ କରିବ, ସେନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇପାରିନି । ଆଫଗାନିସ୍ତାନ ବ୍ୟାଙ୍କ ଓ ଅନ୍ୟ କେତେକ ଆର୍ଥିକ ସଂସ୍ଥାରେ ଅର୍ଥ ଉପରେ ଆମେରିକା ସରକାର କେତେକ କଟକଣା ଲଗାଇ ସାରିଛନ୍ତି । ଏହାସହ ଆଇଏମଏଫ ପରି ସଂସ୍ଥା ଆଫଗାନିସ୍ତାନକୁ ସହାୟତା କରିବା ପ୍ରସଙ୍ଗରେ ଏଯାଏଁ କିଛି କହୁନାହାନ୍ତି । ଆଫଗାନିସ୍ତାନରେ ଅଧିକାଂଶ ଲୋକଙ୍କ ଆର୍ଥିକ ଅବସ୍ଥା ଏତେ ସ୍ୱଚ୍ଛଳ ନୁହେଁ, ତେଣୁ ଆଗକୁ ଏହି ଅବସ୍ଥା ସୁଧୁରିବ ନା ଆହୁରି ଖରାପ ହେବ, ତାରି ଉପରେ ନଜର ରହିବ । ସେପଟେ ଆନ୍ତର୍ଜାତୀୟ ବିମାନ ବନ୍ଦର ୪୮ ଘଂଟା ମଧ୍ୟରେ କାର୍ଯ୍ୟକ୍ଷମ ହେବ । ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବିମାନ ବନ୍ଦରକୁ ମରାମତି ପାଇଁ ୨୫ରୁ ୩୦ ନିୟୁତ ଡଲାର ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବସ୍ତା,୦୩/୦୯ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ଅକ୍ଷଙ୍କୋ ଗ୍ରାମ ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ବେହେରା(୭୬) ଙ୍କର ଗୁରୁବାର ରାତିରେ ମୃତ୍ୟୁ ଘଟିଛି । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ଘରେ ଚିକିତ୍ସିତ ହେଉଥିଲେ । ହଠାତ ଗୁରୁତର ହେବାରୁ ତାଙ୍କୁ ଗତ ଅଗଷ୍ଟ ୩୧ ତାରିଖ ରେ ଭୁବନେଶ୍ୱର ର କେୟାର ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଶୁକ୍ରବାର ତାଙ୍କ ମୃତଦେହ ଘରକୁ ଅଣାଯିବା ପରେ ବହୁ ଶିକ୍ଷକ, ଛାତ୍ରୀ ଛାତ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ ପୂର୍ବକ ଅମର ଆତ୍ମା ର ସଦଗତି କରିଥିଲେ । ଗାଁ ଶ୍ମଶାନ ରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା କ୍ଷ ତାଙ୍କ ପୁଅ ଶୁଭେନ୍ଦୁ ଓ ତିନି ଝିଅ ଉପସ୍ଥିତ ଥିଲେ ।

## ଚୋରା ମଦ ଜବଦ, ଆସାମୀ ଗିରଫ : କୋର୍ଟ ଚାଲାଣ

ବସ୍ତା,୦୩/୦୯ (ନି.ପ୍ର): ବସ୍ତା ଅବକାରୀ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ସିଂଲା ଥାନା ଅଂଚଳ ରେ ଚଢ଼ାଉ କରାଯାଇ ଦୁଇ ଜଣ ମଦ ବେପାରୀ ଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ସାନ ଅସ୍ତି ଗ୍ରାମର କଟିଆ ମାରାଣ୍ଡି ଓ ଚକ ଅର୍ଜୁନି ଗ୍ରାମ ର ସୁରୁ ମାରାଣ୍ଡି । ସେମାନଙ୍କ ଠାରୁ ୨୨ ବୋତଲ ବିଦେଶୀ ମଦ ଓ ୨୫ ଲି. ଦେଶୀ ମଦ ଜବଦ ହୋଇଛି । ଅବକାରୀ ଥାନାଅଧିକାରୀ କୁଳମଣି ମହାରଣା ଙ୍କ ନେତୃତ୍ୱ ରେ ଏକ ଟିମ ଚଢ଼ାଉ କରି ଅଭିଯୁକ୍ତଦ୍ୱୟ ଙ୍କୁ ଗିରଫ କରାଯାଇଥିଲା । ଏ ସଂକ୍ରାନ୍ତ ରେ ଦୁଇଟି ପୃଥକ ମାମଲା ନଂ ୩୫ ଓ ୩୬/୨୧--୨୨ ରୁଜୁ ହୋଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

ଭୁବନେଶ୍ୱର,୦୩/୦୯ (ନି.ପ୍ର):ରାଜ୍ୟରେ କୋଵିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୦୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୦୬,୮୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ
### ଦୀର୍ଘଦିନ ହେବ ଟାଙ୍କି ଫାଟି ଯାଇଥିଲେବି ହେଉନି ମରାମତି



ବାରିପଦା / କୁଳିଅଣା,୦୩/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଅନ୍ତର୍ଗତ ବାଇଗଣବାଡ଼ିଆ ଗ୍ରାମପଞ୍ଚାୟତର ଭୁଲଗଡିଆ ଗ୍ରାମରେ ଶତାଧିକ ଲୋକ ବାସ କରୁଥିବା ବେଳେ ପିଇବା ପାଣି ପାଇଁ ଠିକ ସମୟରେ ମିଳୁନଥିବାର ଅଭିଯୋଗ କରିଛନ୍ତି କ୍ଷ ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟାର ଦୂରିକରଣ ପାଇଁ ସରକାର ଏକ ସୋଲାର ପ୍ୟାନେଲ ଥିବା ଟାଙ୍କି ଗ୍ରାମରେ ବସାଇଥିଲେ । ହେଲେ ଟାଙ୍କି କାମ ସରିବାର କିଛି ମାସ ନପୁରୁଣୁ , ଟାଙ୍କିରେ ଫାଟ ସୃଷ୍ଟି ହୋଇ ଟାଙ୍କିରୁ ସବୁ ପାଣି ବାହାରି ଯାଉଛି । ଫଳରେ ଗ୍ରାମବାସୀ ପିଇବା ପାଇଁ ପାଣି ପାଇ ପାରୁନାହାଁନ୍ତି କ୍ଷ ତେଣୁ ଗ୍ରାମରେ ଥିବା ପୁରୁଣା କୂପରୁ ଦୂଷିତ ପାଣିକୁ ବାଧ ହୋଇ ବ୍ୟବହାର କରୁଛନ୍ତି । ଏନେଇ ଗ୍ରାମବାସୀ ମାନେ ଦୀର୍ଘ ୫ ମାସ ହେଲା ବାଇଗଣବାଡ଼ିଆ ସରପଞ୍ଚ ବନିତା ସୋରେନଙ୍କୁ ଅନୁରୋଧ କରି ଆସୁଥିଲେ ମଧ କିଛି ଫଳ ମିଳିନାହିଁ । ଏ ନେଇ କୁଳିଅଣା ବ୍ଲକ ବିଡିଓ ଙ୍କ ଠାରେ ମଧ ଅଭିଯୋଗ କରାଯାଇଛି । ତେବେ ତୁରନ୍ତ ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ନହେଲେ, ଗ୍ରାମବାସୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି ସ୍ୱର୍ଣ୍ଣକାନ୍ତି ରାମ, ମାୟା ହେମ୍ବ୍ରମ, ଫୁଲମଣି ହେମ୍ବ୍ରମ, ମାଇତି ହେମ୍ବ୍ରମ, ରୁପାଇ ହେମ୍ବ୍ରମ, ସବିତା ନାଏକ, ଶାନ୍ତି ମଣି ହେମ୍ବ୍ରମ, ଦମୟନ୍ତୀ ଜିତ , ଲକ୍ଷୀୟା ହେମ୍ବ୍ରମ, ବବିତା ହେମ୍ବ୍ରମ, ନିରୁପମା ନାଏକ ପ୍ରମୁଖ ଅନେକ ଗ୍ରାମବସୀ ।

## ବିଜେଡିର କର୍ମୀ ସମ୍ମିଳନୀ

ବାଲିଆପାଳ,୦୩/୦୯ (ନି.ପ୍ର): ବାଲିଆପାଳ ବ୍ଲକ ବୋଳଂ ପଂଚାୟତଠାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଜେଡିର ପଂଚାୟତ ସଭାପତି ସନ୍ୟାସୀ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବରିଷ୍ଠ କର୍ମୀ ସନସ୍ୟା ବେହେରା,ଯୁବନେତା ମନୋରଞ୍ଜନ ଦଳାଇ,ମହାବୀର ମଲିକ,ଦେବେନ୍ଦ୍ର ମଲ୍ଲିକ,ଅନନ୍ତ ମହାନ୍ତି,ମିଟିକ ଜେନା,ଅକ୍ଷୟ ଜେନା,ଗଦାଧର ଜେନା,ନରସିଂହ ଜେନା,ଲକ୍ଷ୍ମଣ ବେହେରା,ପଂଚାନନ ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟତଃ ଆଗାମୀ ପଂଚାୟତ ନିର୍ବାଚନର ରଣକୌଶଳ ନେଇ ଆଲୋଚନା ହୋଇଥିଲା ।

## ବିଜେପିର ବ୍ରହ୍ମପୁର ପଞ୍ଚାୟତରେ ମିଶ୍ରଣ ପର୍ବ




ଭଦ୍ରକ,୦୩/୦୯ (ନି.ପ୍ର):ଭଦ୍ରକ ବିଧାନସଭା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଭଦ୍ରକ ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢୀ ଏବଂ ଭଦ୍ରକ ବିଧାନସଭା ନେତା ଡା. ପ୍ରଦିପ କୁମାର ନାୟକଙ୍କ ନେତୃତ୍ୱରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ରହ୍ମପୁର ପଞ୍ଚାୟତର ଦକ୍ଷ ଯୁବ ବିଜେଡ଼ି ସଭାପତି ଅଜୟ ପଲାଇ (ସାଗର), ନିଶିକାନ୍ତ ପରିଡା ଏବଂ ବରିଷ୍ଠ କର୍ମୀ କାର୍ତ୍ତିକ ଜେନା ତାଙ୍କର ଶତାଧିକ ସହକର୍ମୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ ଯୋଜନା, ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦାନ କଲେ। ଦକ୍ଷ ଯୁବ ବିଜେଡ଼ି ସଭାପତି ଅଜୟ ପଲାଇ ତାଙ୍କ ବକ୍ତବ୍ୟରେ ବିଜୁ ଜନତା ଦଳର ବିଶୃଙ୍ଖଳିତ ଆଚରଣ, ବିଜେଡିର ଗୁଣ୍ଡାରାଜ, ଶାସକ ଏବଂ ପ୍ରତ୍ୟେକ କ୍ଷେତ୍ରରେ ବଟି ଆଦାୟକୁ ଘୃଣା କରି ସେମାନେ ତାଙ୍କର କର୍ମୀମାନଙ୍କ ସହିତ ଯୋଗଦାନ କରିଛନ୍ତି। ବ୍ରହ୍ମପୁର ପଞ୍ଚାୟତକୁ ଜିତେଇବା ସଂଗେ ସଂଗେ ଭଦ୍ରକ ବିଧାନସଭାକୁ ଶକ୍ତିଶାଳୀ କରିବାରେ ସଂକଳ୍ପ ନେଇଛନ୍ତି। ଉକ୍ତ ମିଶ୍ରଣ ପର୍ବରେ ଭଦ୍ରକ ଜିଲ୍ଲା ଉପସଭାପତି ଅଶୋକ ପରିଜା, ପଞ୍ଚାୟତ ପ୍ରମୁଖ ରବି ନାରାୟଣ ଦାସ, ଦେବରକୁଣ୍ଡ ମଣ୍ଡଳ ସଭାପତି ପ୍ରଭାକର ସାମଲ, ଗୌରହରି ସାହୁ, ଭାଗିରଥୀ ମହାକୁଡ, ପଦ୍ମଲୋଚନ ଦାସ, ରମେଶ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କୋରକୋରା ପଞ୍ଚାୟତର ଶତାଧିକ କର୍ମୀ ମଧ ବିଜେପିରେ ମିଶିଛନ୍ତି।

## ପ୍ରଧାନମନ୍ତ୍ରୀ କୌଶଳ ଯୋଜନା କେନ୍ଦ୍ରରେ ତାଲା
### ଟ୍ରେନିଂ ନେବାରୁ ବଂଚିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ



ବାଲିଆପାଳ,୦୩/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ଛକ ଠାରେ ଗତ ଜୁନ ମାସରେ କୋଭିଡ ପାଇଁ ଆଗ ଧାଡିର ସ୍ୱାସ୍ଥ୍ୟ କର୍ମୀ ପ୍ରଶିକ୍ଷଣ କେନ୍ଦ୍ରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡରେ ଉଦଘାଟନ କରିଥିଲେ । ଅଦ୍ୟାବଧି ଏହି କେନ୍ଦ୍ରରେ ପ୍ରଶିକ୍ଷଣ ନେଇ ଦୁଇଟି ଗ୍ରୁପ ପରୀକ୍ଷା ଦେଇଥିବା ବେଳେ ତୃତୀୟ ଗ୍ରୁପର ପିଲାମାନେ ପ୍ରତ୍ୟେକ ଦିନ ଟ୍ରେନିଂ ନେବାକୁ ଆସି ନାନ ଅସୁବିଧାର ସମ୍ମୁଖୀନ ହେଉଥିବା ଅବିଯୋଗ ହୋଇଛି । କେନ୍ଦ୍ର ଖୋଲିବା କିଛି ଦିନ ସୁରୁଖୋରରେ ଟ୍ରେନିଂ କାର୍ଯ୍ୟ ଚାଲିଥିଲା । ମାତ୍ର ଗତ କିଛି ଦିନ ହେଲା କେନ୍ଦ୍ରକୁ ପ୍ରଶିକ୍ଷକ କିମ୍ବା ଆୟୋଜକ କେହି ଆସୁନାହାନ୍ତି । ପିଲାମାନଙ୍କୁ କିଛି ନଜଣାଇ କେନ୍ଦ୍ର ତାଲା ବନ୍ଦ ହୋଇ ରହୁଛି । ଫଳରେ ପିଲାମାନେ ପ୍ରତିଦିନ କେନ୍ଦ୍ରକୁ ଆସି ସକାଳୁ ଠାରୁ ଛକରେ ବସି ରହି ଫେରିବାକୁ ବାଧ୍ୟ ହେଉଛନ୍ତି । ଇନଫେଷ୍ଟ ଲାର୍ନ ଏଣ୍ଡ ଓାର୍କସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ ଏହି ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରତି ୨୧ ଦିନରେ ୮୦ ଜଣ ଛାତ୍ର-ଛାତ୍ରୀ ସ୍ୱତନ୍ତ୍ର ତାଲିମ ନେବାର ବ୍ୟବସ୍ଥା ରହିଛି । ବେକାର ଯୁବକ ଯୁବତୀ ମାନଙ୍କୁ କର୍ମ ସଂସ୍ଥାନ ଯୋଗଇବା ପାଇଁ ଏହା ଏକ ଭଲ କାର୍ଯ୍ୟକ୍ରମ ବୋଲି କୁହାଯାଉଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅର୍ନ୍ତଭୁକ୍ତ ଏହି ଟେନିଂ ପ୍ରୋଗ୍ରାମର ସାଟିଫିକେଟ ହାସଲ ପରେ ପିଲା ମାନଙ୍କୁ ସରକାରୀ ଏବଂ ବେସରକାରୀ ଡାକ୍ତରଖାନା ମାନଙ୍କରେ ସ୍ୱାସ୍ଥ୍ୟ କର୍ମୀ ଭାବେ ନିଯୁକ୍ତି ପାଇବେ ବୋଲି ଘୋଷଣା କରାଯାଇଛି । ବର୍ତମାନ କେନ୍ଦ୍ରରେ ଭର୍ତି ହୋଇଥିବା ଛାତ୍ରଛାତ୍ରୀମାନେ ଟ୍ରେନିଂ ରୁ ବଂଚିତ ହୋଇ ନାନା ଦୁଶ୍ଚିନ୍ତାରେ ରହୁଥିବା କହିଛନ୍ତି । ଏ ସଂପର୍କରେ ଇନଫେଷ୍ଟ ଲାର୍ନ ଇଣ୍ଡିଆର ସଂଯୋଜକ ଶଶାଙ୍କ ଶେଖର ଦାସଙ୍କୁ ଏଭଳି ଅବବ୍ୟସ୍ଥା ବିଷୟରେ ଯୋଗେଯାଗ କରିବାରୁ ସେ ଭୂବନେଶ୍ୱର ଅଛନ୍ତି ଏବଂ ଖୁବ ଶିଘ୍ର ବାଲିଆପାଳ ଆସି ଏହି ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି ।

## କର୍ମଚାରୀଙ୍କ ଶ୍ରଦ୍ଧାଞ୍ଜଳି ସଭା




ବାଲିଆପାଳ,୦୩/୦୯ (ନି.ପ୍ର): ସୁବର୍ଣ୍ଣରେଖା ହାଇସ୍କୁଲର ପୂର୍ବତନ ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ସମାଜସେବୀ ହରେକୃଷ୍ଣ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଆଜି କଂଟାବଣିଠାରେ ପାଳିତ ହୋଇଯାଇଛି । ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ କବି ବ୍ରଜକେନ୍ଦ୍ର ନାଥ ଗିରି,ଜଗନ୍ନାଥ ପ୍ରଧାନ,ଅଧାପକ ସୁକାନ୍ତ ଗିରି,ଅଜୟ ସାହୁ,ଏସଆର ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା,ସହକାରୀ ଶିକ୍ଷକ ରାଜେନ୍ଦ୍ର ବେହେରା,ମାନସ ଦାସ,ପ୍ରଫୁଲ ପାତ୍ର,ସମିତି ସଦସ୍ୟ ପ୍ରତାପ ଗିରି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପାତ୍ରଙ୍କ କର୍ମମୟ ଜୀବନ ଉପରେ ଆଲେଚନା କରିଥିଲେ । ପ୍ରାରମ୍ଭରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପୁତ୍ର ଶମ୍ଭୁନାଥ ପାତ୍ର ଓ ପରିବାର ବର୍ଗ ଏହାକୁ ଆୟୋଜନ କରିଥିଲେ ।

## 'ଟାଟା ପାୱାର'କର୍ମଚାରୀ ମାରଣ ନୀତିକୁ ନେଇ ଉଦବେଗ

ବାଲେଶ୍ୱର,୦୩/୦୯ (ନି.ପ୍ର): ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବାକୁ ୪ ମାସ ନପୂରୁଣୁ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)ର ଶ୍ରମିକ କର୍ମଚାରୀ ମାରଣ ନୀତି କ୍ରମଶଃ ଅସହ୍ୟ ହୋଇଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି 'ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ତଥା ଅନୁବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟ' । ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଅତ୍ୟନ୍ତ ଲାଭଖୁର ମନୋଭାବ ଯୋଗୁଁ କାର୍ଯ୍ୟରତ କର୍ମଚାରୀଙ୍କ ଜୀବନ ଜୀବିକା ଅସୁରକ୍ଷିତ ହୋଇ ପଡ଼ିଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର କର୍ମକର୍ତ୍ତାମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ବାଲେଶ୍ୱର ସହରର କାଳୀମନ୍ଦିର ନିକଟସ୍ଥ ମହାସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଆଞ୍ଚଳିକ ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ସହକାରୀ ଆଞ୍ଚଳିକ ସମ୍ପାଦକ ପ୍ରଦୀପ କୁମାର ଦାସ, ସଙ୍ଗଠନ ସମ୍ପାଦକ ବଟକୃଷ୍ଣ ଜେନା, ବାଲେଶ୍ୱର ଖଣ୍ଡ ସମ୍ପାଦକ ଗୋପାଳ ମାଲାକାର, ଅଫିସ ସମ୍ପାଦକ ସୋମଳିତ ମହାନ୍ତି, ତନ୍ମୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଦୀର୍ଘ ଦିନଧରି କାର୍ଯ୍ୟ କରି ଆସୁଥିବା ଅସ୍ଥାୟୀ କର୍ମଚାରୀଙ୍କ ପ୍ରତି ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଉଦାସୀନତା ସମ୍ପର୍କରେ ସୂଚନା ଦେଇଥିଲେ। ୧୫ବର୍ଷରୁ ଅଧିକ କାଳ ଧରି କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ପରିବର୍ତ୍ତେ କର୍ତ୍ତୃପକ୍ଷ ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବା କେତେ ଯୁକ୍ତିସଙ୍ଗତ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହା ଦ୍ୱାରା ସମ୍ପୃକ୍ତ କର୍ମଚାରୀଙ୍କ ବରିଷ୍ଠତା ହ୍ରାସ ପାଇବା ସହ ସେମାନେ ଶ୍ରମ ଆଇନ ଭିତ୍ତିକ ସମସ୍ତ ସବିଧାରୁ ବଞ୍ଚିତ ହେବା ନେଇ ଆଶଙ୍କା ଦେଖାଦେଇଛି। ସରକାରୀ ନିୟମକୁ ଉଲଂଘନ କରି କମ୍ପାନି କର୍ତ୍ତୃପକ୍ଷ ଅସ୍ଥାୟୀ କର୍ମଚାରୀଙ୍କୁ ଗୋଟିଏ ପରେ ଗୋଟିଏ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରାଇ ସେମାନଙ୍କୁ କ୍ରୀତଦାସ ସଜାଇ ଦେଇଥିବା ସଂଗଠନର କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। କର୍ତ୍ତୃପକ୍ଷ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଓ ନୂତନ ପଦ ପଦବୀରେ ଅଧିକାରୀ ଏବଂ କର୍ମଚାରୀ ନିଯୁକ୍ତି କରି ଚାଲିଥିବା ବେଳେ ୧୫ ବର୍ଷ ଧରି କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦିଗରେ ଟିକିଏ ହେଲେ ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି। ଟାଟା ପାୱାରର ଏହି ନୀତିକୁ ବିରୋଧ କରି ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ଓ ଏହା ସହ ଅନୁବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ଆସନ୍ତା ୬ ତାରିଖ ସୋମବାର ରେମୁଣା ଗୋଲେଇ ସ୍ଥିତ ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ କରିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ଟ୍ୟୁମର କ୍ୟାନସରରେ ପୀଡିତ କରୁଣାକରଙ୍କୁ ସହାୟତା

ବାଲିଆପାଳ,୦୩/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଅସ୍ତି ପଂଚାୟତ ସାନମଇଁଷାଡି ଗ୍ରାମର ଗଙ୍ଗାଧର ଜେନାଙ୍କ ପୁଅ କରୁଣାକର ଜେନା (୪୮) ବର୍ଷ ଟ୍ୟୁମର କ୍ୟାନସରରେ ପିଡୀତ ହୋଇ ଯନ୍ତ୍ରଣାରେ ଛଟପଟ ହୋଇଛନ୍ତି । ପରିବାରର ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁ ନାହିଁ । ୩ ବର୍ଷ ତଳେ ତାଙ୍କ ଡାହାଣ କାନ୍ଧରେ ଏକ ଟ୍ୟୁମର ବାହାରିଥିଲା । ତାହା ଏବେ ବୃଦ୍ଧି ପାଇ କ୍ୟାନସରରେ ପରିଣତ ହୋଇଛି । ଅର୍ଥ ଅଭାବ ଯୋଗୁଁ କରୋନାକରଙ୍କର ଏକମାତ୍ର ପୁଅ ମ୍ୟାଟ୍ରିକ ପରେ ଆଉ ଉଚ୍ଚଶିକ୍ଷା ପାଇଁ କଲେଜରେ ଭର୍ତ୍ତୀ ହୋଇନପାରି ଏବେ କାମଧନ୍ଦା କରି ପରିବାର ଚଳାଉଛନ୍ତି । ଏହି ଖବର ପ୍ରକାଶିତ ହେବା ପରେ ଆଜି ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ତଥା ସମାଜସେବୀ ସୁବାସିନି ଜେନା କରୁଣାକରଙ୍କ ଘରେ ପହଁଚିଥିଲେ । ତାଙ୍କର ମାଙ୍କୁ ୧୦ ହଜାର ଆର୍ଥିକ ସହାୟତା ଯୋଗାଇ ଦେବା ସହ ପ୍ରଶାସନ ସହିତ କଥାବାର୍ତ୍ତା କରି ବଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କରୁଣାକରଙ୍କୁ ସମସ୍ତ ମାଗଣା ଚିକିତ୍ସାର ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଶ୍ରୀମତି ଜେନାଙ୍କ ସହିତ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଦାସ, ଯୁବ ବିଜେଡି ସଭାପତି ସଞ୍ଜୟ ପ୍ରଧାନ, ବ୍ଲ.ଆଇ.ଟି କୋଡିନେଟର ଚନ୍ଦନ ଜେନା, ଅସ୍ତି ସରପଂଚ ସାନ୍ତନୁ ଭଦ୍ର ଘଂଟୁଆ ପଂଚାୟତ ଯୁବ ବିଜେଡି ସଭାପତି ସୁନିଲ ଜେନା, ଯୁବ ନେତା ବୂବନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୮୪୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୪୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୦୦୭୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୯୪୬୩୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୩୪୫ ରହିଛି। ଆଜି ଚିହ୍ନଟ ହୋଇଥିବା ୮୪୯ ଜଣଙ୍କ ମଧ୍ୟରୁ ୪୯୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୪୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୧ ଜଣ, ବରଗଡ଼ରୁ ୩ ଜଣ, ଭଦ୍ରକରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୧୧୭, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨ ଜଣ, ଯାଜପୁରରୁ ୩୨ ଜଣ, ଝାରସୁଗୁଡ଼ାରୁ ୪ ଜଣ, କଳାହାଣ୍ଡିରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧ ଜଣ. କେନ୍ଦ୍ରାପଡ଼ାରୁ ୯ ଜଣ, କେନ୍ଦୁଝରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଗଣେଶ ପୂଜା ପାଇଁ ପ୍ରଶାସନର ପ୍ରସ୍ତୁତି



ବାଲେଶ୍ୱର,୦୩/୦୯ (ନି.ପ୍ର): ଆସନ୍ତା ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଦଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତରିକ୍ତ ଜଲାପାଳ ନିଲୁ ମହାପାତ୍ର, ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୁଲିସ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କୋଭିଡ କଟକଣା ଓ ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ଜିଲାରେ ଚଳିତ ବର୍ଷ କିଭଳି ସୁରୁଖୁରୁରେ ଗଣେଶ ପୂଜା ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କୋଭିଡ୍-୧୯ ସଂକ୍ରମଣ ଯେପରି ବ୍ୟାପିବ ନାହିଁ ତାହାକୁ ଦୃଷ୍ଟିରେ ରଖି ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପାଇଁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପୂଜା କମିଟି କର୍ମକର୍ତ୍ତାଙ୍କୁ କହିଥିଲେ। ଏଥି ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଯେପରି ସମ୍ପୂର୍ଣ୍ଣ ଅନୁପାଳନ ହୋଇପାରିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ସରକାରୀ ମାର୍ଗଦର୍ଶିକାର ବିଭିନ୍ନ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । ମାର୍ଗଦର୍ଶିକା ଅନୁଯାୟୀ ଚଳିତ ବର୍ଷ ମଣ୍ଡପରେ ପୂଜା ନିମନ୍ତେ ଆବଶ୍ୟକୀୟ ଅନୁମତି ପାଇଁ ଜିଲା ପ୍ରଶାସନ ନିକଟରେ ଆବେଦନ କରିବାକୁ ପଡିବ । ଗୃହ ଅଭ୍ୟନ୍ତର ଭଳି ପରିବେଶ (ଇଣ୍ଡୋର ଲାଇକ କଣ୍ଡିସନ)ରେ ପୂଜା ଆୟୋଜନ କରାଯିବାକୁ ଥିବା ବେଳେ କେବଳ ପୂଜା ନୀତିକାନ୍ତି ପାଇଁ ଅନୁମତି ଦିଆଯିବ । ଜନସାଧାରଣ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ ଏହା ପାଳନ କରାଯିବ । ପୂଜା ମଣ୍ଡପର ତିନି ପାର୍ଶ୍ୱକୁ ସମ୍ପୂର୍ଣ୍ଣ ଓ ଗୋଟିଏ ପାର୍ଶ୍ୱକୁ ଆଂଶିକ ଭାବେ ଆବୃତ କରାଯିବ ଯେଭଳି କି ଜନସାଧାରଣ ମୂର୍ତ୍ତି ଦର୍ଶନ କରିପାରିବେ ନାହିଁ। ମୂର୍ତ୍ତିର ଉଚ୍ଚତା ୪ ଫୁଟରୁ କମ ରହିବ । ମାଇକ ଯୋଗେ ଘୋଷଣା କିମ୍ବା ଅନ୍ୟାନ୍ୟ ସାଉଣ୍ଡ ସିଷ୍ଟମ ବା ସ୍ପିକରର ବ୍ୟବହାର କରାଯାଇ ପାରିବ ନାହିଁ। ଯେ କୌଣସି ସମୟରେ ପୂଜାରୀ, କର୍ତ୍ତା ଏବଂ ଅନ୍ୟାନ୍ୟ କମିଟି ସଦସ୍ୟଙ୍କୁ ମିଶାଇ ୭ଜଣରୁ ଅଧିକ ବ୍ୟକ୍ତି ପୂଜା ମଣ୍ଡପରେ ରହିପାରିବେ ନାହିଁ । ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ଅନ୍ୟାନ୍ୟ କଟକଣାକୁ ମଧ୍ୟ ପୂଜା କମିଟିମାନଙ୍କୁ ମାନିବାକୁ ପଡିବ । ସେହିପରି ପୂଜା ପରେ କୌଣସି ପ୍ରକାର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ନାହିଁ । ସ୍ଥାନୀୟ ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିବା କୃତ୍ରିମ ଜଳାଶୟ/ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ । କୌଣସି ଧାର୍ମିକ ଗୋଷ୍ଠୀ ଦ୍ୱାରା କୌଣସି ପ୍ରକାର ଧାର୍ମିକ ଶୋଭାଯାତ୍ରା ଆୟୋଜନ ହୋଇପାରିବ ନାହିଁ । କୌଣସି ପ୍ରକାର ଗୀତ, ନାଚ କିମ୍ବା ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବ ନାହିଁ । କୋଭିଡ୍ ଉପଯୁକ୍ତ ବ୍ୟବହାରର ପାଳନ ପୂର୍ବକ ସୀମିତ ସଂଖ୍ୟକ ଛାତ୍ରଙ୍କୁ ନେଇ ଶିକ୍ଷାନୁଷ୍ଠାନ ଗୁଡିକରେ ଗଣେଶ ପୂଜା ଆୟୋଜନ ନିମନ୍ତେ ଅନୁମତି ଦିଆଯାଇଛି । ପୂଜା ସାଙ୍ଗରେ କୌଣସି ପ୍ରକାର ଭୋଜିଭାତ ଆୟୋଜନ ପାଇଁ ଅନୁମତି ନାହିଁ । ଏହି ସବୁ ନିୟମର ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଗଣେଶ ପୂଜା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଅନୁମତି ଏକକ ଝରକା (ସିଙ୍ଗଲ ୱିଣ୍ଡୋ) ମାଧ୍ୟମରେ ପ୍ରଦାନ କରାଯିବ । ବାଲେଶ୍ୱର ସହରରେ ପୂଜା ଅନୁମତି ପାଇଁ ବାଲେଶ୍ୱର ଉପ-ଜିଲାପାଳଙ୍କ କାର୍ଯ୍ୟାଳୟରେ ପୂଜା କମିଟିମାନେ ଆବେଦନ କରିପାରିବେ। ସେହିପରି ବ୍ଲକ ସ୍ତରରେ ବିଡିଓଙ୍କ ନିକଟରେ ଏବଂ ସହରାଞ୍ଚଳରେ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ ହେବ । ସେପ୍ଟେମ୍ବର ୧୦ତାରିଖ ଦିନ ଗଣେଶ ପୂଜା ପାଳନ ଯାଉଥିବା ଥିବା ବେଳେ ଆସନ୍ତା କାଲି(ସେପ୍ଟେମ୍ବର ୪) ତାରିଖ ଠାରୁ ସେପ୍ଟେମ୍ବର ୭ତାରିଖ ମଧ୍ୟରେ ପୂଜା କମିଟିମାନେ ବିଭିନ୍ନ ଅନୁମତିପତ୍ର ପାଇଁ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଆବେଦନ କରିପାରିବେ। ଅନୁମତିପତ୍ର ପାଇଁ ଆବେଦନ କଲାବେଳେ ପୂଜା କମିଟି କର୍ମକର୍ତ୍ତାଙ୍କୁ ସରକାରୀ ମାର୍ଗଦର୍ଶିକାର କଡାକଡି ଅନୁପାଳନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡିବ। ସରକାରୀ ନିୟମାବଳୀ ଏବଂ କୋଭିଡ୍ କଟକଣା କିଭଳି ପାଳନ ହୋଇପାରିବ ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ପୂଜା କମିଟିମାନେ ନେବେ। ସେହିଭଳି ସେପ୍ଟେମ୍ବର ୧୨ତାରିଖ ଦିନ ସକାଳ ୯ଘଟିକାରୁ ଅପରାହ୍ନ ୫ଘଟିକା ମଧ୍ୟରେ ମୂର୍ତ୍ତି ବିସର୍ଜନ ସମ୍ପନ୍ନ କରିବାକୁ ପୂଜା କମିଟିମାନଙ୍କୁ କୁହାଯାଇଛି । ସମସ୍ତ ନୀତି ନିୟମ ମଧ୍ୟରେ ରହି ଗଣେଶ ପୂଜା ପାଳନ ନିମନ୍ତେ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ କମିଟିମାନଙ୍କୁ ପରାମର୍ଶ ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନୁଷ୍ଠିତ ହେଲା 'ସୁବର୍ଣ୍ଣଶ୍ରୀ'ର ମାସିକ ଡିଜିଟାଲ୍ ସାହିତ୍ୟ ଆସର




ବାଲେଶ୍ୱର,୦୩/୦୯(ନି.ପ୍ର): ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟପ୍ରତିଷ୍ଠାନ ସୁବର୍ଣ୍ଣଶ୍ରୀ ପକ୍ଷରୁ ପ୍ରତି ମାସରେ ଅନୁଷ୍ଠିତ ହେଉଥିବା ଡିଜିଟାଲ୍ ମାସିକ ସାହିତ୍ୟ ଆସରର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରତି ଅନୁଷ୍ଠିତ ହୋଇଯାଇଛି । ଶୀର୍ଷକ ରହିଥିଲା 'ସ୍ୱାଧୀନତା : ସ୍ୱପ୍ନ ଓ ବାସ୍ତବତା' । ଉକ୍ତ ଶୀର୍ଷକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନିମନ୍ତ୍ରିତ କବିମାନେ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । କେନ୍ଦ୍ରସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ.ଫନୀ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର, ଜଗତ୍‌ସିଂହପୁର, ଭଦ୍ରକ, ଖୋର୍ଦ୍ଧା, ନୂଆପଡ଼ା ଆଦି ଜିଲ୍ଲାମାନଙ୍କରୁ ନିମନ୍ତ୍ରିତ କବି ସର୍ବଶ୍ରୀ ଡ.ହରିଷ୍ଚନ୍ଦ୍ର ବେହେରା, ଡ.ଅଭୟ ବାରିକ, ଡ.ରାଧାରଞ୍ଜନ ପଟ୍ଟନାୟକ, ଶ୍ରୀମତୀ ସୈରୀନ୍ଧ୍ରି ସାହୁ, ଶ୍ରୀମତୀ ସବିତା ରାଣୀ ବେହେରା, ଶ୍ରୀମତୀ ପ୍ରତିଭା ଖିଲାର, ଶ୍ରୀମତୀ ସୁଜାତା ଗିରି, ଶ୍ରୀମତୀ ସୁଜାତା ରଣା, ଡ.ଗୀତାଶ୍ରୀ ପ୍ରିୟମ୍ବଦା ଓ ଶ୍ରୀ କାଳୀପଦ ପଣ୍ଡା କବିତାପାଠ କରିଥିବା ବେଳେ ଏହାକୁ ସଞ୍ଚାଳନା କରିଥିଲେ ଅଧ୍ୟାପିକା ଡ.ଗୀତାଶ୍ରୀ ପ୍ରିୟମ୍ବଦା । 'ସୁବର୍ଣ୍ଣଶ୍ରୀ'ର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ସମୟର ଆବଶ୍ୟକତାକୁ ଦେଖି ଡିଜିଟାଲ୍ ପ୍ଲାଟ୍‌ଫର୍ମରେ କବିତାପାଠ ବା ସାହିତ୍ୟ ଆଲୋଚନା କରିବା ଏବେର ପ୍ରାସଙ୍ଗିକତା ହୋଇଥିବାରୁ ଏହା ସାରସ୍ୱତ ବନ୍ଧନକୁ ମଜବୁତ୍ କରିବାରେ ସହାୟକ ହେଉଛି ବୋଲି କହିଥିଲେ । ତେବେ ବିଷୟଭିତ୍ତିକ କବିତାପାଠ ପ୍ରତି ଶ୍ରୋତାଙ୍କର ଆଗ୍ରହ ରହୁଥିବାରୁ ପ୍ରତିଥର ଗୋଟିଏ ବିଷୟକୁ ଆଧାର କରି ସାହିତ୍ୟ ଆସର ଅନୁଷ୍ଠିତ କରାଯାଉଥିବାର ଶ୍ରୀ ପଣ୍ଡା ସୂଚନା ଦେଇଥିଲେ । ଗାଳ୍ପିକ ମାୟାଧର ସରାଫ୍ ଅନ୍ତିମ କଥା କହି ଧନ୍ୟବାଦ ଅର୍ପଣ କରିଥିଲେ ।

# କଲେଜ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ

ବାଲିଆପାଳ,୦୩/୦୯ (ନି.ପ୍ର): ସୁବର୍ଣ୍ଣରେଖା କଲେଜର ଅନ୍ୟତମ ପ୍ରତିଷ୍ଠାତା ତଥା ସମାଜସେବୀ ଶ୍ରୀହରି ଚରଣ ନାଥଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଗୌରାଙ୍ଗ ରାଉତ,ରଞ୍ଜନ କୁମାର ପାଢୀ, କାମିନୀକାନ୍ତ ମହାନ୍ତି, ପ୍ରାକ୍ତନ ମୁଖ୍ୟକିରାଣୀ ସନାତନ ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାଥଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ନାଥଙ୍କ ପୁତ୍ର ମଧୁସୂଦନ ନାଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅଜୟ ସାହୁ, ବ୍ରହ୍ମପ୍ରକାଶ ନାଥ, ମନୋଜ ମହାପାତ୍ର, ଯତିରଞ୍ଜନ କବାଟ.ସଞ୍ଜୟ ଡାକୁଆ, ଡ.ସରୋଜ ଗିରି, ଅଧ୍ୟାପିକା ରଶ୍ମିତା ପାଢୀ, ଶୁଭସ୍ମିତା ନନ୍ଦ, ପାର୍ବତୀ ମୁର୍ମୁ, ଇମାମି ସାହୁ, ରଣଜିତ ସାହୁ, ରାଜେନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ଦାସ, ବିଶ୍ୱନାଥ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

# ଆସନ୍ତା ୮ରେ ଶ୍ରୀମନ୍ଦିରରେ ପ୍ରତ୍ୟେହ ଦର୍ଶନ ସମ୍ପର୍କିତ ନିଷ୍ପତ୍ତି

ପୁରୀ,୦୩/୦୯ (ନି.ପ୍ର): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କଟକଣା ଆଧାରରେ ଆସନ୍ତାକାଲି ଶନିବାର ଓ ରବିବାର ଦିନ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ରାଜ୍ୟସରକାରଙ୍କ ପକ୍ଷରୁ ସଟ ଡ଼ାଉନ୍ କଟକଣା ପ୍ରତ୍ୟାହୃତ ହେବା ପରେ ଶନିବାର ଓ ରବିବାର ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ସମ୍ପର୍କିତ ନିଷ୍ପତ୍ତି ନେବା ଲାଗି ଆସନ୍ତା ୮ ତାରଖ ଦିନ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ନିଳାଦ୍ରୀ ଭକ୍ତନିବାସଠାରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଡ଼ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ଏହି ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍ ପି କନୱାର ବିଶାଳ ସିଂ ଓ ନବଗଠିତ ପରିଚାଳନା କମିଟିର ୫ ଜଣ ସଦସ୍ୟ ଯୋଗଦେବେ। ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କଟକଣାର ପୁନଃ ସମୀକ୍ଷା କରାଯିବ। କଟକଣାକୁ କୋହଳ କରିବା ଓ ପ୍ରତ୍ୟେହ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ଜାରି ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଏତଦ୍ ବ୍ୟତୀତ ଆନନ୍ଦବଜାରରେ ମହାପ୍ରସାଦସେବନ ଓ ଶ୍ରୀମନ୍ଦିରକୁ ଭୋଗ ନଡ଼ିଆ ନେବା ସମ୍ପର୍କିତ କଟକଣାକୁ ମଧ କୋହଳ କରାଯିବ। ଏଥିସହିତ ଶ୍ରୀମନ୍ଦିରରେ ପ୍ରବେଶ ଲାଗି ଦର୍ଶନାର୍ଥୀମାନଙ୍କ ଲାଗି ବାଧ୍ୟତାମୂଳକ କରାଯାଇଥିବା ଦୁଇଡ଼ୋଜ ଟିକା ନେଇଥିବା ପ୍ରମାଣପତ୍ର ଓ ୯୬ ଘଣ୍ଟା ଅବଧି ମଧରେ କରୋନା ସଂକ୍ରମିତ ହୋଇନଥିବା ପ୍ରମାଣପତ୍ର କଟକଣା ସମ୍ପର୍କରେ ମଧ ସମୀକ୍ଷା କରାଯିବ ବୋଲି ଶ୍ରୀମନ୍ଦିରର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ପୁରୀ ଜିଲ୍ଲାରେ ସିରୋଲଜିକାଲ ସର୍ଭେ ଆରମ୍ଭ

ପୁରୀ,୦୩/୦୯ (ନି.ପ୍ର): କୋଭିଡ଼ିର ସାମ୍ଭବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ମେଡ଼ିକାଲ ଗବେଷଣା କେନ୍ଦ୍ର (ଆରଏମ୍‌ଆରସି) ପକ୍ଷରୁ ପୁରୀ ଜିଲ୍ଲାରେ ଆଜିଠାରୁ ସିରୋଲଜିକାଲ ସର୍ଭେ ତଥା ଅଣ୍ଟିବଡ଼ିଟେଷ୍ଟ ଆରମ୍ଭ ହୋଇଛି। ଏହି ସର୍ଭେରେ ପୁରୀ ସମେତ ରାଜ୍ୟର ବାରଗୋଟି ଜିଲ୍ଲରେ ବିଭିନ୍ନ ବୟସର ବ୍ୟକ୍ତିବିଶେଷ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ନମୁନା ସଂଗ୍ରହ କରାଯିବ। ଆଜି ପୁରୀ ପୌରସଂସ୍ଥାର ୮,୨୦ ଓ ୨୯ ନମ୍ବର ୱାଡ଼ରେ ଏହି ସର୍ଭେ ଆରମ୍ଭ ହୋଇଛି। ଆସନ୍ତା କାଲି କୃଷ୍ଣପ୍ରସାଦର ସାତପଡ଼ା,ବ୍ରହ୍ମଗିରିର କପିଳେଶ୍ୱପୁର, ସତ୍ୟବାଦୀର ବଳପୁର ଓ ଗୋପର ଏରବଙ୍ଗ ଠାରେ ସର୍ଭେ କରାଯିବ। ଆସନ୍ତା ୫ତାରିଖରେ କାକଟପୁରର ସୁହାଣପୁର,ଡ଼େଲାଙ୍ଗର ବେରବୋଇ ଓ ନିମାପଡ଼ାର ବଡ଼ମାଛପୁର ପଞ୍ଚାୟତରେ ଏହି ସର୍ଭେ କରାଯିବ। ଏହା ତିନିଦିନ ଧରି ଚାଲିବ। ବିଭିନ୍ନ ବୟସର ୪୦୦ ଜଣ ବ୍ୟକ୍ତି ଓ ଶହେ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ସର୍ଭେ ସମୟରେ ନମୁନା ସଂଗ୍ରହ କରାଯିବ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ବିରଜା ଶଙ୍କର ରଥକୁ ନୋଡ଼ାଲ ଅଫିସର ନିଯୁକ୍ତ କରାଯାଇଛି। ଆରଏମ୍‌ସି ପକ୍ଷରୁ ଡାକ୍ତର ଦେବବ୍ରତ ଆଚାର୍ଯ୍ୟ,ଡାକ୍ତର ଶ୍ରୀକାନ୍ତ କାନୁନ୍‌ଗୋ ଓ ଡାକ୍ତର ହରିରାମ ଚୌଧୁରୀ ପ୍ରମୁଖ ଏହି ସର୍ଭେ କାର୍ଯ୍ୟରେ ସାମିଲ ଅଛନ୍ତି।

# ସମ୍ଭାବ୍ୟ ସୁନାମୀ ମୁକାବିଲା ନିମନ୍ତେ ପ୍ରସ୍ତୁତି



ବାଲେଶ୍ୱର,୦୩/୦୯ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ସମ୍ଭାବ୍ୟ ସୁନାମୀର ମୁକାବିଲା ନିମନ୍ତେ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି । ଗତ ଗୁରୁବାର, ସେପ୍ଟେମ୍ବର ୨ତାରିଖ ଦିନ ବାହାନଗା ବ୍ଲକ ଅଭଣାଠାରେ ଏକ ଗ୍ରାମ୍ୟସ୍ତରୀୟ ସୁନାମୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଅଗଷ୍ଟ ୨୫ ଓ ୨୬ତାରିଖ ଦିନ ଜିଲ୍ଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଭଣାର ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ଶିବିରରେ ଗ୍ରାମବାସୀମାନଙ୍କୁ ସମ୍ଭାବ୍ୟ ସୁନାମୀ ମୁକାବିଲା ଏବଂ ଉଦ୍ଧାର କୌଶଳ ସମ୍ପର୍କରେ ସଚେତନ କରାଯାଇଥିଲା । ସେହିପରି ସ୍ଥାନୀୟ ସଦଭାବନା ସଭାଗୃହ ଏବଂ ବାଲେଶ୍ୱର ସଦର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଭବେଶ କୁମାର ନାୟକ ଅଧ୍ୟକ୍ଷତା କରି ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଏହି ପ୍ରଶିକ୍ଷଣ ଶିବିର ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ଏଥିରେ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ୍, ସଦର ଏବିଡିଓ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓସଡାମା ଶ୍ରୀ ଅବନୀକାନ୍ତ ଭୂୟାଁ, ଓସଡାମା ସିଷ୍ଟମ ଏକ୍ସପର୍ଟ ଶ୍ରୀ ଅରବିନ୍ଦ ରାୟ ପ୍ରମୁଖ ଏଥିରେ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ । ସିଭିଲ ଡିଫେନ୍ସର ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ବିଶ୍ୱରଞ୍ଜନ କୁଅଁର ଏବଂ ଓଡ୍ରା'ର ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ଗୋପାଳ ହେମ୍ବ୍ରମ ସୁନାମୀ ସଚେତନତା, ସୁନାମୀ ସମୟରେ ସତର୍କତା, ସୁରକ୍ଷା ପାଇଁ ପଦକ୍ଷେପ, କୌଶଳ ଆଦି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସିଷ୍ଟମ ଏକ୍ସପର୍ଟ ଶ୍ରୀ ରାୟ ଦୃଶ୍ୟଶ୍ରାବ୍ୟ 'ଳକ ମାଧ୍ୟମରେ ତଥ୍ୟଭିତ୍ତିକ ଉପସ୍ଥାପନା ରଖିଥିଲେ । ଉଲ୍ଲେଖଯୋଗ୍ୟ କି ବାଲେଶ୍ୱର ଜିଲ୍ଲାର ୫ଗୋଟି ସୁନାମୀପ୍ରବଣ ବ୍ଲକର ୬୩ଗୋଟି ଗ୍ରାମରେ ଥିବା ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମାଷ୍ଟର ଟ୍ରେନର ହେବା ପାଇଁ ଏହି ଶିବିରରେ ଯୋଗ ଦେଇ ତାଲିମ ନେଇଥିଲେ । ସେମାନେ ନିଜ ନିଜ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସୁନାମୀ ପ୍ରସ୍ତୁତି ଉପରେ ତାଲିମ ଦେବା ସହ ସମସ୍ତଙ୍କୁ ସଚେତନ କରାଇବେ। ଏହି କର୍ମଶାଳାକୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓସଡାମା ଶ୍ରୀ ଅବନୀକାନ୍ତ ଭୂୟାଁ ପରିଚାଳନା କରିଥିଲେ ।

# ମଟର ସାଇକେଲ ଧକ୍କା ଦେଲା ଟେମ୍ପୁକୁ : ୪ ଆହତ

ବସ୍ତା,୦୩/୦୯ (ନି.ପ୍ର): ଦୁଇ ମଦ୍ୟପ ବାଇକ୍ ଆରୋହି ଙ୍କ ଧକ୍କାରେ ତିନିଜଣ ମହିଳା ସମେତ ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି। ବସ୍ତା ଥାନା ଦରଡ଼ା ଛକ ନିକଟରେ ଅପରାହ୍ନରେ ଦୁର୍ଘଟଣା ।ଛି ସିଂଲା ଥାନା ତେନ୍ତୁଲା ଗ୍ରାମର ବବି ରାଣୀ ଜେନା,କବିତା ଜେନା ଓ ମମତା ଜେନା ଏକ ଓଟ ଯୋଗେ ବସ୍ତା ବ୍ଲୋକ କୁ ଆସି ଫେରୁଥିବା ସମୟରେ ଦରଡ଼ା ଛକ ନିକଟରେ ଅପରପଟୁ ଆସୁଥିବା ବାଇକ୍ ତାଙ୍କ ଅଟୋ ଉପରେ ଚଢ଼ି ଯାଇଥିଲା। ବାଇକ୍ ଆରୋହୀ ଦ୍ୱୟ ପ୍ରବଳ ମଦ୍ୟପାନ କରିଥିବା ବେଳେ ଦୃତ ଗତିରେ ଆସି ଓଟକୁ ଧକ୍କା ଦେଇଥିଲେ। ଘଟଣା ସ୍ଥଳରେ ବବି ରାଣୀ ସମେତ ତିନିଜଣ ମହିଳା ଗୁରୁତର ଆହତ ହୋଇଥିବା ବେଳେ ନହଞ୍ଚରା ଗ୍ରାମର ଚିତ୍ତରଞ୍ଜନ ପ୍ରଧାନ ଓ କିରଣ ମହାପାତ୍ର ନାମକ ବାଇକ୍ ଆରୋହୀ ମଧ ଦୁର୍ଘଟଣା ଘଟାଇ ଗୁରୁତର ଆହତ ହୋଇଥିଲେ। ସମସ୍ତ ଗୁରୁତର ଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ନେଇଥିଲେ। ମାତ୍ର ଜଣେ ମହିଳା ଙ୍କ ମୁଣ୍ଡ ରେ ଶକ୍ତ ଭାବେ ଧକ୍କା ହୋଇଥିବା ବେଳେ ଅନ୍ୟ ଜଣେ ମହିଳାଙ୍କ ଛାତିରେ ପ୍ରବଳ ମାଡ଼ ହୋଇଥିବାରୁ ଦୁଇଜଣ କୁ ବାଲେଶ୍ୱର ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ୍ ସହିତ ଓଟକୁ ଜବତ କରିଛି।

# ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଖଡଗପୁର ଡିଆରଏମଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା,୦୩/୦୯ (ନି.ପ୍ର): ଆଜି ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ପକ୍ଷରୁ ମୟୁରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଖଡଗପୁର ଡିଭିଜନ ଡିଆରଏମ ଙ୍କୁ ୨ ଦଫା ଦାବି ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରା ଯାଇଛି । ସଂଗଠନର ଦାବୀ ମୁତାବକ ବାଙ୍ଗରିପୋଷୀ -ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ କରୋନା ପାଇଁ କିଛି ମାସ ବନ୍ଦ ରହିବା ପରେ ଚାଲୁ ହୋଇଥିବା ଟ୍ରେନକୁ ସତନ୍ତ୍ର ଟ୍ରେନ ଘୋଷଣା କରା ଯାଇ ରେଳବାଇ ପକ୍ଷରୁ ଅନଲାଇନ ଟିକଟ କାଟିବା ବାଧାତାମୂଳକ କରା ଯାଇଛି । ରେଳ ଷ୍ଟେସନ ରେ ଟିକଟ ଉପଲୋବ୍ଧ ନହେବା ଦ୍ୱାରା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଗରିବ, ଖଟିଖିଆ ଲୋକ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଜରୁରୀ କାମରେ ଟ୍ରେନ ଚଢ଼ି ଯାଉଛନ୍ତି ଏବଂ ଧରାପୋଡିଲେ ଅଜଥାରେ ଫାଇନ ଗୋଣୁଛନ୍ତି । ଫାଇନ ଦେଇ ନପାରିଲେ ଆଗ ଷ୍ଟେସନ ରେ ଓହ୍ଲାଇ ଦେଉଛନ୍ତି । ତେଣୁ ସଂଗଠନ ପକ୍ଷରୁ ତୁରନ୍ତ ଷ୍ଟେସନ ମାନଙ୍କରେ ଟିକଟ ବିକ୍ରି ବ୍ୟବସ୍ଥା କୋରାଯିବା, ଚାଲୁଥିବା ଡ଼ିଏମୟୁ ଟ୍ରେନଟି ବାଲେଶ୍ୱର ପ୍ରଯନ୍ତ ଚାଲୁଥିଲା କିନ୍ତୁ କରୋନା ପରଠୁ ତାହା ବାଲେଶ୍ୱର ପ୍ରଯନ୍ତ ନଯାଇ ରୁପ୍ସା ଷ୍ଟେସନ ପର୍ଯ୍ୟନ୍ତ ଯାଉଥିବାରୁ ଲୋକେ ହଇରାଣ ହେଉଛନ୍ତି ଏଣୁ ତୁରନ୍ତ ଡ଼ିଏମୟୁ ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବା ଦାବୀ କରାଯାଇଛି । ଏହି ପ୍ରତିନିଧି ମଣ୍ଡଳୀରେ ସଂଗଠନର ସଭାପତି ଧରମରାଜ ହାଁସଦାଙ୍କ ସହିତ ବାରିପଦା ସବଡ଼ିଭିଜନ ସଭାପତି ରଜତ ହାଁସଦା, ଡିଭିସିଜନ ସମ୍ପାଦକ ବୁଦ୍ଧିରାମ ମାର୍ଣ୍ଡି, ମୁନା ମାର୍ଣ୍ଡି, ଆନନ୍ଦ ବାସ୍କେ, ପଦନ ମୁର୍ମୁ, ରୁହିଆ ଟୁଡ୍ଡୁ, ଖେଳାରାମ ମାର୍ଣ୍ଡି, ଜଗନ୍ନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ କରୋନାରେ ଆଉ ୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୦୩୫ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଗଂଜାମରୁ ସର୍ବାଧିକ ୨ଜଣ କରୋନା ଆକ୍ରାନ୍ତ ରହିଥିବା ବେଳେ ବାଲେଶ୍ୱର, କଟକ, ଢେଂକାନାଳ ଓ କେନ୍ଦ୍ରାପଡାରୁ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ଶବଦାହ ସମ୍ପର୍କିତ ସୂଚନା ଲାଗି ଜାରିହେଲା ଫୋନ୍ ନମ୍ବରର

ପୁରୀ,୦୩/୦୯ (ନି.ପ୍ର): ଏଣିକି ସ୍ୱର୍ଗଦ୍ୱାରରେ ଶବ ସଂସ୍କାର ଓ ସେଠାରେ ଉପଲବ୍ଧ ସେବା ସମ୍ପର୍କରେ ଜନସାଧାରଣଙ୍କୁ ସହଜରେ ସୂଚନା ମିଳିବ। ଏଥିଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଟେଲିଫୋନ୍ ନମ୍ବର ଜାରି କରାଯାଇଛି। ସ୍ୱର୍ଗଦ୍ୱାରକୁ ଶବ ସଂସ୍କାରପାଇ ଆସୁଥିବାବ୍ୟକ୍ତିଙ୍କ ସମ୍ପର୍କୟମାନେ ୦୬୭୫୨-୨୯୧୨୯୧ ନମ୍ବରକୁ କଲ୍ କଲେ ଶବଦାହ ସମ୍ପର୍କିତ ସମସ୍ତ ସୂଚନା ପାଇପାରିବେ। ସ୍ୱର୍ଗଦ୍ୱାରର ଉନ୍ନତିକରଣ ଜାରି ରହିଥିବାବେଳେ ଶବସଂସ୍କାର ପାଇ ଆସୁଥିବା ବ୍ୟକ୍ତମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo